

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୧ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 11 FEBRUARY 2022

Vol.No. 33 ■ No. 40 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଉଛି....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଇଭିଏମରେ ସିଲ୍ ହେଲା ୬୨୩ ପ୍ରାର୍ଥୀଙ୍କ ଭାଗ୍ୟ



ନୂଆଦିଲ୍ଲୀ, ୧୦/୦୨ : ୟୁପିରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଛି । ପଶ୍ଚିମ ୟୁପିର ୫୮ଟି ଆସନରେ ଭୋଟ୍ ପଡିଛି । ତେବେ ଏହି ଅଞ୍ଚଳର ଅଧିକାଂଶ ଚାଷୀ କୃଷି ଆଇନକୁ ବିରୋଧ କରି ଦିଲ୍ଲୀ ସୀମାରେ ବସିଥିଲେ । ଯାହାର ଫାଇଦା ନେବ ବୋଲି ସମାଜବାଦୀ ପାର୍ଟି ଲକ୍ଷ୍ୟ ରଖିଛି । ଅନ୍ୟପଟେ ୨୦୧୭ରେ ବିଜେପି ଏହିଠାରୁ ୫୩ଟି ଆସନରେ ବିଜୟୀ ହୋଇଥିଲା । ଏଥର ମଧ୍ୟ ପୂର୍ବ ଫଳାଫଳ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି ବିଜେପି । ୟୁପିରେ ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟ୍ ପଡିଛି । ପଶ୍ଚିମ ୟୁପିର ୧୧ ଜିଲ୍ଲାର ୫୮ଟି ଆସନ ପାଇଁ ୬୨୩ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ପଡିଛି । କୋଭିଡ କଟକଣା ଭିତରେ ୨୫ ହଜାର ୮୪୯ଟି ମତଦାନ କେନ୍ଦ୍ରରେ ଲୋକେ ନିଜର ଅଧିକାର ସାବ୍ୟସ୍ତ କରିଛନ୍ତି । ଚାଷୀ ନେତା ରାକେଶ ଟିକାୟତ ମଧ୍ୟ ନିଜ ପରିବାର ସହିତ ଯାଇ ମତଦାନ କରିଛନ୍ତି । ତେବେ ବିଭିନ୍ନ ସ୍ଥାନରେ ଇଭିଏମ ଖରାପ ହେବାର ଖବର ଆସିଥିଲା ପରେ ସ୍ୱାଭାବିକ ହୋଇଥିଲା । ଏଥିସହିତ ନକଲି ଭୋଟର ଧରାପଡି ଗିରଫ ହୋଇଛନ୍ତି । ଆଉ ଗରିବ ଭୋଟରଙ୍କୁ ଡରାଇ ଧମକାଇ ଭୋଟ୍ ନଦେବାକୁ ଶାସକ ଦଳ ଚାପ ପକାଉଛି ବୋଲି ବିରୋଧୀ ସମାଜବାଦୀ ପାର୍ଟି ଅଭିଯୋଗ କରିଛି । ୟୁପିରେ ଏଥର ଭୋଟିଂ ପ୍ରକ୍ରିୟା ଉତ୍ସାହ ରହିଛି । ଯେଉଁଭଳି ମତଦାନ ହେଉଛି ବହୁ ପୂର୍ବରୁ ଫଳାଫଳ ଆସିଯିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ କହିଛନ୍ତି । ୨୦୧୭ ବିଧାନସଭା ନିର୍ବାଚନ ବେଳେ ଏହି ପଶ୍ଚିମ ୟୁପିରେ ବିଜେପି ବାଜିମାତ କରିଥିଲା । ମୋଟ୍ ୫୮ ବିଧାନସଭା ଆସନରୁ ୫୩ଟି ଆସନରେ ବିଜେପି ବିଜୟୀ ହୋଇଥିବା ବେଳେ ୬୪ ପ୍ରତିଶତ ମତଦାନ ହୋଇଥିଲା । ଯଦିଓ ବିଜେପି ଏହି ଆସନରୁ ଭୋଟ୍ ପାଇବ ବୋଲି ଆଶା ରଖିଛି କିନ୍ତୁ କୃଷି ଆଇନ ପାଇଁ ଉପୁଜିଥିବା ବିବାଦ ପାଇଁ ଏବେ ଦୋଛକିରେ ବିଜେପି ରହିଛି । ୟୁପିରେ ସରକାର ଗଢିବାକୁ ହେଲେ ପଶ୍ଚିମ ୟୁପି ଗୋଟିଏ ବଡ ଭୂମିକା ନିର୍ବାହ କରେ । ତେଣୁ ଏପରି ସ୍ଥିତିରେ ଆଜିର ମତଦାନ ସୂଚାଇବ ପରବର୍ତ୍ତୀ ୬ଟି ପର୍ଯ୍ୟାୟରେ କିପରି ରହିବ ମତଦାନ ।

## ପୁଅକୁ ନ୍ୟାୟ ଦାବିରେ ଡିସିପି ଅଫିସ୍‌ରେ ସୌମ୍ୟଙ୍କ ପରିବାର

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ଯୁବ ବ୍ୟବସାୟୀ ସୌମ୍ୟ ରଞ୍ଜନ ପାଣିଗ୍ରାହୀ ଆତ୍ମହତ୍ୟା ମାମଲାରେ ନ୍ୟାୟ ପାଇଁ ଡିସିପି ଅଫିସରେ ପହଂଚିଛନ୍ତି ମୃତ ସୌମ୍ୟଙ୍କ ପରିବାର ଲୋକ । ସୌମ୍ୟଙ୍କ ବାନ୍ଧବୀ ସୋନାଲି ନନ୍ଦ ଓ ତାଙ୍କ ମାଙ୍କୁ ଗିରଫ ଦାବି କରି ଲିଖିତ ଭାବେ ଜଣାଇଛନ୍ତି । ଯୁବ ବ୍ୟବସାୟୀ ସୌମ୍ୟ ରଞ୍ଜନ ପାଣିଗ୍ରାହୀ ଆତ୍ମହତ୍ୟା ଘଟଣାକୁ ୧୨ ଦିନ ବିତିବାକୁ ବସିଲାଣି । ସୋନାଲି ଓ ତାଙ୍କ ମାଙ୍କ ଯୋଗୁଁ ସୌମ୍ୟ ଆତ୍ମହତ୍ୟା କରିଥିବା ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ ତାଙ୍କ ପରିବାର । ସୌମ୍ୟଙ୍କୁ ଫୋନରେ ଆତ୍ମହତ୍ୟା ନେଇ ଉସକାଇଥିବା ମଧ୍ୟ ଅଭିଯୋଗ କରିଥିଲେ । ପୁଅର ଆତ୍ମହତ୍ୟା ପଛରେ ସମ୍ପୃକ୍ତ ଯୁବତୀଙ୍କ ହାତ ରହିଥିବା କହିଛନ୍ତି ତାଙ୍କ ଭଉଣୀ ଓ ମା ।

# ଲଖିମପୁର ଖେରି ହିଂସାକାଣ୍ଡ ମାମଲାରେ ଆଶିଷ ମିଶ୍ରାଙ୍କୁ ଜାମିନ



ନୂଆଦିଲ୍ଲୀ, ୧୦/୦୨ : ଲଖିମପୁର ଖେରି ହିଂସାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ଆଶିଷ ମିଶ୍ରାଙ୍କୁ ଜାମିନ୍ ମିଳିଛି । ଆଶିଷଙ୍କ ବିରୋଧରେ ୩୦୨ ଭଳି ଦଫା ଲାଗିଛି । ଏପରି ସ୍ଥିତିରେ ତାଙ୍କୁ କେମିତି ଶୀଘ୍ର ଜାମିନ୍ ମିଳିଲା ସେ ନେଇ ପ୍ରଶ୍ନ ଉଠାଇଛନ୍ତି ଚାଷୀ ନେତା ରାକେଶ ଟିକାୟତ । ସେପଟେ ଜଣେ ସାଧାରଣ ଲୋକ ବିରୋଧରେ ସମାନ ଦଫା ଲାଗିଥିଲେ ଏମିତି ଶୀଘ୍ର ଜାମିନ୍ ମିଳିବ କି ବୋଲି ଟିକାୟତ ପ୍ରଶ୍ନ କରିଛନ୍ତି । ଅନ୍ୟପଟେ ନିର୍ବାଚନ ବେଳେ ଆଶିଷ ଜାମିନ୍ ପାଇବା ପରେ ବଦଳିପାରେ ୟୁପି ରାଜନୀତିର ସମୀକରଣ । ପଶ୍ଚିମାଞ୍ଚଳ ୟୁପିରେ ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟିଂ ଚାଲିଥିବା ବେଳେ ଜାମିନ୍ ପାଇଛନ୍ତି କେନ୍ଦ୍ର ଗୃହରାଜ୍ୟ ମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା । ୟୁପି ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ଆଶିଷଙ୍କୁ ଜାମିନ ପ୍ରଦାନ କରିଛନ୍ତି । ବଡ କଥା ହେଲା ଆଜି ଆଶିଷଙ୍କ ବାପା ଓରଫ ମନ୍ତ୍ରୀ ଟେନି ସକାଳେ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଥିଲେ । ଆଉ ଗତକାଲି ପ୍ରଧାନମନ୍ତ୍ରୀ ଏକ ସାକ୍ଷାତକାରରେ କହିଥିଲେ ଖେରି ହିଂସାକାଣ୍ଡ ମାମଲା ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଚାଲିଛି । ପ୍ରଥମ ଥର ପାଇଁ ମୋଦି ଏହି ପ୍ରସଙ୍ଗରେ ମୁହଁ ଖୋଲିବା ପର ଦିନ ଆଶିଷ ଜାମିନ ପାଇବା ନେଇ ପ୍ରଶ୍ନ ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୨୧ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨୧ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୮୧୮ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୨ଜଣ ମୃତକ ଅଛନ୍ତି । ଅପରପକ୍ଷରେ ଖୋର୍ଦ୍ଧା, ଭଦ୍ରକ ଓ ଗଞ୍ଜାମ ଜିଲ୍ଲାର ଦୁଇ ଜଣ ଲେଖାଏଁ ସଂକ୍ରମିତ ପ୍ରାଣ ହରାଇଛନ୍ତି । ଏଣେ ବାଲେଶ୍ୱର କନ୍ଧମାଳ ଓ ସମ୍ବଲପୁର ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଅଛନ୍ତି ।

# ୧୪ରୁ ଖୋଲିବ ସ୍କୁଲ, ୨୮ରୁ ଆସିବେ ପିଲା



ଭୁବନେଶ୍ୱର, ୧୦/୦୨ (ନି.ପ୍ର): ଆସନ୍ତା ୧୪ ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ଖୋଲିବ । କିନ୍ତୁ ପିଲାମାନେ ୨୮ ତାରିଖରୁ ସ୍କୁଲ୍ ଯିବେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ଏହି ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏନେଇ ଗଣଶିକ୍ଷା ସଚିବ ସମସ୍ତ ଜିଲ୍ଲାପାଳ ଓ ଡିଇଓମାନଙ୍କୁ ଚିଠି ଲେଖିଛନ୍ତି । ଭୋଟ୍ ପାଇଁ ସ୍କୁଲ୍ ଗୁଡ଼ିକରେ ବୁଥ୍ ହେବାକୁ ଥିବାରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଫେବ୍ରୁଆରୀ ୨୭ ପର୍ଯ୍ୟନ୍ତ ପିଲାଙ୍କର ଅନ୍ ଲାଇନ୍ କ୍ଲାସ ହେବ । ୧୪ରୁ ସମସ୍ତ ଶିକ୍ଷକ ଓ କର୍ମଚାରୀ ସ୍କୁଲ୍ ଯିବେ । ସ୍କୁଲକୁ ଯାଇ ସେମାନେ ଏହା ପରିସରର ସଫେଇ କାର୍ଯ୍ୟ ତଦାରଖ କରିବେ । ପୂର୍ବରୁ ରାଜ୍ୟ ସରକାର ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାଙ୍କ ନିମନ୍ତେ ବିଦ୍ୟାଳୟରେ ପାଠପଢ଼ା ନିଷ୍ପତି ନେଇଥିଲେ ମଧ୍ୟ ଦୀର୍ଘ ଦୁଇ ବର୍ଷ ଧରି ବିଦ୍ୟାଳୟଗୁଡ଼ିକ ବନ୍ଦ ଥିବା ଯୋଗୁଁ ଏଗୁଡ଼ିକର ସଫେଇ, ସାମାନ୍ୟ ମରାମତି ଏବଂ ପିଲାମାନଙ୍କ ନିମନ୍ତେ ଉତମ ପରିବେଶ ସୃଷ୍ଟି ନିମନ୍ତେ ସମୟର ଆବଶ୍ୟକତା ରହିଛି । ଏଥି ସହିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଶିକ୍ଷକମାନେ ନିୟୋଜିତ ହେବେ । ଏଥି ସହିତ ନିର୍ବାଚନ ସମୟରେ ପୋଲିସ ଏବଂ ନିର୍ବାଚନ ଅଧିକାରୀମାନଙ୍କ ଗହଳି ଯୋଗୁଁ କୋଭିଡ୍ -୧୯ ସଂକ୍ରମଣର ଆଶଙ୍କା ମଧ୍ୟ ରହିଛି । ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଉପରୋକ୍ତ ମର୍ମରେ ନିଷ୍ପତି ନିଆଯାଇଛି । ଫେବୃଆରୀ ୨୮ରେ ଅଫ୍ ଲାଇନ୍ ପାଠପଢ଼ା ଆରମ୍ଭ ହେଲେ ମଧ୍ୟ ୧୪ ତାରିଖଠାରୁ ସମସ୍ତ ଶିକ୍ଷକ ଓ କର୍ମଚାରୀ ବିଦ୍ୟାଳୟରେ ଯୋଗଦେବେ ଏବଂ ବିଦ୍ୟାଳୟର ଉପଯୁକ୍ତ ସାନିଟାଇଜେସନ୍‌କୁ ସୁନିଶ୍ଚିତ କରାଇବେ । ଏହି ସମୟ ମଧ୍ୟରେ ପିଲାମାନଙ୍କର ଅନ୍‌ଲାଇନ୍ ପାଠପଢ଼ା ଜାରି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ । ଉଲ୍ଲେଖନୀୟ ଯେ ଗତ ୭ ତାରିଖରୁ ଅଷ୍ଟମରୁ ତଦୁର୍ଦ୍ଧ ଶ୍ରେଣୀ ଖୋଲି ସାରିଛି । ସବୁ କଲେଜ ଓ ବିଶ୍ୱବିଦ୍ୟାଳୟ ବି ଖୋଲି ସାରିଛି । କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ସରକାର ପ୍ରଥମରୁ ସପ୍ତମ ଶ୍ରେଣୀ ଥିବା ସ୍କୁଲ୍ ଗୁଡ଼ିକୁ ମଧ୍ୟ ଫେବ୍ରୁଆରୀ ୧୪ ତାରିଖରୁ ଖୋଲିବାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ । ୧୪ରୁ ପ୍ଲେ ସ୍କୁଲ୍ ଗୁଡ଼ିକୁ ଖୋଲିବାକୁ ମଧ୍ୟ ଅନୁମତି ଦିଆଯାଇଛି ।

# ଭିଜିଲାନ୍ସ ଜାଲରେ ଡେପୁଟି ମ୍ୟାନେଜର



ସମ୍ବଲପୁର, ୧୦/୦୨ (ନି.ପ୍ର): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମଲେଶ୍ୱରୀ ମିଲ୍ ?କ ୟୁନିଅନ୍ ଡେପୁଟି ମ୍ୟାନେଜର କିଶୋର ନାୟକଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି । କିଶୋରଙ୍କ ସମ୍ବଲପୁରର ସାକ୍ଷୀପଡ଼ାରେ ଥିବା ଦୁଇ ମହଲା ଘର, ପୁରୀ ସ୍ଥିତ ପୈତୃକ ଘର, ଭୁବନେଶ୍ୱରର ଥିବା ଆପାର୍ଟମେଣ୍ଟ୍ ଓ ତାଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି । କିଶୋର ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଅଭିଯୋଗ ହୋଇଥିଲା । ଯାହା ପରେ ଭିଜିଲାନ୍ସ ବିଭାଗ ଘଟଣାର ତଦନ୍ତ କରି ଆଜି ଭୋରରୁ କିଶୋରଙ୍କ ଘରେ ଚଢ଼ାଉ କରିଥିଲା । ଚଢ଼ାଉକୁ ନେଇ ସମଲେଶ୍ୱରୀ ମିଲ୍କ ୟୁନିଅନ୍ ଡେପୁଟି ମ୍ୟାନେଜର କିଶୋର ନାୟକ କହିଛନ୍ତି, 'ମୋର ପାଖରେ ଆୟ ବର୍ହିଭୂତ ସମ୍ପତ୍ତି ନାହିଁ । ସମ୍ବଲପୁରର ସାକ୍ଷୀପଡ଼ାରେ ଥିବା ଦୁଇ ମହଲା ଘର ଓ ଭୁବନେଶ୍ୱରର ଥିବା ଆପାର୍ଟମେଣ୍ଟ୍ ମୁଁ ଲୋନରେ କରିଛି । ମୋର ଚାକିରିକୁ ୩୬ବର୍ଷ ହେଲାଣି ।'

# ସ୍ଥାନାନ୍ତର ହେବ ୟୁନିଟ-୧ ପରିବା ମାର୍କେଟ୍



ଭୁବନେଶ୍ୱର, ୧୦/୦୨ (ନି.ପ୍ର): ଭୁବନେଶ୍ୱର ସ୍ଥିତ ୟୁନିଟ-୧ ପରିବା ହୋଲ୍‌ସେଲ୍ ମାର୍କେଟ ସ୍ଥାନାନ୍ତର ହେବ । ରାଜଧାନୀ ଉପକଣ୍ଠସ୍ଥ ଭଗବାନପୁରକୁ ଏହା ସ୍ଥାନାନ୍ତରିତ ହେବ । ଏଥିପାଇଁ ସେଠାରେ ୧୦ ଏକର ଜମି ଚିହ୍ନଟ କରାଯାଇଛି । ପରିବା ହୋଲ୍‌ସେଲ୍ ମାର୍କେଟ୍ ପାଇଁ ସେଠାରେ ଆବଶ୍ୟକ ଭିତିଭୂମି ରହିଛି । ପରିବା ମାର୍କେଟ୍ ପାଇଁ ହେଉଥିବା ଗହଳି କମାଇ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ବିଏମ୍‌ସି ପକ୍ଷରୁ ଏହି ନିଷ୍ପତି ନିଆଯାଇଛି । ଏନେଇ ଆଜି ବିଏମ୍‌ସିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ମାର୍କେଟ୍ ସ୍ଥାନାନ୍ତର ନିଷ୍ପତିକୁ ସ୍ୱାଗତ କରିଛି ରାଜଧାନୀ କଂଚା ପରିବା ବ୍ୟବସାୟୀ ମହାସଂଘ । କଂଚା ପରିବା ବ୍ୟବସାୟୀ ମହାସଂଘର ସଭାପତି କବିରାଜ ସ୍ୱାଇଁ କହିଛନ୍ତି ୧୯୫୭ ମସିହାରୁ ୟୁନିଟ-୧ରେ ୪ ଏକର ଜାଗା ଉପରେ ଅଛି ପରିବା ହୋଲ୍‌ସେଲ୍ ମାର୍କେଟ । ଏବେ ଏଠାରେ ୪୯ ଜଣ ପରିବା ହୋଲ୍ ସେଲ୍ ବ୍ୟବସାୟୀ ଅଛନ୍ତି । ପ୍ରତିଦିନ ଏଠାକୁ ୨୦୦ ଟ୍ରକ ଯିବା ଆସିବା କରୁଛି । ତେବେ ଏଠାରେ ସ୍ଥାନ ଅଭାବରୁ ପରିବା ହୋଲସେଲ ମାର୍କେଟକୁ ସ୍ଥାନାନ୍ତର କରିବା ଲାଗି ୨୦୦୭ରୁ ଦାବି କରି ଆସୁଥିଲା ସଂଘ । ନୂଆ ମାର୍କେଟରେ ୪୯ ଜଣ ବ୍ୟବସାୟୀଙ୍କ ପାଇଁ ଗୋଦାମ ଘର ବ୍ୟବସ୍ଥା କରାଯିବା ଦରକାର । ଏହାସହ ପାଣି, ବିଜୁଳି ଓ ସଡ଼କ ଭଳି ଅନ୍ୟ ଆନୁଷଙ୍ଗିକ ସୁବିଧା କଲେ ପରିବା ହୋଲସେଲ ବ୍ୟବସାୟୀ ସେଠାକୁ ସ୍ଥାନାନ୍ତର ହେବେ ।

## ହାଇକୋର୍ଟରେ ୩ ନୂଆ ବିଚାରପତିଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ଓଡ଼ିଶା ହାଇକୋର୍ଟରେ ୩ ଜଣ ନୂଆ ବିଚାରପତି ନିଯୁକ୍ତ ହୋଇଛନ୍ତି । ରାଷ୍ଟ୍ରପତି ରାମନାଥ କୋଭିନ୍ଦ ଭି.ନରସିଂହ, ବିରଜା ପ୍ରସନ୍ନ ଶତପଥୀ ଓ ମୁରାହରି ରମଣଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତିଭାବେ ନିଯୁକ୍ତ କରିଛନ୍ତି । ଏ ସଂପର୍କରେ ଆଜି କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ପ୍ରଚାର ବେଳେ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଘେରିଲେ ଲୋକେ



ଭୁବନେଶ୍ୱର, ୧୦/୦୨ (ନି.ପ୍ର): ପ୍ରଚାର ବେଳେ ହଟହଟା ହେଲେ ମନ୍ତ୍ରୀ । ପ୍ରଫୁଲ୍ଲ ମଲ୍ଲିକଙ୍କୁ ଘେରିଲେ ଲୋକେ । ପ୍ରଚାର କରିବାକୁ ଯାଇଥିବା ବେଳେ ଢେଙ୍କାନାଳ ସାଙ୍କୁଲେଇ ପଂଚାୟତର ଲୋକେ ତାଙ୍କୁ ଘେରି ଯାଇଥିଲେ । ୨ ନମ୍ବର ଜୋନଜିଲ୍ଲା ପରିଷଦ ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରିବାକୁ ଯାଇଥିଲେ ମନ୍ତ୍ରୀ । ସାଙ୍ଗରେ ଅନ୍ୟ ଜଣେ ସରପଂଚ ପ୍ରାର୍ଥିନୀଙ୍କୁ ମଧ୍ୟ ନେଇଥିଲେ । ଏହାକୁ ଗାଁ ଲୋକେ ବିରୋଧ କରିଥିଲେ । ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀ ବୋଲି ପ୍ରଚାର କରି ଶାନ୍ତି ସୃଷ୍ଟି କରୁଥିବା ଅଭିଯୋଗ କରି ମନ୍ତ୍ରୀଙ୍କୁ ଘେରି ଯାଇଥିଲେ ବଳଭଦ୍ରପୁର ଶାସନ ଶାନ୍ତି କମିଟିର ସଦସ୍ୟମାନେ । ଗାଁରେ ବିଜେଡି ସମର୍ଥକମାନେ ଅଶାନ୍ତି ବାତାବରଣ ନକରନ୍ତୁ ବୋଲି ମନ୍ତ୍ରୀଙ୍କୁ ଜଣାଇଥିଲେ ।

## ଦେଶରେ କମୁଛି କରୋନା ସଂକ୍ରମଣ, ବଢୁଛି ମୃତ୍ୟୁ ସଂଖ୍ୟା

ନୂଆଦିଲ୍ଲୀ, ୧୦/୦୨ : ଧୀରେ ଧୀରେ ତଳମୁହାଁ ହେଉଛି କରୋନା । ଦେଶରେ କମିଲାଣି ଦୈନିକ ସଂକ୍ରମଣ । ହେଲେ କରୋନା ଜନିତ ମୃତ୍ୟୁ ସଂଖ୍ୟାରେ କିନ୍ତୁ ବ୍ରେକ ଲାଗୁନି । ଏହା ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି । ଗତ ୨୪ ଘଣ୍ଟାରେ ▶▶ପୃଷ୍ଠା ୭

# ହିଜାବ ବିବାଦରେ ମୁହଁ ଖୋଲିଲେ ମୋଦି



ଲକ୍ଷ୍ନୌ, ୧୦/୦୨ : ହିଜାବ ପ୍ରସଙ୍ଗକୁ ନେଇ ବିବାଦ ଘନୀଭୂତ ହେଉଥିବା ବେଳେ ଏଥିପାଇଁ ବିରୋଧୀଙ୍କୁ ଦାୟୀ କରି ପ୍ରବଳ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆଜି ଉତ୍ତରପ୍ରଦେଶରେ ଏକ ନିର୍ବାଚନ ରାଲିରେ ଯୋଗ ଦେଇ ମୋଦି ସିଧାସଳଖ 'ହିଜାବ' ଶବ୍ଦ ନ ଉଠାଇଥିଲେ ମଧ୍ୟ ମୁସଲିମ ଝିଅମାନଙ୍କର ଅଧିକାର ପ୍ରସଙ୍ଗ ଉଠାଇ ବିରୋଧୀଙ୍କୁ ନିଶାନା କରିଥିଲେ । ଏହି ଘଟଣା ପାଇଁ ସେ ପରୋକ୍ଷରେ ବିରୋଧୀଙ୍କୁ ଦାୟୀ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ, ମୁସଲିମ ମହିଳାଙ୍କର ଅଧିକାରକୁ ସଙ୍କୁଚିତ କରିବା ପାଇଁ ବିରୋଧୀ ନୂଆ ନୂଆ କୌଶଳ ପ୍ରୟୋଗ କରୁଛନ୍ତି । ମୁସଲିମ ମହିଳାଙ୍କୁ ବିଜେପି ସରକାର ତିନି ତଲାକ ସମସ୍ୟାରୁ ମୁକ୍ତି ଦେଇଛି । ଯେତେବେଳେ ମୁସଲିମ ମହିଳମାନେ ମୋଦିଙ୍କୁ ସମର୍ଥନ କଲେ ଓ ଗୋଟିଏ ପରେ ଗୋଟିଏ ଭିଡିଓ କରି ଛାଡ଼ିଲେ, ତାହା ବିରୋଧୀଙ୍କୁ ସହ୍ୟ ହେଲା ନାହିଁ । ତେଣୁ ସେମାନେ ମୁସଲିମ ମହିଳାଙ୍କୁ ବିଭ୍ରାନ୍ତ କରିବାକୁ ଲାଗିଲେ । କିନ୍ତୁ ଆମେ ସମସ୍ତ ମୁସଲିମ ମହିଳାଙ୍କ ସହ ଅଛୁ । ସେମାନଙ୍କ ବିକାଶ ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ । ଆଜି ଉତ୍ତରପ୍ରଦେଶର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ବାକି ପର୍ଯ୍ୟାୟ ପାଇଁ ପ୍ରଧାନମନ୍ତ୍ରୀ ▶▶ପୃଷ୍ଠା ୭

# ପୂର୍ବତନ ପ୍ରଶାସନିକ ଅଧିକାରୀ ବିଜେଡି ପ୍ରାର୍ଥୀଙ୍କ ପାଇଁ କରୁଛନ୍ତି ଭୋଟ ଅପିଲ୍

ଗଞ୍ଜାମ, ୧୦/୦୨ (ନି.ପ୍ର): ଗଞ୍ଜାମ ରାଜନୀତିରେ ଏବେ ଦୁଇ ପୂର୍ବତନ ଅଧିକାରୀ ଚର୍ଚ୍ଚାରେ ରହିଛନ୍ତି । ଗୋପାଳପୁରରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ନିଜର ଶକ୍ତି ବଢ଼ାଉଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳିକାଟୁ ପ୍ରତିନିଧି ଶରତ ମହାପାତ୍ର ସେଠାରେ ପ୍ରଚାରର ମଙ୍ଗ ଧରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ଏବଂ ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳିକାଟୁ ପ୍ରତିନିଧି ଶରତ ମହାପାତ୍ର । ପଞ୍ଚାୟତ ନିର୍ବାଚନ ପ୍ରଚାରରେ ବେଶ ସକ୍ରିୟ ଅଛନ୍ତି ଏହି ଦୁଇ ପୂର୍ବତନ ପ୍ରଶାସନିକ ଅଧିକାରୀ । ଗୋପବନ୍ଧୁ ଦାସ, ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ପ୍ରଚାରର ମଙ୍ଗ ଧରିଥିବା ବେଳେ ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀରେ ଗାଁକୁ ଗାଁ ବୁଲି ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗୁଛନ୍ତି ଶରତ ମହାପାତ୍ର । ହିଞ୍ଜିଳିକାଟୁ, ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ତାଙ୍କର ପ୍ରତିନିଧି ଭାବେ ପ୍ରଚାରର ଦାୟିତ୍ୱ ପଡିଛି ଶରତ ମହାପାତ୍ରଙ୍କ ହାତରେ । ଏହି ନିର୍ବାଚନ ମଣ୍ଡଳୀରେ କୌଣସି ଷ୍ଟାର ପ୍ରଚାରକଙ୍କୁ ଦେଖିବାକୁ ମିଳୁନାହିଁ, ସ୍ଥାନୀୟ ନେତାଙ୍କୁ ଧରି ସେ ପ୍ରଚାର କରୁଛନ୍ତି । ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀରେ ବିଜେପି ଓ କଂଗ୍ରେସ ମଧ୍ୟ ଜୋରଦାର ପ୍ରଚାର କରୁଛନ୍ତି । ତେବେ ୨୦୧୯ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ବିଜେପି ପ୍ରାର୍ଥୀ ହୋଇଥିବା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟଙ୍କୁ ପଂଚାୟତ ପ୍ରଚାରରେ ଦେଖିବାକୁ ମିଳୁନାହିଁ । ଦଳୀୟ ପ୍ରାର୍ଥୀ ଘରେ ଘରେ ବୁଲି ଭୋଟ ମାଗୁଛନ୍ତି । ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପାଇଁ ପ୍ରଚାର କରୁଛନ୍ତି ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ । ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିବାରୁ ଦଳର ଫୋକସରେ ରହିଛି ଗୋପାଳପୁର । ସେହିପରି ହିଞ୍ଜିଳିକାଟୁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ଏହା ବେଶ ଗୁରୁତ୍ୱ ରଖୁଛି । ଦୁଇ ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ଜିତାଇବା ଦାୟିତ୍ୱ ପଡିଛି ଦୁଇ ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ଉପରେ ।

# ଚୁଡାମଣି ଫଂଚାୟତରେ ନିର୍ବାଚନ ପ୍ରଚାର



ବାସୁଦେବପୁର,୧୦/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୁଡାମଣି ଫଂଚାୟତରେ କଂଗ୍ରେସ ସମର୍ଥିତ ସରପଂଚ ପ୍ରାର୍ଥୀ ଚିତ୍ତରଞ୍ଜନ ବେହେରା ମାଛ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ବାସୁଦେବପୁର ବ୍ଲକ ର ପୂର୍ବତନ ବ୍ଲକ ଅଧକ୍ଷ ନିର୍ମଳ ଚନ୍ଦ୍ର ବେହେରା ଙ୍କ ପୁଅ ଚିତ୍ତରଞ୍ଜନ । ଫଂଚାୟତରେ ଥିବା ବିଭିନ୍ନ ଅଧୁରା କାର୍ଯ୍ୟକୁ ଶ୍ରୀ ବେହେରା ବିଜୟ ଲାଭ କଲେ ପୁରଣ କରିବେ ବୋଲି ଭୋଟର ଙ୍କୁ କହିଛନ୍ତି । ଏଥି ସହିତ ସମିତି ସଭ୍ୟ ପ୍ରାର୍ଥୀ ବଂଶୀଧର ସେଠୀ ବସ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ୨୦ ନମ୍ବର ଜୋନ ର ଭାରତୀୟ ଜାତୀୟ କଂଗ୍ରେସ ର ଜିଲ୍ଲା ପରିଷଦ ପ୍ରାର୍ଥୀ ଗୌରହରି ଜେନା ହାତ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ପ୍ରାର୍ଥୀ ମାନେ ଏ କ୍ଷେତ୍ରରେ ସଫଳତା ପାଇବେ ବୋଲି ମତ ରଖିଛନ୍ତି ।

# ରାମ ମନ୍ଦିର ସଭାଗୃହଠାରେ ଭାରତରତ୍ନ ସ୍ୱର୍ଗତ ଲତା ମଙ୍ଗେସରଙ୍କୁ ଶ୍ରଦ୍ଧାଞ୍ଜଳି

କନ୍ଧମାଳ,୧୦/୨ (ନି.ପ୍ର): ମିଳିତ ନାଗରିକ କମିଟି କନ୍ଧମାଳ ପକ୍ଷରୁ ରାମ ମନ୍ଦିର ସଭାଗୃହ ଠାରେ ଆବାହକ ଅଶୋକ ପରିଡାଙ୍କ ପୌରୋହିତ୍ୟରେ ଭାରତ ରତ୍ନ ସ୍ୱର୍ଗତ ଲତାମଙ୍ଗେସରଙ୍କୁ ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ପ୍ରଥମେ ଦୀପ ଜଳାଇ ଶ୍ରଦ୍ଧାଞ୍ଜଳି ଦେବାପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କେବଳ ଭାରତରେ ନୁହେଁ ବିଶ୍ୱରେ ସୁନାମ ଅର୍ଜନ କରିଥିଲେ । ମଧ୍ୟପ୍ରଦେଶ ର ଇନ୍ଦୋରଠାରେ ୧୯୨୯ ସେପଟେମ୍ବର ୨୮ତାରିଖରେ ଜନ୍ମ ହୋଇଥିଲେ ।୧୯୯୯ରୁ ୨୦୦୫ ପର୍ଯ୍ୟନ୍ତ ରାଜ୍ୟ ସଭା ସାଂସଦ ଥିଲ । ଅତ୍ୟନ୍ତ ସ୍ନେହୀ, ଶାନ୍ତ, ସରଳ ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ ।ସଙ୍ଗୀତ ଜଗତରେ ଜଣେ ବିଶ୍ୱର ଚର୍ଚ୍ଚିତ ଚେହେରା ଥିଲେ । ଫିଲ୍ମ ଜଗତର ସର୍ବଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ପୁରସ୍କାର ପାଇବା ସହ ପଦ୍ମ ବିଭୁଷଣ,ଓ ଭାରତରତ୍ନ ଭଳି ଦେଶର ସର୍ବୋଚ୍ଚ ସମ୍ମାନ ର ଅଧିକାରୀ ଥିଲେ । ଦେଶର ଜଣେ ବିରଳ ବ୍ୟକ୍ତିଙ୍କର ଅବସାନ ଘଟିଲା । ଆଜିର ଶ୍ରଦ୍ଧାଞ୍ଜଳି ସଭାରେ ନବୀନ କିଶୋର ପଣ୍ଡା, ଅଶୋକ ମିଶ୍ର,ରାଜ କିଶୋର ବେହେରା, ରମେଶ ସାହୁ,ନବ କିଶୋର ରଥ,ପ୍ରମୋଦ ସାହୁ,ସଚିଦାନନ୍ଦ ପଟ୍ଟନାୟକ, ବିକାଶ ମହାନ୍ତି ବିଶ୍ୱରଞ୍ଜନ ଦାସ ପ୍ରମୁଖ ସ୍ମୃତି ଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେଭଳି ସୁର ସାମ୍ରାଜ୍ଞି ପୁନର୍ବାର ଜନ୍ମ ନିଅନ୍ତୁ ବୋଲି ଠାକୁରଙ୍କ ଠାରେ ପ୍ରାର୍ଥନା । ତାଙ୍କ ଭଲପାଇବା, ସାଧୁତା, ସରଳତା ନିଷ୍କପଟତା,ଅହଂକାର ଶୂନ୍ୟ ଓ ନିଃସ୍ୱାର୍ଥପରତା ଗୁଣରୁ କାଣିଚାଏ ଆମେଜୀବନରେ ପାଳନକଲେ ତାହାହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

# ଝାଡ଼େଶ୍ୱର ମନ୍ଦିର ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ

ଘସିପୁରା,୧୦/୨ (ନି.ପ୍ର): ସ୍ଥାନୀୟ ଝାଡେଶ୍ୱର ମହେଶ ବିଜେ ମୁରାବାଲି ୮ତାରିଖ ଠାରୁ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ୧୭ ତାରିଖ ଯାଏ ଚାଲିବ ବୋଲି ଜଣାପଡିଛି ।ଝାଡେଶ୍ୱର ମନ୍ଦିର କୋଠ ତହସିଲଦାର ପିପମ୍ବର ସା ଙ୍କ ସଂଯୋଜନା ରେ ଆୟୋଜିତ ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ରେ ଅତିଥି ଭାବେ ପ୍ରଭାତ କୁମାର ପଣ୍ଡା, ରାମଚନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ଦାସ୍, ଯୋଗ ଦେଇଥିବା ବେଳେ ରାମଚରିତ ମାନସ ର ପ୍ରବକ୍ତା ଅମୃତ ମଣେହି ପାଣିଗ୍ରାହୀ ଯୋଗ ଦେଇ ଝାଡେଶ୍ୱର ବିଶ୍ୱ ଶାନ୍ତି ମହାଯଜ୍ଞ ଓ ରାମ ଚରିତ ମାନସ କାର୍ଯ୍ୟ ପରିଚାଳନା କରିବା ଦାଇତ୍ୱନେଇଥିବା ବେଳେ ଏହି ଉତ୍ସବରେ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମ ଙ୍କୁ ଝାଡ଼େଶ୍ୱର ମନ୍ଦିର ବାବା ପ୍ରଫୁଲ ଦାସ , ପୂଜକ କୃଷ୍ଣ ଶତପଥୀ, କୈଳାସ ଦାସ୍, ସୁଜାମ ଚରଣ ପଣ୍ଡା ସହିତ ,କମିଟି ର , ଚକ୍ରଧର ସାହୁ, ଫଗୁଚରଣ ସାହୁ.ନାରାୟଣ ସାହୁ ଚିନ୍ତାମଣି ସାହୁ ,ରଘୁନାଥ ପାଢୀ, ଟିପୁନସାହୁ, ଚୁକୁନ ସା .ନିରଞ୍ଜନ ସାହୁ , ପପୁ ପଢିଆ ରୀ ପପୁ ଦେହୁରୀ, ମହନ୍ତ ପ୍ରଫୁଲ ବାବା , କୃଷ୍ଣ ଚନ୍ଦ୍ର ଶତପଥି, କୈଳାସ ମିଶ୍ର, ଉଦୟନାଥ ପଣ୍ଡା, ମୁନା ପଣ୍ଡା, ଅନ୍ତର୍ଯ୍ୟାମୀ ଦାଶ, ସୁଜାମ ଚରଣ ପଣ୍ଡା ନାରାୟଣ ସାହୁ, ବିଶ୍ୱନାଥ ସାହୁ, ଗୌରାଙ୍ଗ ଚରଣ ପାତ୍ର, ଭାଗିରଥୀ ସାହୁ, ଫଗୁ ଦେହୁରୀ, ଙ୍କ ସହିତ ଅନେକ ଉପସ୍ଥିତ ରହି ଝାଡ଼େଶ୍ୱର ମନ୍ଦିର ବିଶ୍ୱ ଶାନ୍ତି ମହାଯଜ୍ଞ କୁ ସହ ଯୋଗ କରୁଛନ୍ତି ।

## ପ୍ରାକ୍ ନିର୍ବାଚନୀ ହିଂସାକାଣ୍ଡ: ୬ ଆହତ

ବ୍ରହ୍ମଗିରି ,୧୦/୨ (ନି.ପ୍ର): ସବୁଠି ପଞ୍ଚାୟତ ନିର୍ବାଚନ ପାଇଁ ଚାଲିଛି ଜୋରଦାର ପ୍ରଚାର । ଏହାରି ଭିତରେ ପୁରୀ ଜିଲ୍ଲା ବ୍ରହ୍ମଗିରିରେ ପ୍ରାକ୍ ନିର୍ବାଚନୀ ହିଂସାକାଣ୍ଡ ଘଟିଛି । ଦୁଇ ରାଜନୈତିକ ଦଳ ମଧ୍ୟରେ ସଂଘର୍ଷ ଫଳରେ ଜଣେ ମହିଳା ସମେତ ୬ ଗୁରୁତର ହୋଇଛନ୍ତି । ବ୍ରହ୍ମଗିରି ବ୍ଲକ ମଣପଡା ପଞ୍ଚାୟତ ଦଣ୍ଡୁଆସିପଡା ଗାଁରେ ଘଟିଛି ଏହି ସଂଘର୍ଷ । ସମସ୍ତ ଗୁରୁତର ଗୋଟିଏ ଦଳର ବୋଲି ସୂଚନା ମିଳିଛି । ସମସ୍ତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ବୁଧବାର ରାତିରେ କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାମାନେ ଉକ୍ତ ଗାଁରେ ପ୍ରଚାର କରୁଥିଲେ । ଏହି ସମୟରେ ଜଣେ ମହିଳା ଯାହାଙ୍କର ଦୁଇବର୍ଷ ତଳେ ଘର ପୋଡ଼ି ହୋଇଯାଇଥିଲା, ତାଙ୍କୁ ସଂପୃକ୍ତ ଦଳର ନେତା ଘର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ମହିଳା ଜଣଙ୍କୁ ଘର ମିଳିନଥିଲା । ଯାହାକୁ ନେଇ ସେ ଗତକାଲି ପ୍ରଚାର ସମୟରେ ସଂପୃକ୍ତ ଦଳର ନେତାଙ୍କୁ ପଚାରିଥିଲେ । ଆଉ ପରବର୍ତ୍ତୀ ସମୟରେ ଏହାକୁ ନେଇ ଦୁଇ ରାଜନୈତିକ ଦଳ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖାର କର୍ମକର୍ତ୍ତା ଚୟନ

ବଲାଙ୍ଗିର ,୧୦/୨ (ନି.ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖାର ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡିଶା ପ୍ରାନ୍ତର ସଭାପତି ଡ.ରଘୁନାଥ ପଣ୍ଡା ଓ ପ୍ରାନ୍ତ ସଂଗଠନ ସମ୍ପାଦକ ନାରାୟଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାଟ୍ୟଭୁଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଲାଙ୍ଗିର ଶାଖା ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତିକ୍ରମେ ପରିଷଦର ନାଟ୍ୟଭୁଷଣ ଜଗଦାନନ୍ଦ ଛୁରିଆ ସଭାପତି ଭାବେ, ଅଚ୍ୟୁତାନନ୍ଦ ଉଦ୍‌ଗାତା ଉପସଭାପତି ଭାବେ, ଧର୍ମବ୍ରତ ରଥ ସମ୍ପାଦକ ଭାବେ, ସୁଶ୍ରୀ ସବିତା ଭୋଇ ସହସମ୍ପାଦିକା ଭାବେ, ବିରଞ୍ଚି ନାରାୟଣ ଦାଶ ସଂଯୋଜକ ଭାବେ, ରତ୍ନମୟ ତ୍ରିପାଠୀ ସହ ସଂଯୋଜକ ଭାବେ, ମଦନମୋହନ ରଥ କୋଷାଧ୍ୟକ୍ଷ ଭାବେ ଓ ରାମଚନ୍ଦ୍ର ପଟେଲ, କସ୍ତୁରୀ ରଥ, ରାଧାକୃଷ୍ଣ ପଟ୍ଟନାୟକ, ସୁରୁଚି ମିଶ୍ର, ଡ.ଅଶୋକ କୁମାର ସେଠୀ, ସତ୍ୟାନନ୍ଦ ବିଶ୍ୱାଳ, ରାଜମଣୀ ସାହୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ସଂଯୁକ୍ତା ପରିଚ୍ଛା, ଜ୍ୟୋତ୍ସ୍ନାରାଣୀ ଭୋଇ, ଜ୍ୟୋତିର୍ମୟୀ ମିଶ୍ର, ଶିବ ପ୍ରସାଦ ସା, ସତ୍ୟ ନାରାୟଣ ପ୍ରଧାନ ଆଦି ସକ୍ରିୟ ସଦସ୍ୟ ଯୋଗ ଦେଇଥିଲେ । ସଂଗଠନ ର ବିସ୍ତାର ପାଇଁ ନବ ନିର୍ବାଚିତ କର୍ମକର୍ତାମାନେ ଆଗାମୀ ଦିନରେ ବ୍ଲକ ସ୍ତରରେ ଆଜୀବନ ସଦସ୍ୟ କରିବା ସହିତ ଅଧିକ ଶାଖା ଖୋଲିବାକୁ ନିଷ୍ପତି ନେଇଥିଲେ ।

# ସିଭିଲ କୋର୍ଟ ପରିସରରେ ଜିଲ୍ଲା ଓକିଲ ସଂଘର ସମ୍ବର୍ଦ୍ଧନା ଜ୍ଞାପନ

ବଲାଙ୍ଗିର,୧୦/୨ (ନି.ପ୍ର) : ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସଂଘ ର ସଭାପତି ପ୍ରବୀଣ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଦୌରା ଜଜ ଲୋକନାଥ ମହାପାତ୍ର ମୁଖ୍ୟ ଅତିଥି ଭବରେ ଯୋଗ ଦେଇ ପଦ୍ମଶ୍ରୀ ଶ୍ରୀ ଗୁରୁଙ୍କୁ ମାନପତ୍ର ଓ ଉପଢ୍ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । କୋଶଲୀ ଭାଷାର ସମୃଦ୍ଧି ଓ ପ୍ରଚାର ପ୍ରସାର ଦିଗରେ ନରସିଂହ ଗୁରୁଙ୍କ ଅବଦାନ ସମ୍ପର୍କରେ ଶ୍ରୀ ମହାପାତ୍ର ନିଜର ମତ ରଖିଥିଲେ ।

# କିସ୍ମତ କୃଷ୍ଣପୁର ଫଂଚାୟତରେ ନିର୍ବାଚନ ପ୍ରଚାର





ବାସୁଦେବପୁର ,୧୦/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ଫଂଚାୟତରେ ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀନୀ ସନ୍ଧ୍ୟା ରାଣୀ ବାରିକ ମାଛ ଚିହ୍ନ ରେ ଓ ସମିତି ସଭ୍ୟା ପ୍ରାର୍ଥୀନୀ ମାଧୁରୀ ବାରିକ ଷ୍ଟଲ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ପଞ୍ଚାୟତ ରେ ଥିବା ରାସ୍ତା ଘାଟ, ପାନୀୟଜଳ , ପ୍ରଧାନ ମନ୍ତ୍ରୀ ଆବାସ ସମସ୍ୟାକୁ ପ୍ରାର୍ଥୀ ମାନେ ଦୂର କରିବେ ବୋଲି ଭୋଟର ମାନଙ୍କୁ କହିଛନ୍ତି । ୨୦ ନମ୍ବର ଜୋନର ବିଜୁ ଜନତା ଦଳର ଜିଲ୍ଲା ପରିଷଦ ସଦସ୍ୟ ଙ୍କ ମାନସ ସେଠୀ ଶଙ୍ଖ ଚିହ୍ନ ରେ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ସମସ୍ତ ପ୍ରାର୍ଥୀ ବିଜୟଲାଭ କରିବେ ବୋଲି ଆଶା ରଖିଛନ୍ତି । ଗାଁ କୁ ଗାଁ ନିର୍ବାଚନ ପ୍ରଚାର ସମୟରେ ବରିଷ୍ଠ ନେତା ରାମଚନ୍ଦ୍ର ବାରିକ,ଚିନ୍ମୟ ବାରିକ,ବିଶ୍ୱଜିତ ବାରିକ,ପିତାମ୍ବର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଟନେଲକ୍ୟାମ୍ପ ଫଂଚାୟତରେ ବିଏସଏଫ ପକ୍ଷରୁ ଜନ ସମ୍ପର୍କ ଶିବିର ଅନୁଷ୍ଠିତ

ମାଲକାନଗିରି,୧୦/୨ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ଟନେଲକ୍ୟାମ୍ପ ଗ୍ରାମ ଫଂଚାୟତ ଠାରେ ଟନେଲକ୍ୟାମ୍ପସ୍ଥିତ ୮ ୮ ବାଟାଲିୟନ ବିଏସଏଫ କ୍ୟାମ୍ପ ଆନୁକୂଲ୍ୟରେ ବିଏସଏଫ କମାଣ୍ଡେଂଟ ମିଷ୍ଟର ତ୍ରିମୂର୍ତ୍ତି ଙ୍କ ଅଧକ୍ଷତାରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି !ବିଏସଏଫ ମିଷ୍ଟର ସୁନୀଲ ଙ୍କ ସହଯୋଗରେ ଟନେଲକ୍ୟାମ୍ପ ଫଂଚାୟତ ପିଇଓ ରାମେଶ୍ୱର ପୂଜାରୀ, ଜାନିଗୁଡ଼ା ୟୁଜିଏଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଭୟ କୁମାର ମଲ୍ଲିକ ଓ ଟନେଲକ୍ୟାମ୍ପ ବାଳିକା ବିଦ୍ୟାଳୟ ର ଇନଚାର୍ଜ ସଞ୍ଜୁଲତା ଭୂୟାଁ ଙ୍କ ଉପସ୍ଥିତିରେ ଅନୁଷ୍ଠିତ ଜନ ସମ୍ପର୍କ ଶିବିର କାର୍ଯ୍ୟକ୍ରମ ମାଧ ମରେ ଟନେଲକ୍ୟାମ୍ପ ଫଂଚାୟତ ର ୧ ୨ ଗୋଟି ଭଲିବଲ ଟିମ କୁ ନେଇ ଟନେଲ କ୍ୟାମ୍ପ ଆଦିବାସୀ ଯୁବକ ଆନ୍ତରିକ ଗ୍ରାମ ଭଲିବଲ କ୍ଲବ ସହଯୋଗରେ ଭଲିବଲ ଟୁନାମେଂଟ କରାଯାଇଥିଲା !ଏଥିରେ ଟନେଲ କ୍ୟାମ୍ପ ଫଂଚାୟତ ର - ଟନେଲକ୍ୟାମ୍ପ,ମଧୁପୁଟିଆ କ୍ୟାମ୍ପ, ଜାନିଗୁଡ଼ା, ଡ଼ାଇକ ୱାନ, ମାଲିଗୁଡ଼ା,ବିଚିତ୍ରଗୁଡ଼ା, ମହାଦେବପୁର, ବାଲିଲଗୁଡ଼ା, ଚନ୍ଦ୍ରମଣ୍ଡଳ, ବାଗ୍ରିଆଗୁଡ଼ା,ଦୋରାଗୁଡା, ମନ୍ତ୍ରୀପୁଟ, ପିପଲଗୁଡ଼ା, ଡୋଲୀଗୁଡ଼ା, ପରଜାଗୁଡ଼ା ଗ୍ରାମର ର ୫ ୧ ୮ ଜଣ ଗ୍ରାମବାସୀ ଯଥା ୧ ୮ ୧ ଜଣ ପୁରୁଷ,୨ ୮ ୫ ଜଣ ମହିଳା ଓ ୫ ୨ ଜଣ ପିଲାଙ୍କୁ ବିଭିନ୍ନ ପ୍ରକାରର ସାମଗ୍ରୀ ଯଥା ଛତା, କମଳ, ଭଲିବଲ ସେଟ, ପାଣି ଫିଲଟର, ପାଠ୍ୟ ଉପକରଣ, ବିଭିନ୍ନ କପଡ଼ା, ଘର ଉପକରଣ ଓ ଘରେ ବ୍ୟବହୃତ ସାମଗ୍ରୀ ଭଳି ୫ ୦ ରୁ ଉର୍ଦ୍ଧ ପ୍ରକାରର ସାମଗ୍ରୀ ପ୍ରଦାନ କରାଯାଇଥିଲା ! ଉପସ୍ଥିତ ଅତିଥିମାନେ ଭଲିବଲ ମ୍ୟାଚ ରେ ବିଜୟୀ ଟିମ ଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଗ୍ରାମବାସୀ ମାନଙ୍କୁ ସାମଗ୍ରୀ ପ୍ରଦାନ କରିଥିଲେ !ଉକ୍ତ ଟନେଲକ୍ୟାମ୍ପ ଫଂଚାୟତ ଠାରେ କିଛି ବର୍ଷ ହେଲା ବିଏସଏଫ ମାନଙ୍କ ଦ୍ୱାରା ବର୍ଷ କୁ ଥରେ ସିଭିଲ ଆକ୍ସନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଗ୍ରାମର ଅଧିବାସୀ ଙ୍କୁ ନେଇ ଏଇଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଅଛି !

# ଜନହିତକର ପ୍ରକଳ୍ପ କଂଗ୍ରେସ ଅମଳରେ ହିଁ ହୋଇଛି : ନରସିଂହ

ବଲାଙ୍ଗିର ,୧୦/୨ (ନି.ପ୍ର): ଦେଶରେ ଗରିବଙ୍କ ପାଇଁ ହୋଇଥିବା ସମସ୍ତ ଜନହିତକର ଯୋଜନା କେବଳ କଂଗ୍ରେସ ନିଜ ନିଜ ଅମଳରେ ଆଣିଛି । ଗ୍ରାମାଂଚଳ ଶ୍ରମିକ ଙ୍କ ପାଇଁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ହେଉ କି କୃଷକଙ୍କ ପାଇଁ ବିଭିନ୍ନ ଜଳସେଚନ ଯୋଜନା, ଗ୍ରାମାଂଚଳବାସୀଙ୍କ ସ୍ୱାସ୍ଥ୍ୟ ଶିକ୍ଷା ସମେତ କୃଷକଙ୍କ ପାଇଁ କୃଷି ଋଣ ଛାଡ୍ କଂଗ୍ରେସ ଅମଳରେ ହିଁ ହୋଇଛି । ଏପରିକି ଗ୍ରାମାଂଚଳକୁ ମଜବୁତ କରି ଗଢି ତୋଳିବା ପାଇଁ ଫଂଚାୟତିରାଜ ବ୍ୟବସ୍ଥାର ପ୍ରାରମ୍ଭ ମଧ କଂଗ୍ରେସ ଅମଳରେ ହୋଇଛି । ଅନ୍ୟ ଦଳମାନେ ନିର୍ବାଚନ ଜିତିବା ପରେ ଏହି ବ୍ୟବସ୍ଥାର ମୂଳ ଲକ୍ଷ୍ୟ ଭୁଲି କେବଳ ଜନ ସ୍ୱାର୍ଥ ପାଇଁ କାମ କରୁଛନ୍ତି । ତେଣୁ ଏଥର ଜିଲ୍ଲା ପରିଷଦ ନିର୍ବାଚନରେ କଂଗ୍ରେସ ଦଳକୁ ହିଁ ଭୋଟ ଦିଅନ୍ତୁ ବୋଲି ଆଜି ଆଗଲପୁର ଜୋନ ୨ ପ୍ରାର୍ଥୀ ଧନଞ୍ଜୟ ପଟେଲ ଓ ଜୋନ ୧ ପ୍ରାର୍ଥୀ ଗଣେଶ ସାହୁଙ୍କ ପାଇଁ ନିର୍ବାଚନ ପ୍ରଚାର ବେଳେ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ଜିଲ୍ଲା ପରିଷଦର କ୍ଷମତା ଅନେକ । କିନ୍ତୁ ବିଗତ ଦିନରେ ଜିଲ୍ଲା ପରିଷଦ ପାଇଁ ବିଭିନ୍ନ ଦଳର ସଭ୍ୟମାନେ ଲୋକ ଙ୍କ ଭୋଟ ଦିନରେ ଜିଲ୍ଲା ପରିଷଦ ପାଇଁ ବିଭିନ୍ନ ଦଳର ସଭ୍ୟମାନେ ଲୋକଙ୍କ ଭୋଟ ନେଇ କିଛି କାମ କରି ନାହାନ୍ତି । ଲୋକଙ୍କ ପାଇଁ କାମ କରିବା ତ ଦୂର ର କଥା ଯିଏ ଭୋଟ ନେଇ ଗାଁକୁ ଆଡ ଆଖିରେ ମଧ ଦେଖୁନାହିଁ ସେଇଭଳି ପ୍ରାର୍ଥୀଙ୍କୁ କଦାପି ଲୋକେ ଭୋଟ ଦିଅନ୍ତୁ ନାହିଁ । ଏଥର ଆପଣମାନେ କଂଗ୍ରେସ ର ହାତ ଚିହ୍ନରେ ଭୋଟ ଦିଅନ୍ତୁ । ଦେଖିବେ ଏ ଅଂଚଳ ର ବିକାଶ ନିଶ୍ଚୟ ହେବ । ଅଂଚଳରେ ଥିବା କୃଷ, ଶ୍ରମିକ, ଛାତ୍ର, ଯୁବକଙ୍କ ସମସ୍ୟାମାନଙ୍କର ସମାଧାନ ପାଇଁ ବାଟ ଫିଟିବ । ଆଜିର ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ରଙ୍କ ସହିତ ବ୍ଲକ ଉପାଧକ୍ଷ ମନ ମୋହନ ପଟେଲ, କଂଗ୍ରେସ ନେତା ବିଶ୍ୱଜିତ ସିଂହଦେଓ, ସାଧୁ ମେହେର, ସୁଧୁରି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲିଗୁଡ଼ା ବିଜ୍ଞାପିତ ଅଂଚଳର ନିକଟରେ ମାଓ ପୋଷ୍ଟର

କନ୍ଧମାଳ ,୧୦/୨ (ନି.ପ୍ର): ତ୍ରିସ୍ତରୀୟ ଫଂଚାୟତ ନିର୍ବାଚନ ପୂର୍ବରୁ କନ୍ଧମାଳରେ ପୁଣି ସ୍ଥିତି ଜାହିର କଲା ମାଓ ସଙ୍ଗଠନ । ଗତ କିଛିଦିନ ପୂର୍ବରୁ ତୁମୁଡ଼ିବନ୍ଧ ଥାନା ବେନାରବାହାଲ ଅଂଚଳରେ ମାଓ ପୋଷ୍ଟର ଜାରି ହୋଇଥିବା ବେଳେ ଗତକାଲି ଫିରିଙ୍ଗିଆ ଥାନା ଅଂଚଳରେ ରାସ୍ତା କାମକୁ ବିରୋଧ କରି ଲଙ୍କା କାଣ୍ଡ ଭିଆଇଥିଲେ ମାଓବାଦୀ । ରାସ୍ତା କାମରେ ନିୟୋଜିତ ହୋଇଥିବା ତ୍ରୀଶକ୍ତି ଠିକା ସଂସ୍ଥାର ତିନୋଟି ଗାଡ଼ି ପୋଡ଼ି ଦେଇଥିବାବେଳେ ଆଜି ବାଲିଗୁଡ଼ା ବିଜ୍ଞାପିତ ପରିଷଦ ଅଂଚଳର ସୁନାପାଙ୍ଗା, ପଣଷପଡ଼ି,ନୁଆସାହି ଭଳି ବିଭିନ୍ନ ସ୍ଥାନରେ କେକେବିଏନ୍ ମାଓ ସଂଗଠନ ପକ୍ଷରୁ ବ୍ୟାନର ଓ ପୋଷ୍ଟର ଜାରି ହୋଇଥିବା ଦେଖିବାକୁ ମିଳିଛି । ନୋଟ୍ ଦେଇ ଭୋଟ୍ ହାତେଇବା ଧନତନ୍ତ୍ରରେ ଗଣତନ୍ତ୍ର ନାହିଁ, ପ୍ରକୃତ ଗଣତନ୍ତ୍ର ପାଇଁ ନିର୍ବାଚନ ବର୍ଜନ କରି ଗଣ ପ୍ରିୟ ବିପ୍ଳବୀ ଲୋକ ସରକାର ଗଢ଼ ବୋଲି ପୋଷ୍ଟରରେ ଉଲ୍ଲେଖ ଥିବା ଜଣାପଡ଼ିଛି । ସେପଟେ ଆସନ୍ତା ୧୬ ତାରିଖରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ୍ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ମାଓବାଦୀଙ୍କ ସ୍ଥିତି ଜାହିର ପୋଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ପୋଷ୍ଟର ବ୍ୟାନର ଲାଗିଥିବା ସ୍ଥାନରେ ପୋଲିସ ପହଁଚି ପୋଷ୍ଟର ବ୍ୟାନର ଜବତ କରିଥିବା ଜଣାପଡ଼ିଛି । ଅନ୍ୟପଟେ ଘଟଣାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ଜଣାପଡ଼ିଛି ।

## କୁହୁଡି ଯୋଗୁ ବାଇକ ଦୁର୍ଘଟଣା: ଚାଳକ ସହ ସହଯାତ୍ରୀ ଗୁରୁତର

କୋରେଇ,୧୦/୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ବ୍ରିଜ ନିକଟରେ ଆଜି ସକାଳୁ ପାଣିକୋଇଲି ଛକରୁ ସତିପୁର ଅଭିମୁଖେ ଯାଉଥିବା ପଶ୍ଚିମବଙ୍ଗ ମୁର୍ସିଦାବାଦର ୨ ବଙ୍ଗାଳୀ ଶ୍ରମିକ ( ସାଗର ମଣ୍ଡଳ(୨୧) ଓ ମହମ୍ମଦ ସେଖ (୨୨) ଏକ ବାଇକ (ଓଆର୦୨ଏଡି ୪୧୫୩) ଯୋଗେ କାମ କରିବାକୁ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ପଥରପଦା ପୋଲ ଉପରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ ।

# ରାସ୍ତା ନହେଲେ ଭୋଟ୍ ବର୍ଜନ ପାଇଁ ନିଷ୍ପତ୍ତି : ଆଉ ପ୍ରତିଶ୍ରୁତିରେ ଭୋଟ୍ ନାହିଁ

ସାଲେପୁର ,୧୦/୨ (ନି.ପ୍ର): ବିଗତ ୩୦ବର୍ଷ ହେଲା ଭୋଟରମାନଙ୍କୁ ପ୍ରତିଶ୍ରୁତି ଦିଆଯାଇ ପ୍ରାର୍ଥୀମାନେ ଭୋଟ୍ ହାତଉଥିଲେ । ନିର୍ବାଚିତ ହେବା ପରେ ପ୍ରତିଶ୍ରୁତିକୁ ଭୁଲି ଯିବା ସହିତ ପରବର୍ତ୍ତୀ ସମୟରେ ଜନ ସାଧାରଣଙ୍କ ଅଭିଯୋଗକୁ ଖଣ୍ଡନ କରିଚାଲିଥିଲେ ରାଜନୈତିକ ନେତା ମାନେ । ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପ୍ରାର୍ଥୀମାନଙ୍କର ପ୍ରତିଶ୍ରୁତିକୁ ଭୋଟରମାନେ ପ୍ରତ୍ୟାଖାନ କରିବା ପାଇଁ ନିଷ୍ପତି ନେଇଛନ୍ତି । ପିଚୁ କିମ୍ବା ଢଳେଇ ରାସ୍ତା ନହେଲେ ଏଥର ୪୦୦ରୁ ଉର୍ଦ୍ଧ୍ୱ ଭୋଟର ସେମାନଙ୍କର ମତଦାନ କରିବେ ନାହିଁ ବୋଲି ଚରମ ନିଷ୍ପତି ନେଇଛନ୍ତି । ଏଭଳି ଘଟଣା ଦେଖାଦେଇଛି ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ଫଂଚାୟତ ର ୮ନଂ ୱାର୍ଡରେ । ଏହି ୱାର୍ଡ ର ବାସିନ୍ଦା ମାନେ ଆଜାଦ୍‌ଜାର ଠାରୁ ଡଅଁରମୁହଁ ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟକୁ ନେଇ ଏକ ବ୍ୟାନର ମାରି ରାସ୍ତା ଉପରେ ବସି ପ୍ରତିବାଦ କରିଛନ୍ତି । ରାସ୍ତା ନାହିଁ ତ ଭୋଟ୍ ନାହିଁ ସ୍ଲୋଗାନ ଦେଇ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ବିରୋଧରେ ବିକ୍ଷୋଭ୍ର କରିଥିଲେ । ଦେଶ ସ୍ୱାଧିନ ପର ଠାରୁ ଏହି ରାସ୍ତା କୁ ଉନ୍ନତିକରଣ କରାଯାଇନଥିବା ବେଳେ ଦିନକୁ ଦିନ ଏହାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡିଛି । ରାସ୍ତା ର ସବୁ ସ୍ଥାନରେ ବଡବଡ ଖାଲଖମା ସୃଷ୍ଟି ହୋଇଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳ ଏପରିକି ଚାରି ଚକିଆ ଯାନବାହନ ଯାତାୟତ ପାଇଁ ବହୁ ଯନ୍ତ୍ରଣାଦାୟକ ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହି ରାସ୍ତା ଉପରେ ପ୍ରତ୍ୟେକ ଦିନ ୪ଟି ଫଂଚାୟତ ର ଲୋକମାନେ ଯାତାୟତ ପାଇଁ ନିର୍ଭର କରୁଥିବା ବେଳେ ନେତା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ନିକଟରେ ଲୋକମାନେ ଶତାଧିକ ବାର ଅଭିଯୋଗ କରିଥିଲେ ମଧ କଣ ପାଇଁ ଏହାର ଅବସ୍ଥା ସୁଧୁରୁନାହିଁ ସେ ନେଇ ଗ୍ରାମବାସୀମାନେ ପ୍ରଶ୍ନ କରିଛନ୍ତି । ଏଥର ପ୍ରତିଶ୍ରୁତି ନୁହେଁ ରାସ୍ତା ନିର୍ମାଣ ହେଲେ ଏହି ୱାର୍ଡ ର ୪୦୦ରୁ ଉର୍ଦ୍ଧ୍ୱ ଭୋଟର ମତଦାନ ଦେବେ ନଚେତ ଭୋଟ ବର୍ଜନ ପାଇଁ ଗ୍ରାମ ର ବୈଷ୍ଣବ ମହାପାତ୍ର, ମହେଶ୍ୱର ସାମଲ,ହିମାଂଶୁ ମଲ, ଅଜୟ ବିଶ୍ୱାଳ, .ସେକ ଆରିଫ୍, ସେକ ରିନ୍ଟୁ, ସେକ ଅକି, ସେକ୍ ହାଜି ଙ୍କ ସମେତ ବହୁ ଲୋକ ନିଷ୍ପତି ନେଇଛନ୍ତି ।

# ପୂର୍ବତନ ସମିତି ସଭ୍ୟଙ୍କ ଘରୁ ବିପୁଳ ପରିମାଣର ମଦ ଜବତ

ଧର୍ମଶାଳା,୧୦/୨ (ନି.ପ୍ର): ଯାଜପୁର ଜିଲା ବଡଚଣା ଥାନା ଅନ୍ତର୍ଗତ ଚଣ୍ଡିତଳ ଗ୍ରାମରୁ ପୁଲିସ ପୂର୍ବତନ ସମିତି ସଭ୍ୟ ଚିନ୍ମୟ କୁମାର ମହାନ୍ତିଙ୍କ ଘରେ ଚଢାଉ କରି ବିପୁଳ ପରିମାଣର ମଦ ଜବତ କରିଥିବା ଜଣାପଡିଛି । ଘରୁ ୮ ପେଟି ବିଦେଶୀ ମଦ ରହି ଥିବା ଜଣାପଡିଛି । ଚଣ୍ଡିତଳ ଫଂଚାୟତର ପୂର୍ବତନ ସମିତିସଭ୍ୟଙ୍କ ଘରେ ମଦ ମହଜୁଦ ଥିବା ନେଇ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଅତର୍କୀତଭାବେ ଚଢାଉ କରିଥବଲା । ଏତେ ପରିମାଣ ମଦ ବାହାରି ନେଇ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ନିର୍ବାଚନ ପାଇଁ ଏବେଠାରୁ ନେତାମାନେ ଘରେ ମଦ ମହଜୁଦ କରି ରଖିବା ନେଇ ସ୍ପଷ୍ଟ ଅନୁମାନ କରାଯାଉଛି । ବଡଚଣା ପୁଲିସ ୪୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରଚାର ମଇଦାନରେ




ବାସୁଦେବପୁର,୧୦/୨ (ନି.ପ୍ର): ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ତ୍ରିସ୍ତରୀୟ ନିର୍ବାଚନ ରେ ପ୍ରାର୍ଥୀଙ୍କ ପାଇଁ ଖୁବ ଜୋରଦାର ପ୍ରଚାର ଚଳାଇଛନ୍ତି । ସୁଗୋ ଫଂଚାୟତରେ ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀ ଚିନ୍ତାମଣି ନାୟକ ଓ ସମିତି ସଭ୍ୟ ପ୍ରାର୍ଥୀ ଯୋଗେନ୍ଦ୍ର ନାୟକଙ୍କ ପାଇଁ ବିଧାୟକ ପ୍ରଚାର କରିବା ସହିତ ସମସ୍ତ ଭୋଟର ଭାଇ ଭଉଣୀ ଙ୍କର ମଙ୍ଗଳ କାମନା କରିଥିଲେ । ସୁଗୋ ଫଂଚାୟତରେ ରୋଡ଼ ସୋ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ପ୍ରତିନିଧି ଅସିତ କୁମାର ଦାଶ,୧୮ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀ ଜୟକୃଷ୍ଣ ନାୟକ ପ୍ରମୁଖ ଯୋଗଦେଇ ଥିଲେ । ସେହିପରି ଅରଣ୍ଡୁଆ ଫଂଚାୟତରେ ସରପଂଚ ପ୍ରାର୍ଥୀ ପଦ୍ମାବତୀ ମହାନ୍ତି ଓ ସମିତି ସଭ୍ୟ ପ୍ରାର୍ଥୀ ରମାକାନ୍ତ ଦାସ ଏବଂ ୧୭ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀ ଜୟନ୍ତୀ ବାରିକ ଙ୍କ ପାଇଁ ବିଧାୟକ ଶ୍ରୀ ରାଉତରାୟ ନିର୍ବାଚନ ପ୍ରଚାର କରିଥିଲେ । ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନାକୁ ବିଧାୟକ ଲୋକଙ୍କ ପାଖରେ ବର୍ଣ୍ଣନା କରିଥିଲେ । ବିଜୁ ଛାତ୍ର ଜନତା ଦଳର ସଭାପତି କାଳନ୍ଦୀ ସାହୁ,ଙ୍ଗ ସମ୍ବିତ ମହାନ୍ତି, ପଦୀପ ବଳ ପ୍ରମୁଖ ଉପସ୍ଥିତ ଥିଲେ ।

# ୬ହଜାର କେଜି ମହୁଲି ପୋଚ ସମେତ ୪୭୦ ଲିଟର ଦେଶୀ ମଦ ଜବତ

ଖୋର୍ଦ୍ଧା,୧୦/୨ (ନି.ପ୍ର): ତ୍ରିସ୍ତରୀୟ ଫଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଆଜି ଖୋର୍ଦ୍ଧା ଜିଲ୍ଲାରେ ଅନ୍ତର୍ଗତ ବାଣପୁର ବ୍ଲକ ଦାମିଆବରବରା ଫଂଚାୟତର କୋଷରଡ଼ା ଜଙ୍ଗଲରେ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଦେଶୀ ମଦ ଭାଟି ଉପରେ ମିଳିତ ଚଢ଼ାଉ କରାଯାଇଛି । ଗ୍ରାମର ଏକାଧିକ ସ୍ଥାନରେ ବୁଧବାର ଚଢ଼ାଉ ଜାରି ରହିଥିଲା । ସୂଚନା ଅନୁଯାୟୀ ଟାଙ୍ଗୀ ଅବକାରୀ ଅଧିକାରୀ ଆଲୋକ ପ୍ରଧାନଙ୍କ ନେତୃତ୍ୱରେ ବାଣପୁର ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢାଉ କାର୍ଯ୍ୟ ଆରମ୍ଭ ହୋଇଥିଲା । ଚଢାଉ ସମୟରେ ୧୨୦ ଗୋଟି ଡ୍ରମରୁ ମୋଟ ୬ ହଜାର କେଜି ଗୁଡ ମିଶ୍ରିତ ମହୁଲି ପୋଚ ଓ ୪୭୦ ଲିଟର ଦେଶୀ ମଦ ଜବତ କରାଯାଇ ସେଗୁଡିକୁ ନଷ୍ଟ କରିଦିଆଯାଇଛି । ଉକ୍ତ ଚଢାଉରେ ଚିଲିକା ଅତିରିକ୍ତ ତହସିଲଦାର ଅପର୍ଣ୍ଣା ଡ଼ାଙ୍ଗୁଆ, ବାଣପୁର ଥାନା ଏଏସଆଇ ଶ୍ରୀନିବାସ ପ୍ରଧାନ, ବାଲୁଗାଁ ଅବକାରୀ ଅଧିକାରୀ ରଞ୍ଜନ ଦାସ, ଜିଲ୍ଲା ମୋବାଇଲ ଇନ୍ସପେକ୍ଟର ସସ୍ମିତା ହୋତା, ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ, ଟାଙ୍ଗୀ ଅବକାରୀ ସବ ଇନ୍ସପେକ୍ଟର ସୁନିତା ଦଳାଇ ଏବଂ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ଓ ପୋଲିସ ଫୋର୍ସ ସାମିଲ ଥିଲେ ।ହେଲେ ଦେଶୀ ମଦ ବେପାରୀ ଜଙ୍ଗଲର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଏନେଇ ପିଆର କେସ ନମ୍ବର ୧୧୩/୨୧-୨୨ ରେ ଅବକାରୀ ବିଭାଗ ଏକ ମାମଲା ରୁଜୁ କରିଛି ।

## ଜାଣନ୍ତୁ ସୋରିଷ ତେଲର ଉପକାରିତା

**ଆୟୁର୍ବେଦରେ ସୋରିଷ ତେଲର ମହତ୍ତ୍ୱ ଉଲ୍ଲେଖ ଥିବାବେଳେ ଭାରତରେ ମଧ୍ୟ କାହିଁ କେତେ ବର୍ଷ ତଳୁ ସୋରିଷ ତେଲର ବ୍ୟବହାର ହୋଇଆସୁଛି । ଏବର ପିଢି ଅଲିଭ ତେଲ, ସୋୟାବିନ୍ ତେଲର ମୋହର ବାନ୍ଧି ହୋଇଥିବାବେଳେ ସୋରିଷ ତେଲ କିନ୍ତୁ ସବୁଠୁ ଗୁଣକାରୀ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି ।**



♦ଆଣ୍ଟିଅକ୍ସିଡାଣ୍ଟ ଓ ଫ୍ୟାଟି ଏସିଡ୍ ଭରପୁର ସୋରିଷ ତେଲ ରନ୍ଧା ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ ।

♦ଗାଁଗହଳିର ଲୋକ ସୋରିଷ ତେଲ ରନ୍ଧା ଖାଦ୍ୟ ଖାଇ ଏକ ସୁସ୍ଥ ଜୀବନ ଅତିବାହିତ କରୁଥିବାବେଳେ ସହରୀ ଲୋକ ବିଭିନ୍ନ ବ୍ରାଣ୍ଡର ତେଲ ରନ୍ଧା ଖାଦ୍ୟ ରୋଗାକ୍ରାନ୍ତ ହେଉଛନ୍ତି ।

♦ଆମେରିକାନ୍ ଜର୍ଣ୍ଣାଲ୍ ଅଫ୍ କ୍ଲିନିକାଲ୍ ନ୍ୟୁଟ୍ରିସନ୍‌ର ତଥ୍ୟ, ଅନୁସାରେ, ସୋରିଷ ତେଲ ହୃଦ୍‌ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଭଲ । ଏଥିରେ ଥିବା ଆଲ୍‌ଫା ଲିନୋଲେନିକ୍ ଏସିଡ୍ ତତ୍ତ୍ୱ ହୃଦ୍‌ରୋଗ ହେବାର ଆଶଙ୍କା କମ୍ କରୁଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି ।

♦ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଉଥିବା ଏହି ତେଲ ବିଭିନ୍ନ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ ।

♦ଭିଟାମିନ୍ ଇ ମହଜୁଦ୍ ଥିବା ସୋରିଷ ତେଲ ତ୍ୱଚା ଓ କେଶ ଉପରେ ମଧ୍ୟ ଉତ୍ତମ ପ୍ରଭାବ ପକାଏ ।

## ପ୍ରସବ ପରର ଟିପ୍ସ

ଅଧିକାଂଶ ମହିଳାଙ୍କ ମତ ଯେ ପ୍ରସବ ପରେ ସେମାନଙ୍କ ଓଜନ କମ୍ ସହଜରେ ହୋଇନଥାଏ । ଏଥିପାଇଁ ଖୁବ୍ କସରତ ସହ ଡାଏଟିଂ କଲେ ହିଁ ଫଳାଫଳ କିଛି ମାସ ପରେ ଦେଖାଯାଏ । ଏଣୁ ବିଶେଷଜ୍ଞ ଗର୍ଭବତୀ ମହିଳାଙ୍କୁ ପ୍ରସବ ପରେ କେତୋଟି ଟିପ୍ସ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି ।




♦ଗର୍ଭାବସ୍ଥା ସମୟରେ ହରମୋନ୍ ପ୍ରଭାବରୁ ଅନେକଙ୍କୁ ଠିକ୍ ଭାବେ ନିଦ ହୋଇନଥାଏ । ତେବେ ପ୍ରସବ ପରେ ଆପଣ ଦୈନିକ ୮ ଘ[। ଶୋଇବାର ଅଭ୍ୟାସ କରନ୍ତୁ । ଠିକ୍ ଭାବେ ନ ଶୋଇବା କାରଣରୁ ଆମମାନଙ୍କ ପ୍ରଥମ ଧ୍ୟାନ ଖାଦ୍ୟ ପ୍ରତି ଯାଏ, ଯାହା କାରଣରୁ ଓଜନ ବଢ଼ିଥାଏ ।

♦ଅନ୍ୟତମ ମୁଖ୍ୟ ଉପାୟ ହେଉଛି ଭୋଜନ ପୂର୍ବରୁ ପାଣି ପିଅନ୍ତୁ । ଦୈନିକ ୭-୮ ଗିଲାସ ପାଣି ପିଇବାର ଅଭ୍ୟାସ ରଖିବା ସହ ଉଷୁମ ପାଣି ପିଇବା ମଧ୍ୟ ସ୍ୱାସ୍ଥ୍ୟ ଉପରେ ଉ ମ ପ୍ରଭାବ ପକାଇଥାଏ ।

## ଚାଇନିଜ କାଳି ମନ୍ଦିର ପ୍ରସାଦରେ ମିଳେ ନୁଡୁଲ୍ସ



ପଶ୍ଚିମବଙ୍ଗର ଟଙ୍ଗରା ଅଞ୍ଚଳରେ ଥିବା କାଳି ମନ୍ଦିର ବେଶ ଚର୍ଚ୍ଚାରେ । ଏହି ମନ୍ଦିର ଚର୍ଚ୍ଚାକୁ ଆସିବାର କାରଣ ହେଉଛି ଏହା ଦେଶର ଏକମାତ୍ର ଚାଇନିଜ୍ କାଳୀ ମନ୍ଦିର । ମନ୍ଦିରକୁ ହିନ୍ଦୁଙ୍କ ସହ ଚାଇନା ଏବଂ ବୌଦ୍ଧ ଧର୍ମର ଶ୍ରଦ୍ଧାଳୁମାନେ ଆସିଥାନ୍ତି । ସବୁଠୁ ରୋଚକ ବିଷୟ ହେଉଛି ଏଠାରେ ପ୍ରସାଦ ଭାବେ ଭକ୍ତଙ୍କୁ ନୁଡୁଲ୍ସ ଦିଆଯାଇଥାଏ । ଲୋକଙ୍କ କହିବା ଅନୁସାରେ ୬୦ବର୍ଷ ତଳେ ଜଣେ କେହି ଦୁଇଟି କଳା ପଥର ଉପରେ ସିନ୍ଦୁର ଲଗାଇ ଗଛ ତଳେ ରଖି ପୂଜା ଆରମ୍ଭ କରିଥିଲେ । ଏହି ମନ୍ଦିର ଟି ଯେଉଁ ଜାଗାରେ ଅଛି ତା'ର ଆଖପାଖରେ ଅଧିକାଂଶ ଚାଇନିଜ୍ ଲୋକ ବସବାସ କରୁଛନ୍ତି । ତେଣୁ ଏହି ଅଞ୍ଚଳକୁ ଚାଇନାଟାଉନ୍ ଭାବେ ମଧ୍ୟ କୁହାଯାଏ । ଲୋକେ ଏଠାରେ ନୁଡୁଲ୍ସ ସହ ଚୋପ୍ସି, ଚାଉଳ ଏବଂ ପନିପରିବାରେ ପ୍ରସ୍ତୁତ ବ୍ୟଞ୍ଜନକୁ ମା'ଙ୍କ ନିକଟରେ େ ଭ । ଗ ଲଗାଇଥାନ୍ତି ।

## ଲୁଣର ଆବଶ୍ୟକତା

**ଖାଦ୍ୟ ବିଶେଷଜ୍ଞଙ୍କ ମତରେ ପ୍ରତ୍ୟହ ଆମ ଖାଦ୍ୟପାନୀୟରେ ଲୁଣର ଆବଶ୍ୟକତା ରହିଛି । ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ଯଥା ପରିମାଣର ଲୁଣ ଭୋଜନରେ ଉପଯୋଗ କରିବା ଜରୁରୀ । ଶରୀରର ନାଡି ଓ ମାଂସପେଶୀକୁ ଉତ୍ତମ ଭାବେ କାମ କରିବା ପାଇଁ ଲୁଣର ବ୍ୟଞ୍ଜନରେ ବ୍ୟବହାର କରିବା ଉଚିତ ।**




■ଲୁଣ କମ୍ କିମ୍ବା ବେଶୀ ଉପଯୋଗ ନକରି ଆବଶ୍ୟକ ଅନୁସାରେ ପ୍ରୟୋଗ କରିବା ଜରୁରୀ ବୋଲି ବିଶେଷଜ୍ଞଙ୍କ ମତ ।

■ଲୁଣର ପରିମାଣ ଅଧିକ ହେଲେ ତାହା ଶରୀରର ବିଭିନ୍ନ ପ୍ରକାର ଅସୁବିଧା କରେ । ଉଚ୍ଚରକ୍ତଚାପ ରୋଗୀଙ୍କ ନିମନ୍ତେ କମ୍ ଲୁଣଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ ।

■ରନ୍ଧା ଖାଇବାରେ ଲୁଣ ପୁନର୍ବାର ମିଶାଇ ଖାଉଥିବା ଲୋକଙ୍କ ଠାରେ ପାକସ୍ଥଳୀ କର୍କଟ ହେବାର ଭୟ ସବୁଠୁ ଅଧିକ । ଏଣୁ ଏହି ଅଭ୍ୟାସଠାରୁ ଶୀଘ୍ର ଦୂରେଇଯାନ୍ତୁ ।

## ଶୀତରେ ତ୍ୱଚା ଚର୍ଚ୍ଚା



**ଅଧିକାଂଶ ଶୀତ ଋତୁରେ ତ୍ୱଚା ଶୁଷ୍କ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । କେତୋଟି ଦିଗ ପ୍ରତି ଧ୍ୟାନ ଦେଲେ ଶୀତରେ ମଧ୍ୟ ଆପଣ ତ୍ୱଚାର ସୁନ୍ଦର ଭାବେ ଯତ୍ନ ନେଇପାରିବେ ।**

●ଥଣ୍ଡା ପରିବେଶ କାରଣରୁ ତ୍ୱଚା ଶୁଷ୍କ ହେବା ସହ ଧୂଳି, ମଳି ମଧ୍ୟ ଜମିଥାଏ । ସ୍କ୍ରବ୍ ଯଦି କରୁଛନ୍ତି, ତେବେ ୧୫ ଦିନରେ ଥରୁଟିଏ ଶୀତଋତୁରେ କରିବା ଉଚିତ । ନଚେତ୍ ତ୍ୱଚାର ରୁକ୍ଷତା ବଢ଼ିବାର ଆଶଙ୍କା ରହିଛି । ଅନ୍ୟପାଖେ ବଜାରରେ କିମ୍ବା ଅନ୍-ଲାଇନ୍‌ରେ ମିଳୁଥିବା ନରମ ବ୍ରଶ୍ କିଣି ପୂରା ଶରୀରକୁ ସ୍ନାନ ସମୟରେ ମାଲିସ୍ କରିପାରନ୍ତି । ସ୍କ୍ରବ୍ ପରିବର୍ତ୍ତେ ବଡି ଶାୱାର ଜେଲ୍‌ର ବ୍ୟବହାର ଏଇ ବ୍ରଶରେ କରିଲେ ଲାଭ ମିଳିଥାଏ ।

●ଓଠ ଫାଟିବା ଏଇ ଦିନେ ଅନ୍ୟତମ ମୁଖ୍ୟ ସମସ୍ୟା । ଭଲ କମ୍ପାନୀର ଏସ୍‌ପିଏଫ୍‌ଯୁକ୍ତ ଲିପ୍ ବାମ୍ ଲଗାଇବା ସହ ଘିଅର ମଧ୍ୟ ବ୍ୟବହାର କରିପାରିବେ । ଏହା ସହ ସୋରିଷ ତେଲ କିମ୍ବା ନଡିଆ ତେଲକୁ ରାତିରେ ନାଭିରେ ଲଗାଇ ଶୋଇଲେ ଓଠ ଫଟା ସମସ୍ୟାରୁ ମୁକ୍ତି ମିଳେ ।

●ଶୀତରେ କେଶରେ ରୁପି ହେବା, ଶୁଷ୍କ ହୋଇ ଅଧିକ ପରିମାଣରେ ଝଡିବା ଇତ୍ୟାଦି ସମସ୍ୟା ହୁଏ । ଏଥିରୁ ରକ୍ଷା ପାଇବାକୁ ହେଲେ ଆପଣ ଏହି ଦିନରେ କୌଣସି କେମିକାଲ୍ ଟ୍ରିଟ୍‌ମେଣ୍ଟ କେଶରେ ନ କରିବା ଉଚିତ୍ । ନଚେତ୍ ଏହା କାରଣରୁ ଅଧିକ କେଶ ସମସ୍ୟା ଉପୁଜିବାର ଭୟ ରହିଛି ।

●ବିବାହ କିମ୍ବା ପାର୍ଟି ପାଇଁ ପ୍ରସ୍ତୁତି ହେଉଥିବା, ପ୍ରଥମେ ତ୍ୱଚା ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଆପଣଙ୍କ ତ୍ୱଚାକୁ ଦେଖି ସେ ଫେସିଆଲ୍‌ର ଆବଶ୍ୟକତା ଅଛି କି ନାହିଁ, ତାହା କହିପାରିବେ । ଶୀତଦିନେ ବିଶେଷଜ୍ଞ ପଲିସିଂ, ମାଇକ୍ରୋଡର୍ମା ବ୍ରାଇଜଲ୍ ଓ କେମିକାଲ୍ ପିଲ୍ କରିବାକୁ ପରାମର୍ଶ ଦେଇଥାନ୍ତି ।

## ଶୀତରେ ଖାଆନ୍ତୁ ଆଳୁ ପରଟା



ଶୀତୁଆ ପାଗରେ ଜଳଖିଆରେ ହେଉ କିମ୍ବା ରାତ୍ରିଭୋଜନରେ ଗରମାଗରମ ଆଳୁ ପରଟା ଖାଇବାକୁ ଅବା କିଏ ପସନ୍ଦ ନ କରିବ ? ଲୋକପ୍ରିୟ ଖାଦ୍ୟ ବିଶେଷଜ୍ଞ ରୁଜୁତା ଦିୱେକର୍‌ଙ୍କ ମତରେ ଶୀତଦୀନେ ଘିଅ ଲଗା ଆଳୁ ପରଟା ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ପରିଶ୍ରମ ନ କରି କେବଳ ଖାଇଲେ ଓଜନ ବଢିବା ସ୍ୱାଭାବିକ । ଏଣୁ ସୁଆଦିଆ ଭୋଜନ ସହ କସରତ, ବ୍ୟାୟାମ କରିବା ଜରୁରୀ । ଏଇଦିନେ ଆଳୁ ପରଟା ଖାଇଲେ ଆମ ମାଂସପେଶୀକୁ ଶକ୍ତି ମିଳିବା ସହ ହଜମ ସମସ୍ୟାରେ ମଧ୍ୟ ଅସୁବିଧା ହୋଇନଥାଏ ମଧୁମେହ ରୋଗୀ ହୋଇଥିଲେ, ଆପଣ ମୂଳା ପରଟା କିମ୍ବା ଅନ୍ୟ କୌଣସି ପନିପରିବା ମିଶ୍ରଣରେ ପରଟା ତିଆରି କରି ଖାଇପାରନ୍ତି । ବଲିଉଡ ସୁନ୍ଦରୀ କରୀନା କପୁର ଖାନ୍ ଖାଦ୍ୟ ବିଶେଷଜ୍ଞ ରୁଜୁତାଙ୍କ ପରାମର୍ଶରେ ନିୟମିତ ଜଳଖିଆରେ ପରଟା ଖାଇଥାନ୍ତି । ଏସବୁ କ୍ୟାଲୋରୀଯୁକ୍ତ ଖାଦ୍ୟ ସୁଦ୍ଧା ସେ ନିଜକୁ ଫିଟ୍ ରଖିପାରିଛନ୍ତି । ରୁଜୁତାଙ୍କ ମତରେ ଗୋଟିଏ ଆଳୁପରଟା ଖାଇବା ହିଁ ଆମ ପାଇଁ ଯଥେଷ୍ଟ । ଲୋଭରେ ଆମେ ୩-୪ଟି ପରଟା ଖାଇଲେ ଓଜନ ବଢିବାର ସମସ୍ୟା ଉପୁଜିଥାଏ । ଏଣୁ ପିଲାଠାରୁ ବୟସ୍କ ସମସ୍ତେ ଶୀତଦିନେ ବିଶେଷ କରି ଆଳୁ ପରଟା ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।

## ମକାର ଖାଦ୍ୟଗୁଣ

ମକା ଫାଇବର, ଭିଟାମିନ୍, ଖଣିଜ ଓ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଯାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସାହାର୍ଯ୍ୟ କରେ । ଔଷଧୀୟ ଗୁଣରେ ଭରପୂର ମକା ମସ୍ତିଷ୍କ ଓ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ମକାରେ ଭିଟାମିନ୍ ବି ୧୨, ଫୋଲିକ୍ ଏସିଡ୍ ଓ ଅଇରନ୍ ଥିବା ଯୋଗୁ ଏହା ଶରୀରରେ ଲାଲ୍ ରକ୍ତ କୋଷିକା ଉତ୍ପାଦନରେ ସାହାର୍ଯ୍ୟ କରେ । ଏଥିରେ ଜଟିଳ କାର୍ବୋହାଇଡ୍ରେଟ୍ ରହିଥାଏ । ଏହା ଅଧିକ ସମୟ ପର୍ଯ୍ୟନ୍ତ ଶକ୍ତି ପ୍ରଦାନ କରିଥାଏ । ଏକ କପ୍ ମକାରେ ଥିବା ୨୯ ଗ୍ରାମ କାର୍ବନ୍ ପର୍ଯ୍ୟାପ୍ତ ଶକ୍ତି ପ୍ରଦାନ କରେ । ଏହା କେଲେଷ୍ଟ୍ୟାଲ୍ ସ୍ତର କମ୍ କରିଥାଏ । ଭିଟାମିନ୍ ବି ୧, ବି ୫ ଓ ଭିଟାମିନ୍ ସିରେ ଭରପୁର ମକା ନୂଆ କୋଷିକା ସୃଷ୍ଟି କରି ଡାଇବିଟିସ୍ ସହ ଲଢ଼ିଥାଏ । ଗର୍ଭାବସ୍ଥା ସମୟରେ ମା' ଓ ଶିଶୁ ଉଭୟଙ୍କ ପାଇଁ ମକା ଉପକାରୀ ।



## ରୁଟି କାହିଁକି ଫୁଲେ ?



ପ୍ରାୟତଃ ଘରେ ରୁଟି କରୁଥିବା ସମୟରେ ଏହା ଫୁଲିଲେ ଛୋଟ ପିଲାମାନେ ଦେଖିବାକୁ ଖୁସି ହୁଅନ୍ତି । ଯେଉଁ ରୁଟି ଫୁଲେ ତାହା ନରମ ଏବଂ ସ୍ୱାଦିଷ୍ଟ ହୋଇଥାଏ । ତେବେ ରୁଟି କାହିଁକି ଫୁଲେ ବୋଲି ଅନେକଙ୍କ ମନରେ ନିଶ୍ଚୟ ପ୍ରଶ୍ନ ଆସିଥିବ ଯେମିତି ପୁରୀ ଭିତରକୁ ପବନ କେମିତି ପଶିଲା ବୋଲି ଜାଣିବାକୁ ଆଇନଷ୍ଟାଇନ ବିବ୍ରତ ହୋଇପଡ଼ିଥିଲେ । ଏଠାରେ ରୁଟି ଫୁଲିବା କାରଣ ସମ୍ପର୍କରେ ଜାଣନ୍ତୁ । ଅଟାରେ ପାଣି ମିଶାଇ ଚକଟାଯିବା ପରେ ଏହାକୁ ତାୱାରେ ପକାଇ ନିଆଁରେ ସେକାଯାଏ । ଏହି ସମୟରେ କଞ୍ଚାରୁଟିରେ ଥିବା ପାଣି ବାଷ୍ପରେ ପରିଣତ ହେବା ପରେ ଏହା ବାହାରିଯିବାକୁ ଚାହେଁ । ତେଣୁ ରୁଟିର ଗୋଟିଏ ପରସ୍ତ ଏହି ବାଷ୍ପଯୋଗୁ ଫୁଲିଯାଏ ।

## ଡାଏଟ୍ ପ୍ରତି ଦିଅନ୍ତୁ ଧ୍ୟାନ

**ଖାଦ୍ୟ ବିଶେଷଜ୍ଞଙ୍କ ମତରେ ପିଲାଠାରୁ ବୟସ୍କ ସମସ୍ତ ବର୍ଗର ଲୋକ ନିଜ ଡାଏଟ୍ ଅନୁସାରେ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଜଣେ ମଧ୍ୟମ ବୟସର ଲୋକ ନିମନ୍ତେ ଦୈନିକ ୧୮୦୦ କ୍ୟାଲୋରୀର ଖାଦ୍ୟ ଆବଶ୍ୟକ ହେଉଥିବାବେଳେ ଓଜନ କମ୍ କିମ୍ବା ବୃଦ୍ଧି କରିବାକୁ ଚାହୁଁଥିଲେ ଖାଦ୍ୟ ତାଲିକାକୁ ଧ୍ୟାନର ସହ ପ୍ରସ୍ତୁତ କରନ୍ତୁ ।**




♦ ଡାଏଟ୍ ଚାର୍ଟରେ ପନିପରିବା ସହ ଫଳମୂଳ ମଧ୍ୟ ସାମିଲ କରିବା ଜରୁରୀ । ଫଳରେ ଥିବା ପୋଷକତତ୍ତ୍ୱ, ଫାଇବର, ଆଣ୍ଟିଅକ୍ସିଡାଣ୍ଟସ୍ ଇତ୍ୟାଦି ଆମ ଶରୀରକୁ ଶକ୍ତି ଯୋଗାଉଥିବାବେଳେ ଫଳ ଖାଇଲେ ପେଟ ଶୀଘ୍ର ଭର୍ତ୍ତି ହୋଇଯାଏ । ଅନ୍ୟପାଖେ ଫଳ ଖାଇଲେ ଓଜନ ବଢିବାର ଭୟ ନଥାଏ । ଫଳରସ ପିଇବାର ଅଭ୍ୟାସ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ।

♦ ଖାଦ୍ୟ ନଷ୍ଟ ହେବାର ଭୟରେ ଆପଣ ଜୋର୍‌ଜବରଦସ୍ତ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏହା କାରଣରୁ ପେଟ ସମସ୍ୟା ସହ ଓଜନ ମଧ୍ୟ ବୃଦ୍ଧି ହୋଇଥାଏ । ଘରେ ଥିଲେ ବଳୁଥିବା ଖାଦ୍ୟକୁ ଫ୍ରିଜ୍‌ରେ ରଖି ପରଦିନ ବ୍ୟବହାର କରିପାରିବେ । ରେଷ୍ଟୋରାଁ ଯାଇଥିଲେ ବଳକା ଖାଦ୍ୟକୁ ପ୍ୟାକ୍ କରି ଘରକୁ ଆଣିପାରିବେ ।

♦ ଭାତ ଖାଇଲେ ଓଜନ ବଢେ, ଏଇ ଚିନ୍ତାରୁ ବାହାରି ଆସନ୍ତୁ । ଆପଣ ଆବଶ୍ୟକ ପରିମାଣରେ ପରିଶ୍ରମ କରି ଭାତ, ଡାଲି, ରୁଟି ଖାଇଲେ ଶରୀରରେ କୌଣସି ସମସ୍ୟା ହୋଇନଥାଏ ବୋଲି ବିଶେଷଜ୍ଞଙ୍କ ମତ ।

♦ ସକାଳ ଜଳଖିଆ ଯେପରି ଶରୀର ପାଇଁ ଖୁବ୍ ଆବଶ୍ୟକ, ଠିକ୍ ସେହିପରି ଦ୍ୱିପହର ଓ ରାତ୍ରିଭୋଜନ ମଧ୍ୟ ଯଥା ସମୟରେ କରନ୍ତୁ । ବୟସ୍କ ପିଢି ବିଶେଷ ଧ୍ୟାନରେ ରଖନ୍ତୁ ଯେ ରାତି ୯ଟା ସୁଦ୍ଧା ରାତ୍ରିଭୋଜନ କରିବା ଉଚିତ । ଅଧିକ ବିଳମ୍ବରେ ଭୋଜନ କଲେ ଖାଦ୍ୟ ଭଲଭାବେ ହଜମ ହୋଇନଥାଏ କିମ୍ବା ନିଦ ମଧ୍ୟ ଠିକ୍ ଭାବେ ହୋଇନଥାଏ ବୋଲି ବିଭିନ୍ନ ଅନୁଧ୍ୟାନରୁ ପ୍ରମାଣିତ ହୋଇଛି ।

♦ ଡାଏଟ୍ ଚାର୍ଟ ଅନୁସାରେ ଖାଇବା ସହ କଦବା କ୍ୱଚିତ୍ ମାସକୁ ଥରୁଟିଏ ଆପଣ ଫାଷ୍ଟଫୁଡ୍ ଖାଇପାରନ୍ତି । ନିୟମିତ ଏସବୁ ଖାଇବା କ୍ଷତିକାରକ ।




## ବଦ୍‌ହଜମ ହେବାର କାରଣ

ଭୋଜନ ସମୟରେ ଓ ଆମମାନେ ସତର୍କ ରହିବା ଉଚିତ । ଯେପରି ଭୋଜନ ସମୟରେ ଆମେ କଥାବାର୍ତ୍ତା ନକରି ଶାନ୍ତ ଓ ସ୍ଥିର ଚିତ୍ତରେ ଖାଇବା ଉଚିତ । ଭଲଭାବେ ଖାଦ୍ୟକୁ ଚୋବାଇ ଖାଇଲେ ହଜମ ହେବାରେ ଅସୁବିଧା ହୋଇନଥାଏ । ନିକଟରେ ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଭୋଜନ ସମୟରେ ରାଗ ଲାଗିଲେ କିମ୍ବା ଅରୁଚି ଲାଗିଲେ, ଆପଣ ଅଳ୍ପ ପାଣି ପିଇପାରନ୍ତି । ହେଲେ ଅଧିକ ପରିମାଣରେ ପାଣି ପିଇଲେ ବଦ୍‌ହଜମ ହେବାର ସମସ୍ୟା ଉପୁଜେ । ଏଣୁ ଯେ କୌଣସି ପ୍ରକାର ବ୍ୟଞ୍ଜନ ଖାଇଲେ ମଧ୍ୟ ସେଥିରେ ଲେମ୍ବୁ ଚକଟାକୁ ସାମିଲ କରନ୍ତୁ ।

## ସଙ୍ଗୀତ ଦ୍ୱାରା ନିୟନ୍ତ୍ରିତ ହେବ ମାନସିକ ଚାପ

ବର୍ତ୍ତମାନର ସମୟରେ ଅଧିକାଂଶ ଲୋକେ ମାନସିକ ଅବସାଦ ନଚେତ୍ ଚାପରେ ଆକ୍ରାନ୍ତ । ବିଶେଷଜ୍ଞଙ୍କ ମତରେ କିଛି ବର୍ଷ ତଳେ ପୁରୁଷମାନେ ଅଧିକ ସଂଖ୍ୟାରେ ମାନସିକ ଚାପର ଆକ୍ରାନ୍ତ ହେଉଥିବାବେଳେ ବର୍ତ୍ତମାନ ମହିଳାମାନେ ଏଥିରେ ସଂଖ୍ୟାଧିକ ଆକ୍ରାନ୍ତ ହେଉଛନ୍ତି । ତେବେ ଏହାର ନିରାକାରଣର ସୂତ୍ର ମଧ୍ୟ ବାହାରିଛି । କାମର ଚାପରେ ଥିବା ସତ୍ତ୍ୱେ ନିୟମିତ ଭାବେ କାର୍ଯ୍ୟାଳୟରେ ହେଉ କିମ୍ବା ଘରେ ଥିବାବେଳେ ଗୀତ ଶୁଣିବା ଉପକାରୀ । ମନପସନ୍ଦର ଶ୍ରୁତିମଧୁର ଗୀତ ଶୁଣିଲେ ଅବସାଦ କମ୍ ହୋଇଥାଏ ବୋଲି ପରୀକ୍ଷାରୁ ପ୍ରକାଶିତ । ବିଭିନ୍ନ ବର୍ଗ ଓ ବୟସର ଲୋକେ ଏହି ପରୀକ୍ଷାରେ ସାମିଲ ହୋଇଥିଲେ । ଏମାନଙ୍କ ମଧ୍ୟରୁ ୪୫% ଲୋକଙ୍କ କାମ କରୁଥିବା ସମୟରେ ସେମାନଙ୍କ ପ୍ରିୟ ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା । ଏହି ପ୍ରକ୍ରିୟାରେ ଲୋକେ କାମ କରିବାର ମଜା ଅଧିକ ନେଇଥିଲେ ବୋଲି ବିଶେଷଜ୍ଞଙ୍କ ମତ । ୧୮ରୁ ୪୫ ବର୍ଷ ବୟସର ଲୋକେ ହିଁ ଅଧିକ ସଂଖ୍ୟାରେ ମାନସିକକ ଅବସାଦରେ ଶିକାର ହେଉଛନ୍ତି । ତେଣୁ ନିଜ ମାନସିକ ଶାନ୍ତିକୁ ଠିକ୍ ରଖିବା ନିମନ୍ତେ ପ୍ରତିଦିନ ୧୦ରୁ ୧୫ ମିନିଟ୍ ଗୀତ ଶୁଣି କାମ କରନ୍ତୁ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୧ ଫେବୃଆରୀ ୨୦୨୨, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବିବାଦ...

ଦକ୍ଷିଣ ଭାରତୀୟ ରାଜ୍ୟ କର୍ଣ୍ଣାଟକରେ କିଛି ଦିନ ଧରି ମୁଣ୍ଡ ଟେକିଛି ହିଜାବ ବିବାଦ । ବହୁ ଦିନ ବ୍ୟବଧାନରେ କରୋନା ସଂକ୍ରମଣର ନିମ୍ନଗତି ଦେଖାଯିବା ହେତୁ ବିଭିନ୍ନ ରାଜ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ସମ୍ପୂର୍ଣ୍ଣ ସହକାରେ ଖୋଲାଯିବାର ଦେଖିବାକୁ ମିଳୁଛି । କୋଭିଡ କଟକଣାର ଅନଲାଇନ୍ ବ୍ୟବସ୍ଥା ଭିତରେ ଶିକ୍ଷାଦାନ ଆରମ୍ଭ ହେବାକୁ ଲାଗିଗଲା ଦୁଇବର୍ଷରୁ ଅଧିକ ସମୟ । ଅନ୍ ଲାଇନ୍ ପାଠର ଉପଯୋଗିତା ନେଇ ଶିକ୍ଷକ ଓ ଅଭିଭାବକ ଏବଂ ସର୍ବୋପରି ଶିକ୍ଷାର୍ଥୀମହଲ ଚିନ୍ତାଗ୍ରସ୍ତ ଥିବା ମଧ୍ୟରେ ରାଜ୍ୟ ସରକାରମାନେ ଶିକ୍ଷାୟତନଗୁଡ଼ିକ ପୂରା ମାତ୍ରାରେ ଭୂତାଣମୁକ୍ତ ରଖିବା ପ୍ରୟାସ କରିଛନ୍ତି । ଶିକ୍ଷାର୍ଥୀ ମହଲରେ ସେଥିପାଇଁ ତୁରନ୍ତ ଆତ୍ମବିଶ୍ୱାସର ପୁନରୁଦୟ ହୋଇଥିବାର ଲକ୍ଷ୍ୟ କରାଯାଇଛି । ସେହି ପୃଷ୍ଠଭୂମିକୁ ନେଇ ଦେଶବାସୀ ଖୁସି ଜାହିର କରୁଥିବା ବେଳେ କର୍ଣ୍ଣାଟକରୁ ମିଳିଥିବା ସୂଚନା ଉଣା ଅଧିକେ ଭାରାକ୍ରାନ୍ତ କରିଦେଇଛି । ସ୍କୁଲ କଲେଜ ଖୋଲିବାର ଦିନେ-ଦୁଇଦିନ ନହେଉଣୁ ରାଜ୍ୟ ସରକାର ତିନିଦିନପାଇଁ ସମସ୍ତ ସ୍କୁଲ କଲେଜ ବନ୍ଦ୍ କରିଦେଇଛନ୍ତି । ଏହି ବନ୍ଦ୍ ଅବଧି କେତେକାଳ ବଢୁଛି ନା ? ସେତିକିରେ ସରୁଛି ତାହା ନେଇ ଅନ୍ଦାଜ ଲଗାଇବା ସହଜ ଲାଗୁନି । ମାମଲାଟି ବହୁତ ଗମ୍ଭୀର। ସବୁ ଶିକ୍ଷାନୁଷ୍ଠାନରେ ରହିଛି ଡ୍ରେସ୍ କୋଡ୍ । ଶିକ୍ଷାର୍ଥୀମାନେ ତାହାର ଅନୁପାଳନ ମୁତାବକ ୟୁନିଫର୍ମ ପରିଧାନ କରି ସ୍କୁଲ ବା କଲେଜ୍ ହତାକୁ ଆସିଥା'ନ୍ତି । ହଠାତ୍ ଇସ୍ଲାମ ଧର୍ମର ଝିଅମାନଙ୍କର ହିଜାବ ପରିଧାନକୁ ନେଇ ଝଡ଼ି ଉଠିଛି । ସମାନ୍ତର ଭାବେ ତାହାର ଜବାବ ଦେବାକୁ ଯାଇ କାଳେ ହିନ୍ଦୁପିଲାମାନେ ଗେରୁଆ ପରିଧାନ କଲାରୁ ବିବାଦ ଆହୁରି ତେଜିଯାଇଛି । କର୍ଣ୍ଣାଟକର ନିର୍ଦ୍ଦିଷ୍ଟ କିଛି ଜିଲ୍ଲାରେ ଏହାକୁ ଶାନ୍ତ କରିବାକୁ ଯାଇ ପୁଲିସ ଓ ପ୍ରଶାସନକୁ କଠୋର ହେବାକୁ ପଡ଼ିଛି । ଶିକ୍ଷାନୁଷ୍ଠାନ ବନ୍ଦ ହେବା ଫଳରେ ଯେଉଁ ଅସ୍ୱାଭାବିକ୍ ସ୍ଥିତି ଉତ୍ପନ୍ନ ହୋଇଛି, ତାହାକୁ ସାମାନ୍ୟ କରିବା ଲାଗି ନ୍ୟାୟାଳୟକୁ ହସ୍ତକ୍ଷେପ କରିବାକୁ ପଡ଼ିଛି । ମାମଲାର ଶୁଣାଣି ପାଇଁ ଆବେଦନରୁ କ'ଣ ବାହାରିବ, ତାହାଯେତେ ବଡ଼ କଥା, ତାହାଠାରୁ ଅଧିକ ଚିନ୍ତାଜନକ ପ୍ରସଙ୍ଗ ହୋଇଛି ହିଜାବ୍ ବନାମ ଗେରିଆ ବିବାଦ । ନିର୍ଦ୍ଦିଷ୍ଟ ଧର୍ମକୁ ଅଙ୍ଗୁଳି ଦେଖାଇବା ପାଇଁ ଏହା ଘୃତାହୁତି ଭଳି ହୋଇପାରେ । ଦର୍ମ ନେଇ ବହୁତ ରାଜନୀତି ହୋଇଗଲା ବୋଲି ଯୁକ୍ତି ବାଢୁଥିବା ମହଲ ଯେମିତି ଏହାକୁ ନେଇ ଖୋରାକ ପାଇଗଲେ, ସେମିତି ପ୍ରତିପକ୍ଷ ମଇଳାରେ ମାଛି ବସିବା ନ୍ୟାୟରେ ଏଥିରୁ ଫାଇଦା ମାରିବା ଚକ୍କରକୁ ହାତଛଡ଼ା କରିବାକୁ ଚାହିଁବ ନାହିଁ । କେଉଁ ୟୁନିଫର୍ମ ବାଧ୍ୟତାମୂଳକ, ତାହା ନେଇ ରହିଛି ନିୟମ କାନୁନ୍ । ତାହାରି ଆଧାରରେ ଛାତ୍ରଛାତ୍ରୀମାନେ ପରିଚାଳିତ ହୁଅନ୍ତି । ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଏହାକୁ ଭାବନାର ପ୍ରସଙ୍ଗ କରାଯିବାରୁ ସେଥିରୁ ଅପଶକ୍ତିମାନେ ଫସଲ କାଟିବାକୁ ତୟାର ହୋଇଯାଇଥିଲା ଭଳି ମନେହେଉଛି । ଜାତୀୟ ସଂହତିର ସ୍ୱାର୍ଥରେ କେହିବି' ଆଞ୍ଚଳିକତା ଓ ଧାର୍ମିକ ଭଣ୍ଡାମୀକୁ ପସନ୍ଦ କରିନପାରନ୍ତି । ସମସ୍ତ ସ୍ଥିତିକୁ ନଜରରେ ରଖି ସରକାର ଶିକ୍ଷାନୁଷ୍ଠାନ ବନ୍ଦ କରିଥିବା କହୁଥିବା ବେଳେ ଅପଶକ୍ତିମାନଙ୍କ ବିରୋଧରେ ଅଧିକ କଠୋର ହେବାର ଆବଶ୍ୟକତା ରହିଛି । କେନ୍ଦ୍ର ସରକାର ମଧ୍ୟ ଏହି ପ୍ରସଙ୍ଗକୁ ଅଧୁକ ଗମ୍ଭୀରତା ସହକାରେ ନେବା ଜରୁରି । ବୃହତ୍ତର ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିରୁ କିଭଳି ସ୍ଥିତି ସମ୍ଭାଳାଯାଇପାରିବ, ତାହା ଦେଖାଯିବା ଦରକାର । କାରଣ ଜାତିଆଣ ଦ୍ୱେଷ ଥରେ ବ୍ୟାପିଗଲେ ତାହାକୁ କେହି ନିୟନ୍ତ୍ରଣ କରିବା ଅବସ୍ଥାରେ ରହିନପାରେ । ଏହି ତିକ୍ତ ଅଭିଜ୍ଞତା ଦେଶବାସୀଙ୍କର ଅବଶ୍ୟ ରହିଥିବାରୁ ସଚେତନ ନାଗରିକ ସତର୍କ ରହିବା ଆବଶ୍ୟକ । ଧର୍ମୀୟ ଭାବନାକୁ ନେଇ ଖେଳାଯିବା ମାନେ ଜଳନ୍ତା ନିଆଁଖୁଣ୍ଟା ଧରି ଖେଳିବା ସଙ୍ଗେ ସମାନ । ସଂହତି ଓ ସମ୍ପ୍ରୀତିର ଦେଶ ଭାରତ ବିଶ୍ୱବାସୀଙ୍କ ସକାଶେ ଦୃଷ୍ଟାନ୍ତ ସାଜିଛି । କାରଣ ନଥାଇ ଦୁଷ୍ଟଶକ୍ତିମାନେ କୌଣସି ନା' କୌଣସି ବାହାନା ଦେଖାଇ ବିବାଦକୁ କଂଚା ରଖିବାକୁ ଅପଚେଷ୍ଟା କରିବା ଦେଖାଯାଉଛି । ଏହା ସେମାନଙ୍କର ଦୁଷ୍ଟ ଖୋଇ । ଦୁର୍ଭାଗ୍ୟକୁ ଗୋଳମାଳିଆ ଅବସ୍ଥାର ଫାଇଦା ନେଇ ଅପଶକ୍ତି କ'ଣ ନାଇଁ କ'ଣ କରି ନବସନ୍ତି । ମୁମ୍ବାଇ, ଗୋଧା, କାନପୁର ଓ ମିରଟ ଦଙ୍ଗାଭଳି ଗୁଡ଼ିଏ ଅଘଟଣର ଦୁଃଖଦ ସ୍ମୃତି ମାନସପଟରୁ ଲିଭିନାହିଁ । ସମସ୍ତେ ଚାହିଁବେ, କର୍ଣ୍ଣାଟକରେ ଦେଖାଦେଇଥିବା ଅବାଂଛିତ ଅବସ୍ଥା ଅଧୁକ କାଳ ନରହ । କିମ୍ବା ଅଧିକ ଇଲାକାକୁ ବିସ୍ତାରର ଲାଭ ନକରୁ । ଝିମିଟିଖେଳରୁ ମହାଭାରତ ଭଳି ଯେମିତି ବିଷର ଲହର ଚରିନଯାଉ ସେଥିପ୍ରତି ସମସ୍ତେ ଜାଗ୍ରତ ରହିବା ଜରୁରି । କରୋନା ମହାମାରୀ ଯୋଗୁ ଦେଶର ବିଦ୍ୟାର୍ଥୀମାନେ ପ୍ରାୟ ଦୁଇବର୍ଷର ଶିକ୍ଷାଲାଭରୁ ଏକପ୍ରକାର ବଞ୍ଚିତ ହୋଇ ରହିଛନ୍ତି । ଏବେ ଶିକ୍ଷାନୁଷ୍ଠାନ ଖୋଲିବା ଯୋଗୁ ସେମାନଙ୍କ ମନରେ ପୁଣି ଥରେ ବିଦ୍ୟାଳୟକୁ ଯିବା, ସହପାଠୀଙ୍କୁ ଭେଟିବା ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କ ଠାରୁ ଶିକ୍ଷାଲାଭ କରିବା ପାଇଁ ସୃଷ୍ଟି ହୋଇଥିବା ଉତ୍କଣ୍ଠାକୁ ଯେକୌଣସି କାରଣରୁ ହେଉ ପ୍ରତିହତ କରାନଯିବା ଆବଶ୍ୟକ । ଏହା କେବଳ ଛାତ୍ରଛାତ୍ରୀ, ମାତାପିତା, ଶିକ୍ଷାନୁଷ୍ଠାନ ପାଇଁ ନୁହେଁ ଦେଶ ପାଇଁ ହିତକର । ଏହାକୁ ସଭିଏଁ ଗୁରୁତ୍ୱର ସହ ଅନୁଭବ କରିବା ଆବଶ୍ୟକ ।

# ଭାରତ-ଇସ୍ରାଏଲ ମୈତ୍ରୀର ତିନି ଦଶନ୍ଧି

ସୌମେନ୍ଦ୍ର ଜେନା

ଚଳିତ ବର୍ଷ ଭାରତ ସ୍ୱାଧୀନତାର ୭୫ବର୍ଷ ପାଳନ କରୁଥିଲା ବେଳେ ଆସନ୍ତାବର୍ଷ ଇସ୍ରାଏଲ ମଧ୍ୟ ତାର ସ୍ୱାଧୀନତାର ୭୫ବର୍ଷ ପାଳନ କରିବ । ଇତି ମଧ୍ୟରେ ଦୁଇ ଦେଶର ସ୍ୱୀକୃତ ମୈତ୍ରୀକୁ ମାତ୍ର ତିନିଦଶନ୍ଧି ପୂରଣ ହୋଇଛି । ୨୯ଜାନୁଆରୀ ୨୦୨୨ଦିନ ଦୁଇ ଦେଶର ନେତୃତ୍ୱ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଦୁଇଦେଶର ମୈତ୍ରୀ ଅଧିକ ନିବିଡ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି । ଇସ୍ରାଏଲ ନିଜର ଜ୍ଞାନକୌଶଳ, ଗବେଷଣା, ପ୍ରତିରକ୍ଷା ଉତ୍ପାଦନ, ଆଧୁନିକ କୃଷି ପ୍ରଣାଳୀରେ ଅଧିକ ଉତ୍ପାଦନ ପାଇଁ ପ୍ରତିଷ୍ଠା ଲାଭ କରିଛି । ଭାରତ ପରି ବଡ ଦେଶ ନିଜ ଦେଶର କୃଷି ଓ ଜଳସେଚନର ବିକାଶ, ଶତ୍ରୁରାଷ୍ଟ୍ରର ମୁକାବିଲା ପାଇଁ ଆଧୁନିକ ଅସ୍ତ୍ରଶସ୍ତ୍ର, ଉଚ୍ଚତର ଗବେଷଣାଗତ ଜ୍ଞାନକୌଶଳ ପାଇଁ ଇସ୍ରାଏଲ ଉପରେ ନିର୍ଭରଶୀଳ ରହିଛି । ସେମିତି ଏକ କୋଟିରୁ କମ୍ ଜନସଂଖ୍ୟା ବିଶିଷ୍ଟ ଇସ୍ରାଏଲ ନିଜର ମୋଟ ପ୍ରତିରକ୍ଷା ସାମଗ୍ରୀର ୪୩ ପ୍ରତିଶତ ଭାରତକୁ ବିକ୍ରି କରି ରପ୍ତାନୀର ଏକ ନମ୍ବର ସ୍ଥାନରେ ରଖିଛି । ଅପରପକ୍ଷେ ଆବଶ୍ୟକ ବେଳେ ଖୁବ୍ କମ୍ ସମୟରେ ପ୍ରତିରକ୍ଷା ସାମଗ୍ରୀ ପାଉଥିବା ହେତୁ ବିଗତ ବର୍ଷମାନଙ୍କରେ ଭାରତ କ୍ରୟ ତାଲିକାରେ ଇସ୍ରାଏଲକୁ ପ୍ରାଧାନ୍ୟ ଦେଇଆସିଛି । ଫଳରେ ଇସ୍ରାଏଲର ଜନସଂଖ୍ୟା ଏକ କୋଟି ପାଖାପାଖି ଥିଲେ ମଧ୍ୟ ସେମାନେ ଭାରତପରି ଏକ ବଡ ରାଷ୍ଟ୍ରର ଏକଶହ କୋଟିରୁ ଅଧିକ ଜନସାଧାରଣଙ୍କର ଅକୁଣ୍ଠ ସମର୍ଥନ ପାଇପାରିଛନ୍ତି । ଭିନ୍ନ ଭିନ୍ନ ସମୟରେ ଇସ୍ରାଏଲକୁ ସମାଲୋଚନା କରିବାକୁ ସାମାଜିକ ଗଣମାଧ୍ୟମରେ ଉଦ୍ୟମ ହେବାବେଳେ ସଂଖ୍ୟାଧିକ ଭାରତୀୟ ଇସ୍ରାଏଲ ସମର୍ଥନରେ ବାହାରି ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି । ପାଲେଷ୍ଟାଇନର ହାମାସ୍ ଗୋଷ୍ଠୀର ଇହୁଦୀଙ୍କ ଉପରେ ଆକ୍ରମଣ ହେଉ ଅଥବା ଦୁଇଦେଶ ମଧ୍ୟରେ ସଂଘର୍ଷମୂଳକ ପରିସ୍ଥିତିରେ ଭାରତର ଲୋକେ ଇସ୍ରାଏଲକୁ ସମର୍ଥନ କରିଆସିଛନ୍ତି । ଅତୀତରେ ଇସ୍ରାଏଲ ମାଟିରୁ ବିଦେଶୀ ଆକ୍ରମଣକାରୀମାନେ ଇହୁଦୀଙ୍କୁ ଆକ୍ରମଣକରି ତଡି ଦେବାପରେ ସେମାନେ ଯେପରି ଭାରତରେ ଶରଣ ନେଇ ସୁରକ୍ଷିତ ଭାବେ ନିଜ ସଂସ୍କୃତିକୁ ବଞ୍ଚାଇ ରଖିପାରିଥିଲେ ତାହା ଯେମିତି ଉଲ୍ଲେଖନୀୟ, ଠିକ୍ ସେମିତି ପ୍ରଥମ ବିଶ୍ୱଯୁଦ୍ଧ ପରେ ଇସ୍ରାଏଲକୁ ଇହୁଦୀମାନଙ୍କୁ ଦେବାପାଇଁ ବ୍ରିଟିସ ସେନାଙ୍କ ପ୍ରୟାସରେ ସଫଳତାର ମୂଳଭିତ୍ତି ପକାଇଥିଲେ ଭାରତର ରାଜସ୍ଥାନ ଏବଂ କର୍ଣ୍ଣାଟକର ଘୋଡସବାର ସେନାବାହିନୀ । ସେମାନେ ଅଦମ୍ୟ ସାହସ ଓ ବଳିଦାନ ବଳରେ ଯେପରି ତୁର୍କୀର ଅଟୋମନ ସେନାଙ୍କ ହାତରୁ ଇସ୍ରାଏଲର ବନ୍ଦର ସହର ହାଇଫାକୁ ଛଡାଇ ଆଣିବାକୁ ସକ୍ଷମ ହୋଇଥିଲେ ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା ସହ ପ୍ରତ୍ୟେକ ଇହୁଦୀ ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକର ବିଷୟ ହୋଇଛି ।

ଆଧୁନିକ ଇସ୍ରାଏଲ ରାଷ୍ଟ୍ରର ଗଠନ ଭାରତର ସ୍ୱାଧୀନତାର ପରବର୍ଷ ହୋଇଥିଲେ ମଧ୍ୟ ଇସ୍ରାଏଲକୁ ଏକ ରାଷ୍ଟ୍ରଭାବେ ମାନ୍ୟତା ଦେବାପାଇଁ ଭାରତକୁ ପାଖାପାଖି ଚ଼ାରିଦଶନ୍ଧିରୁ ଅଧିକ ସମୟ ଲାଗିଗଲା । ଅଥଚ ସେହି ଚ଼ାଳିଶ ବର୍ଷରେ ଯେତେବେଳେ ବି ଭାରତ ଯୁଦ୍ଧ ସଙ୍କଟରେ ପଡିଛି, ଇସ୍ରାଏଲ କୂଟନୀତିକ ସ୍ୱୀକୃତି ନପାଇ ମଧ୍ୟ ବାରମ୍ବାର ଭାରତକୁ ଆବଶ୍ୟକ ଅସ୍ତ୍ର ଯୋଗାଇ ସହାୟତା କରିବାକୁ ଭୁଲିନାହିଁ । କିନ୍ତୁ ତତ୍କାଳୀନ ସରକାରମାନଙ୍କ ଆନ୍ତର୍ଜାତିକ କ୍ଷେତ୍ରରେ ଅପାରଗତା ହେଉ କିମ୍ବା ନିଜ ମନରେ ଥିବା ସଂକୀର୍ଣ୍ଣତା ଯୋଗୁ ହେଉ ସେମାନେ ଇସ୍ରାଏଲ ସହ ମୈତ୍ରୀ ସ୍ଥାପନାରୁ ଦୂରେଇ ରହିଥିଲେ । ଅର୍ଥ ଦେଇ ଲୁଚ୍ଛପାରେ ଅସ୍ତ୍ରଶସ୍ତ୍ର କ୍ରୟ କରୁଥିଲେ ମଧ୍ୟ ଇସ୍ରାଏଲକୁ ଏକ ରାଷ୍ଟ୍ରଭାବେ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରୁଥିଲେ । ଆମେରିକା ଓ ସୋଭିଏତ୍ ରୁଷ ମଧ୍ୟରେ ଚ଼ାଲିଥିବା ଶୀତଳଯୁଦ୍ଧର ଶେଷ ସମୟ ଅର୍ଥାତ୍ ସୋଭିଏତ୍ ବିଭାଜନ କାଳ ପର୍ଯ୍ୟନ୍ତ ଭାରତର ବିଦେଶ ନୀତିରେ ଇସ୍ରାଏଲ ନଥିଲା । କିନ୍ତୁ ସୋଭିଏତ ରୁଷର ବିଭାଜନ ସଙ୍ଗେ ସଙ୍ଗେ ଭାରତର ନିଦ୍ରା ଭଙ୍ଗ ହେଲା । ରୁଷିଆ ଯେ ଆଉ ଅଧିକକାଳ ଭାରତକୁ ସବୁ ସୁରକ୍ଷା ସାମଗ୍ରୀ ଯୋଗାଣ ସହ ଆନ୍ତର୍ଜାତିକ ସ୍ତରରେ ସହଯୋଗ କରିପାରିବ ନାହିଁ ସେ ନେଇ ଭାରତର କଳ୍ପଲୋକଜନିତ ତନ୍ଦ୍ରା ତୁଟିଥିଲା । ଫଳରେ ଅସ୍ତ୍ରଶସ୍ତ୍ରର କ୍ରିୟ, ଆଧୁନିକୀକରଣ, ତୁରନ୍ତ ଯୋଗାଣ ପାଇଁ ବିକଳ୍ପ ଖୋଜିବାକୁ ଯାଇ ଭାରତକୁ ୨୯ଜାନୁଆରୀ ୧୯୯୨ରେ ଇସ୍ରାଏଲ ସହ ଆଧିକାରୀକ ସ୍ତରରେ କୂଟନୀତିକ ସଂପର୍କ ସ୍ଥାପନ କରିବାକୁ ହେଲା ।

ପିଭି ନରସିଂହରାଓଙ୍କ ସମୟରେ ଇସ୍ରାଏଲକୁ ରାଷ୍ଟ୍ରର ମାନ୍ୟତା ଦେବା ସତ୍ତ୍ୱେ ଭାରତର ନେତୃତ୍ୱ ସେତେବେଳେ ସେତେଟା ସକାରାତ୍ମକ ନଥିଲେ । ତେଣୁ ୮ବର୍ଷପରେ ପ୍ରଥମ ବଡ ନେତା ଭାବେ ଗୃହମନ୍ତ୍ରୀ ଲାଲ କୃଷ୍ଣ ଆଡଭାନୀ ଜୁନ୍ ୨୦୦୦ରେ ଇସ୍ରାଏଲ ଗସ୍ତରେ ଯାଇ ତେଲ ଆଭିବଠାରେ ତତ୍କାଳୀନ ଇସ୍ରାଏଲ ରାଷ୍ଟ୍ରପତି ୱେଜ୍‌ମାନଙ୍କୁ ସାକ୍ଷାତ କରିଥିଲେ । ପାଲେଷ୍ଟାଇନ ଏବଂ ଅନ୍ୟ ମଧ୍ୟ ପ୍ରାଚ୍ୟର ରାଷ୍ଟ୍ର ଇସ୍ରାଏଲ ବିରୋଧରେ ଇସଲାମିକ ସନ୍ତ୍ରାସବାଦ ସୃଷ୍ଟିକଲା ପରି ଭାରତ ବିରୋଧରେ ପାକିସ୍ଥାନର ଇସଲାମିକ ସନ୍ତ୍ରାସବାଦ କିପରି କ୍ଷତି କରୁଛି ସେ ତାହା ଉତ୍‌ଥାପନ କରିଥିଲେ । ଭାରତର ରାଜନୀତିକ ଶବ୍ଦକୋଷକୁ ସୀମାପାର ଆତଙ୍କବାଦ ପରି ଶବ୍ଦ ଆଡଭାନୀ ଦେଇଥିଲେ । ଦୀର୍ଘ ଦେଢ ଦଶନ୍ଧିରୁ ଅଧିକ ସମୟ ପାଇଁ ସେ ଏହି ବିଷୟରେ ନିଜ ଦଳ ଭିତରେ ଏବଂ ସାଧାରଣରେ ଆଲୋଚନା କରି ଆସୁଥିଲେ । କାର୍ଗିଲ ଯୁଦ୍ଧରୁ ଶିକ୍ଷା ପାଇବା ପରେ ଆଭ୍ୟନ୍ତରୀଣ ଏବଂ ସୀମାର ସୁରକ୍ଷା ପାଇଁ ଇଲେକ୍‌ଟ୍ରୋନିକ୍ ତାରବାଡ, ଚ଼ାଳକବିହୀନ ଡ୍ରୋନ ଆଦି ନିରୀକ୍ଷଣ କରିବା ସହ ବେନ୍ ଗୁରିଅନ ବିମାନ ବନ୍ଦର ସୁରକ୍ଷା ବ୍ୟବସ୍ଥାକୁ ବୁଲି ଦେଖିଥିଲେ । ସେ ତାଙ୍କ ଗସ୍ତ କାଳରେ ରାଷ୍ଟ୍ରପତି ଇଜେର ୱେଜମାନଙ୍କୁ ବାଦ ଦେଲେ ଗୁପ୍ତଚର ସଂସ୍ଥା ମୋସାଦର ମୁଖ୍ୟ ଇଫ୍ରେମ ହାଲେଭି ଏବଂ ସୁରକ୍ଷା ସେବା ସଂସ୍ଥା ଶାବକର ମୁଖ୍ୟ ଏଭି ଡିଚଟରଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ ସେହି ସମୟରେ ଆମେରିକାର ଏକ ପ୍ରତିନିଧିଦଳ ଇସ୍ରାଏଲ ଗସ୍ତରେ ଆସି ୨୭ଟି ଦେଶକୁ ଅସ୍ତ୍ରଶସ୍ତ୍ର ବିକ୍ରି ନକରିବା ପାଇଁ ଯେଉଁ ତାଲିକା ଦେଇଥିଲେ ସେଥିରେ ଭାରତର ନାମ ରହିଥିଲା । ଆଡଭାନୀଙ୍କ ଗସ୍ତର ଗୋଟିଏ ସପ୍ତାହ ପରେ ବିଦେଶମନ୍ତ୍ରୀ ଯଶୋବନ୍ତ ସିଂହ ଇସ୍ରାଏଲ ଗସ୍ତରେ ଯାଇ ଦୁଇ ରାଷ୍ଟ୍ର ମଧ୍ୟରେ ବୈଦେଶିକ ସଂପର୍କକୁ ସୁଦୃଢ କରିବାକୁ ସକ୍ଷମ ହୋଇଥିଲେ । କିନ୍ତୁ ସେତେବେଳେ ଭାରତର ଗଣମାଧ୍ୟମଗୁଡିକ ଦୁଇଦେଶ ମଧ୍ୟରେ ଏହି ବନ୍ଧୁତାକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ ଏବଂ ଆଡଭାନୀଙ୍କ ଗସ୍ତରୁ ଇସ୍ରାଏଲୀ ଅଧିକାରୀ ଅଧିକ ଉତ୍ସାହିତ ନଥିବା କଥା ପ୍ରକାଶ କରିଥିଲେ । ଯେହେତୁ ଗଣମାଧ୍ୟମ ଗୁଡିକରେ ଗୁଲି କରିବାର ଏକ ପୁରୁଣା ପରମ୍ପରା ରହିଛି ଏବଂ ନିଜର ମତକୁ ରଖିବାକୁ ଜନୈକ ଅଧିକାରୀ କିମ୍ବା ଜନୈକ ପ୍ରତିରକ୍ଷା ବିଶେଷଜ୍ଞ କହିଲେ ବୋଲି ଉଲ୍ଲେଖ କରିଦେଇ ବଜାରକୁ ଛାଡିଦେବାର ବ୍ୟବସ୍ଥା ରହିଛି,ତେଣୁ ସେହି ଗସ୍ତକୁ ଗୌଣ କରିବାକୁ ଇଣ୍ଡିଆ ଟୁଡେଠାରୁ ଆରମ୍ଭ କରି ଦି ହିନ୍ଦୁ ଖବରକାଗଜ ପର୍ଯ୍ୟନ୍ତ ସମସ୍ତେ ଉଦ୍ୟମ କରିଥିଲେ । ସେମାନଙ୍କ ନକାରାତ୍ମକ ବିବରଣୀ ଆମମାନଙ୍କ ସମ୍ମୁଖରେ ଏବେବି ରହିଛି । ଏକଥା ସତ ଯେ ଦୀର୍ଘଦିନ ଧରି ଯଥାବତ୍ ବିଦେଶନୀତିକୁ ଦେଖିଆସିଥିବା ଭାରତର ଗଣମାଧ୍ୟମ ଗୁଡିକ ଆଦୌ ସକ୍ରୀୟ ବିଦେଶନୀତି, ପରିବର୍ତ୍ତିତ ପରିସ୍ଥିତି ଓ ନୂତନ ଆଭିମୁଖ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ । କିନ୍ତୁ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଏବଂ ପରେ ନରେନ୍ଦ୍ର ମୋଦିଙ୍କ ସରକାର ଦୁଇରାଷ୍ଟ୍ର ମଧ୍ୟରେ ବନ୍ଧୁତାକୁ ଭିନ୍ନ ଭିନ୍ନ ସ୍ତରକୁ ନେବାକୁ ସଫଳ ହେଲେ । ଆଉ ଏବେ ଦୁଇଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଅର୍ଥନୀତିର ପ୍ରଚଳନ ପାଇଁ ଆଲୋଚନା ଜାରି ରହିଛି । ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରଠାରୁ ତତ୍କାଳୀନ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନଫ୍‌ତାଲି ବେନେଟଙ୍କ ସହ ଉତ୍ତମ ସଂପର୍କ ରଖିଆସିଛନ୍ତି । ନିକଟ ଅତୀତରେ ମୋଦିଙ୍କୁ ସାକ୍ଷାତକାଳରେ ନଫ୍‌ତାଲି ତାଙ୍କ ଦଳରେ ଯୋଗ ଦେବାପାଇଁ କହି ସେ ଇସ୍ରାଏଲରେ ସବୁଠୁ ଅଧିକ ଲୋକପ୍ରିୟ ନେତା ବୋଲି କହିଥିଲେ ।

ମୈତ୍ରୀ ସନ୍ଧିର ତିନି ଦଶନ୍ଧିରେ ୨୯ ଜାନୁଆରୀ ୨୦୨୨ ଦିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବକ୍ତବ୍ୟରେ ଦୁଇଦେଶର ସଂପର୍କ ସୁଦୃଢ ହୋଇଥିବା କଥା କହିଥିଲେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ପ୍ରଳୟମୁଖୀ ଧରିତ୍ରୀ ମାଆର ସୁରକ୍ଷା ଜରୁରୀ



ପ୍ରଦୋଷ କୁମାର ଦାସ

ପ୍ରକୃତିର ପ୍ରକୋପରେ ପ୍ରତିବର୍ଷ ଆମ ଜୀବଜଗତ ବିଶ୍ୱର କେଉଁଠି ନା କେଉଁଠି, ଜୀବନ ମରଣ ସହ ଘୋର ପ୍ରଭାବିତ। ପ୍ରକୃତିର ସୁରକ୍ଷା ପାଇଁ ସଚେତନତାର ଅଭାବ ଓ ଅହରହ ଅପରିଣାଦର୍ଶୀ କାର୍ଯ୍ୟକଳାପ ସମଗ୍ର ସୃଷ୍ଟି ରକ୍ଷା ପାଇଁ ଏବେ ପ୍ରଶ୍ନବାଚୀ ସୃଷ୍ଟି କଲାଣି ।ଆଧୁନିକ ବିଜ୍ଞ ମଣିଷ ସମାଜ ସବୁ ଜାଣି ଅଜଣା ଭଳି ପ୍ରକୃତି ବିରୋଧୀ ଅିମୃଷ୍ୟକାରୀ ବ୍ୟବହାର କରିଚାଲିଛି।

ପ୍ରକୃତି ସଂରକ୍ଷଣ ପାଇଁ ଜଂଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସମେତ ପ୍ରକୃତିର ଜୈବ ବିବିଧତା ସନ୍ତୁଳନ ବଜାୟ ରଖିବାରେ କାହାର ଆନ୍ତରିକତା ନାହିଁ। ଆମ ଭାରତର ବିଭିନ୍ନ ପ୍ରାଚୀନ ଗ୍ରନ୍ଥ,ଧର୍ମ ବିଶ୍ୱାସ, ପାରମ୍ପରିକ ପ୍ରଥା ସମେତ ପୂଜା ପଦ୍ଧତି,ଓଷାବ୍ରତ,ସାମାଜିକ ଚଳଣୀ ଓ ସଂସ୍କୃତିରେ ପ୍ରକୃତି ପୂଜାକୁ ଜୀବନର ଧର୍ମ ଭାବେ ବର୍ଣ୍ଣନା ରହିଛି।

ମହାକବି କାଳିଦାସଙ୍କ ପ୍ରସିଦ୍ଧ ସଂସ୍କୃତ କାବ୍ୟ ' ମେଘଦୂତମ୍' ରେ ମେଘର ହୃଦୟଗ୍ରାହୀ ବର୍ଣ୍ଣନା ରହିଛି। ଏଥିରେ ପ୍ରକୃତି ସର୍ଜନାର ଅନ୍ୟତମ ଉତ୍ସ ମେଘ ଓ ପ୍ରକୃତିର ଅପରୂପ ବର୍ଣ୍ଣନେ ହୃଦୟକୁ ଦ୍ରବିବୃତ କରିଥାଏ।

ହେଲେ ଆଜି ଅସହାୟା ପ୍ରକୃତି ବକ୍ଷରେ ଅଦିନରେ ମେଘ, ଅକାଳ, ମରୁଡି,ଦେଖାଯାଉଛି ।ଋତୁକାଳୀନ ପ୍ରକୃତିସମ୍ଭାର ଏବେ ହଜିହଜି ଯାଉଛି। ଅସମୟ ବର୍ଷା ଖରା ଶୀତ ସମେତ ଘଡଘଡି ଚଡଚଡି ମାରି ପ୍ରକୃତି କରୁଥିବା ନିଜର ଅସନ୍ତୋଷ କୁ କେହି ହୃଦୟଙ୍ଗମ କରି ପାରୁନାହାନ୍ତି। ଦୁଃଖ ଓ ପରିତାପର ବିଷୟ, ପ୍ରକୃତି ପ୍ରକୋପରେ ମଣିଷ ଆଜି କ୍ରମେ ଯନ୍ତ୍ରଣାସିକ୍ତ ରହିଥିବାବେଳେ ପ୍ରକୃତି ସୁରକ୍ଷା ପାଇଁ ଉଦାସୀନତା ବଢିବଢିଚାଲିଛି। ସବୁଆଡେ ଅବୁଆଡେ ଅବିଚାରିତ ଭାବେ ଜଂଗଲ କ୍ଷୟ, ଚାଲିଛି। ସ୍ୱାର୍ଥପର ମଣିଷ ଦ୍ୱାରା ବ୍ୟାପକ ବୃକ୍ଷ ଛେଦନ, ଜଂଗଲରେ ନିଆଁ ଲଗାଯାଉଛି। ପ୍ରଦୂଷଣ ନୀତି ନିୟମ କୁ ଫୁ କରି ବ୍ୟାପକ କଳକାରଖାନା ମାନ ବେଆଇନ ଭାବେ ସ୍ଥାପନ ହେଉଛି ।,ଜୀବାଶ୍ମ ଜାଳେଣୀ ବ୍ୟବହାର ବୃଦ୍ଧି କାରଣରୁ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି ।କ୍ରମବର୍ଦ୍ଧିଷ୍ଣୁ ପରିବେଶୀୟ ତାପନ ଆମ ବିଶ୍ୱକୁ ଅହେତୁକ ସଂକଟ ମଧ୍ୟକୁ ଟାଣି ନେଇଚାଲିଛି। ଦେଶ ଦେଶ ବ୍ୟାପୀ ପ୍ରକୃତି ସୁରକ୍ଷାରେ ଅସନ୍ତୁଳନତା କ୍ରମେ ବୃଦ୍ଧି ପାଉଛି ।ଜଳବାୟୁ ପ୍ରଭାବିତ ବିଶ୍ୱରେ ବନ୍ୟା,ବାତ୍ୟା, ପ୍ରାକୃତିକ ଦୁର୍ବିପାକରେ ସାରା ବିଶ୍ୱ ଆଜି ନିଜର ଅସ୍ତିତ୍ୱ ଖୋଜୁଛି।

ଇତି ମଧ୍ୟରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ଆନ୍ତଃ ସରକାରୀ ଗୋଷ୍ଠୀ( ଆଇପିସିସି)ର ୬ଷ୍ଠ ସଂସ୍କରଣ ରିପୋର୍ଟ ପ୍ରକାଶ ପାଇଛି ।ଏଥିରେ ବିଶ୍ୱ ତାପମାତ୍ରା ବୃଦ୍ଧି ନେଇ ଉଦବେଗ ପ୍ରକାଶ କରାଯାଇଛି ।ପ୍ୟାରିସ ଜଳବାୟୁ ରାଜିନାମା ମୁତାବକ ବିଶ୍ୱ ତାପନ ବୃଦ୍ଧି ୧.୫ ଡିଗ୍ରୀ ସେଣ୍ଟିଗ୍ରେଡରୁ କମ ରଖିବା ପାଇଁ ଆବଶ୍ୟକ ବିଧିବ୍ୟବସ୍ଥା ଗ୍ରହଣ କରାଯାଇ ନଥିବା ଏହି ରିପୋର୍ଟରେ ଦର୍ଶାଯାଇଥିବା ପ୍ରକାଶ। ଏହା ଯଦି ସତ୍ୟ ହୋଇଥାଏ ,ତେବେ ଆଗାମୀ ୨୦ ବର୍ଷ ମଧ୍ୟରେ ବିଶ୍ୱ ତାପମାତ୍ରା ବୃଦ୍ଧି ତତୋଧିକ ବୃଦ୍ଧି ପାଇବାର ଆକଳନ ମଧ୍ୟ ହେଉଛି। ଏ ବିଷୟରେ ନିକଟରେ ଆହୂତ ଜାତିସଂଘ ସମ୍ମିଳନୀରେ ମଧ୍ୟ ବିସ୍ତୃତ ତର୍ଜମା ହେବାର ସମ୍ଭାବନା ରହିଛି।

ସୂଚନାରୁ ପ୍ରକାଶ, ଆମେରିକୀୟ ମହାକାଶ ବିଜ୍ଞାନ ସଂସ୍ଥା' ନାସା' ଅନୁଯାୟୀ ବିଶ୍ୱର ତାପମାତ୍ରାଗତ ୧୯୦୬ ରୁ ୨୦୦୫ ମସିହା ମଧ୍ୟରେ ୦.୬ ରୁ ୦.୯ ଡିଗ୍ରୀ ବଢିଥିବା ପ୍ରକାଶ। ତେବେ ଏହି ତାପମାତ୍ରାର ବେଗ ବିଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ପ୍ରାୟ ଦ୍ୱିଗୁଣିତ ହୋଇଯାଇଛି।' ନେଚର କମ୍ୟୁନିକେସନ' ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ବିଶ୍ୱ ତାପନ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ୧.୫ ଡିଗ୍ରୀ ସେଣ୍ଟିଗ୍ରେଡକୁ ବୃଦ୍ଧି ପାଇଯିବ ବୋଲି ଆକଳନ ହୋଇଛି।

ପ୍ରକୃତି ବିନଷ୍ଟ ଓ ବିଶ୍ୱ ତାପନ କାରଣରୁ ବାୟୁମଣ୍ଡଳରେ ଅଂଗାରକାମ୍ଳ ନିର୍ଗମନ ପରିମାଣ ବଢି ବଢି ଚାଲିଛି।

ବିଶ୍ୱ ତାପନ ବୃଦ୍ଧିରୁ ଗ୍ଲୋବାଲ ୱାର୍ମି ହେବା ଫଳରେ କ୍ରମେ ମେରୁ ଅଂଚଳରୁ ବରଫ ତରଳିବାରେ ଲାଗିଛି। ସୀମାନ୍ତରେ ଗ୍ଲାସିୟରରେ ଲକ୍ଷାଧିକ ବର୍ଷ ଧରି ରହିଥିବା ବରଫ ଖଣ୍ଡ ତରଳି ସମୂଦ୍ରରେ ପଶୁଛି। ଏହା ଆଗାମୀ ଦିନରେ ଜଳପ୍ରଳୟର କାରଣ ହେବାର ଆଶଙ୍କା ରଖୁଛି। ଏହି କ୍ରମରେ ପୃଥିବୀର ପ୍ରଥମ ଦେଶ ଭାବେ ମାଳଦ୍ୱୀପ ହୁଏତ ପ୍ରଥମେ ଜଳମଗ୍ନ ହେବାର ଆଶଙ୍କା ହେଉଛି। ଏହିପରି ଲାଗିରହିଲେ ବିଶ୍ୱର ହିମଶୈଳମାନ ତରଳି ସମୁଦ୍ରରେ ଜଳପତ୍ତନ ବୃଦ୍ଧି ପାଇ୍‌ବ ।ଫଳରେ ଏହା ସ୍ଥଳ ଭାଗ ଆଡକୁ ମାଡି ଆସି ଜଳ ପ୍ଲାବନ ସୃଷ୍ଟି କରିବ। ବିଶ୍ୱର ୩ ଭାଗ ଜଳ ରହିଥିବାବେଳେ ଭାଗେ ସ୍ଥଳ ଭାଗ ରହିଛି ।ଆମ ଭାରତର ମେଟ୍ରୋ ନଗରୀ ମୁମ୍ବାଇ, ଚେନ୍ନାଇ, ଗୁଜରାଟ,କୋଲକାତା ଭଳି ଅଞ୍ଚଳ ଏହି ଜଳ ପ୍ରଳୟର ପ୍ରଥମ ଶିକାର ହେବା ଆଶଙ୍କା ପ୍ରକାଶ ପାଇଛି। ଏହି ପରି ଜଳ ପ୍ରଳୟ ହେଲେ ସମଗ୍ର ପୃଥିବୀ ଅଚିରେ ଜଳ ପ୍ଲାବିତ ହୋଇଯିବ। ଏଥିରେ ପ୍ରଥମେ ମାନବ ସମାଜର ବିଲୋପ ଘଟିବ।

ଗତ ୨୦୧୩ ରେ ଆମ ଦେଶର କେଦାରନାଥରେ ଭୟାବହ ବାଦଲ ଫଟା ବର୍ଷା ହୋଇ ବନ୍ୟା ଓ ଭୂ ସ୍ଖଳନରେ ବହୁ ଜୀବନହାନୀ ଘଟିଥିଲା। ସେହିପରି ନିକଟରେ ଦେଶର ଚମୋଲି ରେଲ୍ଲାର ନନ୍ଦାଦେବୀ ପର୍ବତ ଶ୍ରେଣୀ ର ବିସ୍ତାର ଗ୍ଲାସିଅର ଖଣ୍ଡ ଭୟଙ୍କର ବେଗରେ ସ୍ଖଳିତ ହୋଇ ରୁଷି ଗଙ୍ଗା ନଦୀରେ ଆସି ପଡିଥିଲା। ଏହାର ପ୍ରଭାବରେ ଉଦବୃତ୍ତ ଜଳ ପ୍ରବାହ ଭୟଙ୍କର ବେଗରେ ପ୍ରଳୟ ସମାନ ପ୍ରଳୟ ସ୍ରୋତରେ ମାଡି ଆସି ସ୍ଥାନୀୟ ' ତପୋବନ ବିଜୁଳି ପରିଯୋଜନା' କୁ ନିଶ୍ଚିହ୍ନ କରିଦେଇଥିଲା।

ସେହିପରି ଏବେ ଅପେକ୍ଷାକୃତ ଅଧିକ ବାତ୍ୟା ପ୍ରବଣ ଆଭ ରାଜ୍ୟ ଓଡିଶାରେ ପ୍ରକୃତିର ତାଣ୍ଡବ କୌଣସି ଗୁଣରେ କମ୍ ନୁହେଁ। ୧୯୯୯ ରେ ଘଟିଥିବା ମହାବାତ୍ୟା ସାରା ଓଡିଶାକ ଛାରଖାର କରିଦେଇଥିଲା। ୨୦୧୯ ଫନି ବାତ୍ୟା ମଧ୍ୟ ଓଡିଶାକୁ ଥରହର କରିଦେଇଥିଲା। ବିଭିନ୍ନ ସମୟରେ ଆସିଥିବା ବିଭିନ୍ନ ବାତ୍ୟା ପ୍ରଭାବରେ ଓଡିଶାରେ ପବନ ବର୍ଷାରେ ମଧ୍ୟ ଓଡିଶାବାସୀ ଦହଗଂଜ ହୋଇଥିବାବେଳେ ବ୍ୟାପକ ଫସଲ ହାନୀ ହୋଇଛି ।ଉଲ୍ଲେଖଯୋଗ୍ୟ, ଗତ ୨୦୨୦ ମସିହାରେ ଓଡିଶା ଉପକୂଳ ଦେଇ ଅତିକ୍ରମ ହେବାକୁଥିବା ବାତ୍ୟା, 'ଅମ୍ଫାନ' ଓଡିଶା ସ୍ଥଳଭାଗ ନଛୁଇଁ ପଶ୍ଚିମବଙ୍ଗ ପ୍ରବେଶ କରିବାରୁ ମହାନଗରୀ କୋଲକାତାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା।

ଆମକୁ ପ୍ରକୃତିର ପ୍ରକୋପ ଉପରେ ଅନୁଶୀଳନ କରି ଏହାର କାରଣର ନିରାକରଣ ନିମନ୍ତେ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରିବାକୁ ହେବ। ବ୍ୟାପକ ବନୀକରଣ କରିବାକୁ ହେବ ।ବାୟୁମଣ୍ଡଳରେ ଅବିଚାରିତ ମିଶୁଥିବା ଅଙ୍ଗାରକାମ୍ଳ ଉତ୍ସର୍ଜନକୁ ଏଡାଇବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ହେବ। ଏସାର ମୁକାବିଲା ପାଇଁ ଅଙ୍ଗାରକାମ୍ଳ ନିର୍ଗମନକୁ ଶତକଡା ୪୫ ଭାଗ ହ୍ରାସ ପାଇଁ ପଦକ୍ଷେପ ନେବାକୁ ହେବ। ଚୀନ, ଆମେରିକା ଓ ଋଷ ଭଳି ସମୃଦ୍ଧ ଦେଶମାନେ ଏଦିଗରେ ପାରସ୍ପରିକ ବୁଝାମଣା କରି ବିଶ୍ୱ ତାପନ ହ୍ରାସ ନିମନ୍ତେ ସ୍ୱେଚ୍ଛାକୃତ ଭାବେ ଆପଣା ଦେଶରେ କ୍ରମବର୍ଦ୍ଧିଷ୍ଣୁ ଅଙ୍ଗାରକାମ୍ଳ ଉତ୍ସର୍ଜନକୁ କମ କରି ବାୟୁପ୍ରଦୂଷଣକୁ ରୋକିବା ଜରୁରୀ। ଏହା ଅନ୍ୟ ଦେଶ ପାଇଁ ନିହାତି ପ୍ରେରଣାଦାୟକ ହୋଇପାରିବ। ଜନସଂଖ୍ୟା ବୃଦ୍ଧି ଜନୀତ ପରିବେଶୀୟ ସମସ୍ୟା ଏଡାଇବାକୁ ନିର୍ଦ୍ଦିଷ୍ଟ ନିୟମ କରିବାକୁ ହେବ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)






## ସବୁରେ ବଢିଆ

କୁନା ସେଠୀ

ଆସିବା ଯିବାଟା ଲାଗି ରହିଅଛି
ଏଇ ସେ ମରତ ଧାମେ
କିଏ କେତେ ବେଳେ କେମିତି ଯାଉଛି
ଜାଣି ପାରୁଛେ କି ଆମେ ?

ଜଳରେ, ବାୟୁରେ, ଅଗ୍ନିରେ, ମାଟିରେ
ଅବା ଦୁର୍ଘଟଣା ଟିରେ
ରୋଗରେ, ଭୋଗରେ
କିଏ ବା ରାଗରେ
ଫେରନ୍ତି ଏ ଜୀବନରେ ।

ଅଭିନୟ କରି ହସି ହସାଇବା
ଜୀବନ ଯାହାର ଥିଲା
ମରି ମାରି ପୁଣି ଲୁହ ଗଡ଼ାଇବି
କେତେ ସେ ନିଜର ହେଲା ।

ହିରୋ ଠାରୁ ଗୁଣ୍ଡା କମେଡି ଠୁ ଦଣ୍ଡା
ବାପା ଠାରୁ ପୁଅ ଯାଏ
ଭାଇଠୁ ଶିକ୍ଷକ ପାଗଳ ମାଲିକ
କୃପଣ ଚରିତ୍ର ଥାଏ ।

ସବୁ ଚରିତ୍ରର ଅଧିକାରୀ ସିଏ
ଦକ୍ଷ ଏଇ ଦୁନିଆର
ଅଭିନୟ କରି କାହିଁ କେତେ ଦିନୁ
ରଖିଥିଲା ନାଆଁ ତାର ।

ମରିବା ବଂଚିବା ଅଭିନୟ କରି
ସତରେ ଗଲା ସେ ଚାଲି
ଓଡିଶା ରାଇଜ ବାହୁନି କାନ୍ଦୁଛି
ମିହୀରି ମିହୀରି ବୋଲି ।

ସବୁରେ ମାହୀରି ଅଟେ ସେ ମିହୀରି
ଫିଲିମ ଜଗତ ପାଇଁ
ଭାରି ଭଲ ଲାଗେ ଅଭିନୟ ତାର
ହୃଦୟ କୁ ଯାଏ ଛୁଇଁ ।

ଓଡ଼ିଆ ଫିଲିମ କହିଲେ ବୁଝାଏ
ମିହିର ଦାସର ନାମ
ମିହୀରି ବିନା ଯେ ଫିଲିମ ଅକାମି
ବୃଦ୍ଧି ହୋଇଯାଏ ବାମ ।

ଡାଇଲକ ତାର ଭାରି ଭଲ ଲାଗେ
ଶୁଣିବାକୁ ଆଉ ନାହିଁ
ଦୁନିଆ ଦାଣ୍ଡରୁ ବିଦାୟ ନେଇଛି
ସତ ସତିକା ଯେ ସେହି ।

ଶୂନ୍ୟ ହୋଇଲା ତାଙ୍କରି ଆସ୍ଥାନ
ରହିବ ଅପୁରଣୀୟ
ତାପରି ନାହିଁରେ ଏକ କଳାକାର
କରିବ ମନକୁ ଜୟ ।

କବିତା ମାଧ୍ୟମେ କରେ ପ୍ରଣିପାତ
ଦିଏ ଶ୍ରଦ୍ଧା ପୁଷ୍ପାଞ୍ଜଳି
ଝୁରିବ ଓଡିଶା ଝୁରିବ ଏ ମାଟି
ତୁମ ଲାଗି ଦୀପ ଜାଳି ।

ସବୁରେ ବଢିଆ ତୁମେ ହେ ଓଡ଼ିଆ
ମିହିର ଦାସ ଯେ ନାମ
ଅଟ କଳାକାର ସିନେ ଜଗତର
ଅଭିନୟ ତୁମ କାମ ।

ଶିଖାଇଛ ଯାହା ସାରା ଓଡିଶାକୁ
ନିଜ ଅଭିନୟ ଧାରେ
ରହିଛି ରହିବ ଜଗତେ କହିବ
ସଲାମ ରେ ବାରେ ବାରେ ।

ଭୁତସରସିଙ୍ଗି, ଗଂଜାମ

## ଚହଲା ପାଣି

ରାହାସ କୁମାର ବେହେରା

ସକାଳ ହେଲେ ଘାସ ଗାଲିଚାରେ
କାକର ଝରେ
ଗୋରା ମୁହଁ ଦିଶେ ତୋଫା,
ସଜ ଗୋଲାପ କଅଁଳ କଢ଼ିରେ
ଭଅଁର ତୃପ୍ତ
ମନ ଲାଗେ ଭାରି ସଫା ।
ଅଳସ ଦେହେ ବୟସ ଲାଗିଲେ
ସ୍ୱପନେ ଉଡେ
ସାଥି ଖୋଜେ ନିରୋଳାରେ,
କନକ ଗୋରୀ ପାନ ପତରି ଗୋ
ସୁନ୍ଦରୀ ଭାରି
ପ୍ରୀତି ଝୁରେ ଅନ୍ତରରେ ।
ଝରା ଶେଫାଳି ହେହରେ ବୋଲି ଯେ
ମହକେ ଡୋଳି
ଚିତ୍ତ ମତ୍ତ ଏକା କରି,
ମନ ଭ୍ରମରା ସୁଖ ପସରାରେ
ହୁଏ ଅଧିରା
ସାଥୀବିନା ମରେ ଝୁରି ।
ପୋଖରୀ ତୁଠ ସଖୀ ଗହଳିରେ
ଦିଶେ ଚହଟ
ହଳଦୀ ଗିନାରେ ଲୋଭ,
ଚନ୍ଦ୍ରମା ତୁଲ ନଜର ଲାଗିଲେ
ଅମୂଲ ମୂଲ
ପରଦେଶୀ ମଣେ ଶୁଭ ।
ଚହଲା ପାଣି ଛନକା ଟାଣି ଯେ
ବିରହ ଆଣି
ମନ ହୁଏ ଛନଛନ,
ଆଲୋ ମାନିନୀ ନିତି ସ୍ୱପନେଯେ
ରୂପ ଚାନ୍ଦିନୀ
ଦିନରେ ଖୋଜୁଛି ଜହ୍ନ ।
ବହୁଛି ବାଆ ପଣତ ଖସିଲେ
ସରମି ଯାଆ
ଲାଜରେ ଟାଣଇ ଗାର,
ନହନହକା କଅଁଳ ଅଣ୍ଟାରେ
ପଶିଚି ରକା
କିଏସେ ମାରିଛି ତୀର ।
ସୋରିଷ ଫୁଲ କରୁଛି ଗେଲ ଯେ
ମାରିଛ ଖିଲ
ସୁରୁଜ ଦିଶିଲେ ଲାଲି,
ଷୋଳ ବୟସୀ କଖାରୁ କଷି ଯେ
ବସିଛି ରୁଷି
ଯିବ ଶାଶୂଘର ଚାଲି ।
ପ୍ରେମ ପତର ମଲ୍ଲି ଅତରରେ
ମହକେ ଘର
ଦାଣ୍ଡରେ ଚଉରା ପିଣ୍ଡି,
ବାଜିଲା ବାଜା କନିଆଁ ସଜା ଯେ
ଆସିବେ ରାଜା
କିଏସେ ବସିଛି ଉଣ୍ଡି ।
ବଂଶୀ ସୁର ଲାଗେ ମଧୁର ଯେ
ଲବଣି କ୍ଷୀର ବସିଛି କହେଁଇ ଜଗି,
ସଖା ସୁବଳ କାଳିନ୍ଦୀ ଜଳସେ
ଦିଶେ ନିର୍ମଳ
ରାଧା ପାଇଁ ପ୍ରେମରୋଗୀ ।

ବାଲ୍ୟମ୍ଭା,ଭାପୁର
ଢେଙ୍କାନାଳ : ୭୫୯୦୧୫
(ମୋ) ୯୪୩୮୧୧୪୩୬୮

## ମା' ମାଟି

ସଂଜୀବ କୁମାର ଦାଶ



ଭୂମିଷ୍ଠ ହେଲା ପରଠୁଁ ମଶାଣିର
ଶେଷ ଜୁଇ ଯାଏଁ,
ମଣିଷଟା ମାଡୁଥାଏ କେତେ ଖାଲଢିପ
କଣ୍ଟାଝଣ୍ଟା,
ଖୁସିର କିଛିଟା ଖୋରାକ ଖୋଜୁ ଖୋଜୁ,
ଢାଳିଦିଏ ରକ୍ତସ୍ୱେଦ,
ପିଇଯାଏ ଅଭିମାନୀ ଲୁହ,
ସବୁରି ମୂକସାକ୍ଷୀ ଏଇ ଗାଁ ଭୂଇଁ,
ଏଇ ମା'ମାଟି ।
ଏ ମାଟିକୁ ହିଁ ଆଲୁଅ ବିଞ୍ଚି ରବି,
ଶଶୀ, ଚିରଦେବତା,
ୟା ପାଇଁ ଗର୍ବିତ ପ୍ରଶସ୍ତ ଆକାଶ,
ସବୁଜ ବନଲତା
ଭସା ମେଘଦିଏ ଲକ୍ଷେ ପ୍ରତିଶ୍ରୁତି,
ଶତତଳ ପ୍ରାସାଦ, ତୁଙ୍ଗ ଶୈଳଚୂଳ,
ନଭରେ ଯା' ମଥାନ,
ଜାବୁଡିକି ଧରିଥାନ୍ତି ଏ ମାଟି,
ଦିଗବଳୟରେ ତ ମାଟି,
ଆକାଶର ଯୁଗଯୁଗରୁ
ଦର୍ଶନୀୟ ମିଳନପର୍ବ ।
ଶୂନ୍ୟର ଅପହଞ୍ଚ ଦୂରତା ଲଙ୍ଘି,
ସାଗରର ଅଥଳ ଗଭୀରତାରେ
ପହଁଚି ବି
ମଣିଷ ଖୋଜେ,
ତା'ନିରୋଳା ନିଃଶ୍ୱାସର
ମାଟିଘର, ଯେଉଁଠି
ଚୁଲିଉହାଡ଼ର ବାସ୍ନାରେ
ସେ ହୁଏ ଆତ୍ମବିଭୋର,
ଭାଗବତ ବୋଲିରେ ମନ୍ତ୍ରମୁଗ୍ଧ,
ଫେରିବାକୁ ସଦା ବାୟାବାତୁଳା,
ଏକାନ୍ତ ଅନୁରାଗର ନୀଡ଼ଟିକୁ,
ସେ ନିହାତି ମାଟିମନସ୍କ ।

ଝଡଝଞ୍ଜା, ରୋଗବାଘର ସ୍ୱାଭାବିକତା,
ଦୁନିଆଁର ସାଫଲ୍ୟ ଆଉ ହତାଶାର
କ୍ରମ ପର୍ଯ୍ୟାୟ ସବୁକୁ ପରା ସାଉଁଟି ନେଇ,
ସମ୍ଭାଳି ନେଇ ସର୍ବଂସହା ଏ ମାଟି,
ବିଞ୍ଚିଦିଏ ସାଧନାର କୁଟୀରରେ ସିଦ୍ଧିର
ଜ୍ୟୋତି,ଆରାଧନା ଶାନ୍ତି,
ସେ ଏକା ହିଁ ମଣିଷର ପରିଚୟ ଦିଏ,
ସେଇ ମାଆ, ସେଇ ମାଟି ........ ।

ପ୍ରାଧ୍ୟାପକ,
ଦେବଗଡ ମହାବିଦ୍ୟାଳୟ
(ମୋ) ୯୪୩୭୭୩୯୫୭୭



# ଘାଇଲା କଲା ଟିଏମ୍‌ସି ସାଂସଦଙ୍କ କିଲର ଲୁକ୍

ପୁଣି ଚର୍ଚ୍ଚାରେ ବଙ୍ଗୀୟ ଅଭିନେତ୍ରୀ ତଥା ଟିଏମ୍‌ସି ସାଂସଦ ନୁସରତ ଜାହାଁ । ତେବେ ଏଥର କୌଣସି ବିବାଦକୁ ନେଇ ନୁହେଁ, ତାଙ୍କ ଗ୍ଲାମର ଲୁକ୍‌କୁ ନେଇ ସେ ଚର୍ଚ୍ଚାକୁ ଆସିଛନ୍ତି । ଟିଏମ୍‌ସି ସାଂସଦଙ୍କ ଗ୍ଲାମର ଲୁକ୍ ?ର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଘାଇଲା କରିଛି । ଏହି ଭିଡିଓ ସୋଶାଲ ମିଡିଆରେ ଭାଇରାଲ ମଧ୍ୟ ହେଉଛି ।

ନିଜ ବ୍ୟକ୍ତିଗତ ତଥା ବୃତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହୁଥିବା ନୁସତର ଏବେ ଦେଖାଇଛନ୍ତି ତାଙ୍କ ନୂଆ ଅନ୍ଦାଜ । ହଟ୍ ଆଉ ଗ୍ଲାମର ଅନ୍ଦାଜରେ ସେ ଆସିଛନ୍ତି ନଜର । ସେ ନିଜେ ତାଙ୍କର ଏହି ଲୁକ୍‌ର ଭିଡିଓକୁ ଇନଷ୍ଟାଗ୍ରାମରେ ଶେଆର କରିଛନ୍ତି । ନୁସରତଙ୍କ ଏହି ଭିଡିଓ ଏବେ ସୋଶାଲ ମିଡିଆର ତାପମାତ୍ରା ବଢ଼ାଇ ଦେଇଛି । ଭିଡିଓରେ ନୁସରତ ଗୋଲାପି ରଙ୍ଗର କ୍ରପ୍ ଟପ ଏବଂ ସ୍କଟ୍ ପିନ୍ଧି ଡ୍ୟାନ୍ସ କରୁଥିବା ନଜର ଆସିଛନ୍ତି । ତେବେ ଆଖି ପିଛୁଳାକେ ସେ କ୍ୟାମେରା ସାମ୍ନାରେ ତାଙ୍କର ଏହି ଡ୍ରେସ୍ ବଦଳାଇ ପୁଣି ଧଳା ରଙ୍ଗର ଏକ ଡ୍ରେସ୍‌ରେ ନଜର ଆସିଛନ୍ତି ନୁସରତ । ତାଙ୍କର ଏହି କିଲର ଅନ୍ଦାଜକୁ ଦେଖି ଫ୍ୟାନ୍‌ମାନେ ଘାଇଲା ହୋଇଯାଇଛନ୍ତି । ନୁସରତଙ୍କ ଏହି ନୂଆ ଲୁକ୍‌କୁ ଫ୍ୟାନ୍‌ମାନେ ପସନ୍ଦ କରିବା ସହ ପ୍ରଶଂସା ମଧ୍ୟ କରିଛନ୍ତି । ଏହି ଭିଡିଓକୁ ଶେଆର କରି ନୁସରତ କ୍ୟାପସନ୍‌ରେ ଲେଖିଛନ୍ତି, 'ଏହା ଏକ ପୁରୁଣା ଭିଡିଓ । ଶୁଟିଂ ପାଇଁ ଭିନ୍ନ ଭିନ୍ନ ଆଉଟ୍‌ଫିଟ୍ ଟ୍ରାଏ କରିବାକୁ ପଡୁଥିଲା ।' ସୂଚନା ମୁତାବକ, ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହୁଥିବା ଟିଏମ୍‌ସି ସାଂସଦ ନୁସରତ ନିଜ ପ୍ରଥମ ସ୍ୱାମୀଙ୍କଠାରୁ ଭିନ୍ନ ହୋଇଯାଇଛନ୍ତି । ଏହାପରେ ସେ ଗର୍ଭବତୀ ହେବା ଏବଂ ୟଶ ଦାସଗୁପ୍ତାଙ୍କ ସହ ତାଙ୍କ ସମ୍ପର୍କ ଥିବା ଖବର ସାମ୍ନାକୁ ଆସିବାପରେ ସେ ପୁଣି ଚର୍ଚ୍ଚାକୁ ଆସିଥିଲେ । ଏଥିପାଇଁ ଅନେକ ବିବାଦ ଉପୁଜିଥିଲା । ସୋଶାଲ ମିଡିଆ ସେ ଟ୍ରୋଲର ଶିକାର ମଧ୍ୟ ହୋଇଥିଲେ । କିନ୍ତୁ ପରେ ୟଶ୍ ଦାସଗୁପ୍ତା ହିଁ ତାଙ୍କ ଛୁଆର ବାପା ବୋଲି ଜଣାପଡିଥିଲା । ନୁସରତ ଏବେ ୟଶ ଦାସଗୁପ୍ତାଙ୍କ ସହ ନିଜ ପୁଅ ଇସାନଙ୍କୁ ନେଇ ରହୁଛନ୍ତି ।

# ଗୋଟିଏ ସିନେମାରେ ଏହି ଲୋକପ୍ରିୟ ଅଭିନେତାଙ୍କ ସହ ନଜର ଆସିଛନ୍ତି ଭୂମିକା



ଶିଶୁ କଳାକାର ଭାବେ ଅଭିନୟ ଜଗତରେ ପାଦ ରଖିଥିବା ଭୂମିକା ଏବେ ଓଲିଉଡର ଜଣେ ଲୋକପ୍ରିୟ ନାୟିକା ନାୟିକା ଭାବେ ନିଜର ସ୍ଥାନ ସୃଦୃଢ଼ କରି ସାରିଛନ୍ତି । ପ୍ରଥମ ଥର ପାଇଁ ଫିଲ୍ମ 'ତୁ ମୋ ଲଭ୍ ଷ୍ଟୋରି'ରେ ପ୍ରଥମେ ନାୟିକା ଭାବରେ ନଜର ଆସିଥିବା ଭୂମିକାଙ୍କ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ ଦର୍ଶକ । ଏହା ପରେ ସେ ନଜର ଆସିଥିଲେ ବାବୁସାନଙ୍କ ସହ ଫିଲ୍ମ 'ହିରୋ ନମ୍ବର ୱାନ'ରେ । ଏହାପରେ ସେ ନଜର ଆସିଥିଲେ 'ଶ୍ରୀମାନ ସୁରଦାସ'ରେ । ଏଥିରେ ପୁଣିଥରେ ବାବୁସାନ୍-ଭୂମିକାଙ୍କ ଯୋଡ଼ିକୁ ଦେଖିବାକୁ ପାଇଥିଲେ ଦର୍ଶକ । ଏଥିରେ ବୁଦ୍ଧାଦିତ୍ୟ ସହନାୟକ ଭୂମିକାରେ ନଜର ଆସିଥିଲେ । ଏହି ସିନେମାରେ ଅବଶ୍ୟ ବୁଦ୍ଧାଦିତ୍ୟଙ୍କ ଭୂମିକାଟି ଖୁବ୍ ମଜାଦାର ଥିଲା । ଏଯାବତ୍ ଏହି ଗୋଟିଏ ସିନେମାରେ ବୁଦ୍ଧାଦିତ୍ୟ ଓ ଭୂମିକା ଏକାଠି କାମ କରିଛନ୍ତି । 'ଶ୍ରୀମାନ ସୁରଦାସ'ର ନିର୍ଦ୍ଦେଶନା ଦେଇଥିଲେ ଅଶୋକ ପତି । ଅଭିଜିତ୍ ମଜୁମ୍‌ଦାର୍ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ସଂଳାପ ଲେଖିଥିଲେ ରଣଜିତ୍ ପଟ୍ଟନାୟକ ।

ଓଲିଉଡର ଜଣାଶୁଣା ନାୟକ ବୁଦ୍ଧାଦିତ୍ୟ ମହାନ୍ତି ୨୦୦୬ରେ ରିଲିଜ୍ ହୋଇଥିବା 'ଆଇ ଲଭ ମାଇଁ ଇଣ୍ଡିଆ'ରୁ ଓଲିଉଡରେ କ୍ୟାରିଅର୍ ଆରମ୍ଭ କରିଥିଲେ । ଏହାପରେ ସେ 'ପ୍ରେମରୋଗୀ', 'ନନ୍ଦିନୀ ଆଇ ଲଭ୍ ୟୁ', 'ସଙ୍ଗମ', 'ଲୋଫର୍', 'ତୁ ଥିଲେ ମୋ' ଡର କାହାକୁ, 'ପାଗଳ କରିଚି ପାଉଁଜି ତୋ'ର', 'କେଉଁ ଦୁନିଆଁରୁ ଆସିଲ ବନ୍ଧୁ', 'ଜଗା ହାତରେ ପଘା' ଓ 'ଶ୍ରୀମାନ୍ ସୁରଦାସ' ଆଦି ଓଡ଼ିଆ ସିନେମାରେ ଅଭିନୟ କରିସାରିଲେଣି । ଖାଲି ସେତିକି ନୁହେଁ ସେ କେତେକ ହିନ୍ଦୀ ମେଗା ଧାରାବାହିକରେ ବି ଅଭିନୟ କରି ଖ୍ୟାତି ଅର୍ଜନ କରିଛନ୍ତି ।



# ରନ୍ଥାମ୍ଭୋରରେ ବିବାହ କରିବେ ରଣବୀର-ଆଲିଆ



ବାଜିବ ବଲିଉଡର ସୁପରଷ୍ଟାର ରଣବୀର ଓ ଆଲିଆଙ୍କ ଶାହାନାଇ । ହାତକୁ ଦି ହାତ ହେବେ ବି-ଟାଉନ୍‌ର ଏହି ଚର୍ଚ୍ଚିତ ଯୋଡି । ଆସନ୍ତା ଏପ୍ରିଲ ମାସରେ ପଡିବ ଏ ଦୁହିଁଙ୍କ ହାତଗଣ୍ଠି । ଦୁହେଁ ରାଜସ୍ଥାନରେ ସାତ ଫେରା ନେବେ ବୋଲି ଶୁଣିବାକୁ ମିଳୁଛି । ଏନେଇ ଉଭୟଙ୍କ ପରିବାର ମଧ୍ୟରେ ଜୋରସୋର ପ୍ରସ୍ତୁତ ଆରମ୍ଭ ହୋଇଯାଇଛି । ଅନେକ ଦିନ ହେବ ଆଲିଆ ଏବଂ ରଣବୀରଙ୍କ ବିବାହକୁ ନେଇ ବି-ଟାଉନରେ ଚର୍ଚ୍ଚା ଚାଲିଛି । ଏଭଳି ସ୍ଥିତିରେ ଦୁହେଁ ଡିସେମ୍ବର ୨୦୨୧ରେ ବିବହ କରିବେ ବୋଲି ଖବର ଆସିଥିଲା । କିନ୍ତୁ କରୋନା ଏବଂ କିଛି ବ୍ୟକ୍ତିଗତ ଅସୁବିଧା କାରଣରୁ ଏହାକୁ ଟାଳିବାକୁ ପଡିଥିଲା । ମିଡିଆ ରିପୋର୍ଟ ମୁତାବକ ଏବେ ରଣବୀର ଏବଂ ଅଲିଆଙ୍କ ବିବାହର ପ୍ରସ୍ତୁତି ଜୋରସୋରରେ ଚାଲିଛି । କୁହାଯାଉଛି ଯେ ଏହି ଷ୍ଟାର ଦମ୍ପତ୍ତି ରାଜସ୍ଥାନର ରନ୍ଥାମ୍ଭୋରରେ ହାତକୁ ଦି ହାତ ହେବେ । ଏହି କପୁଲ ପ୍ରାୟତଃ ରାଜସ୍ଥାନର ରନ୍ଥାମ୍ଭୋରରେ ଛୁଟି କାଟିବା ପାଇଁ ଯାଆନ୍ତି । ଏହା ଉଭୟ ରଣବୀର ଏବଂ ଆଲିଆଙ୍କ ସବୁଠାରୁ ଫେଭରେଟ୍ ପ୍ଲେସ୍ । ତେବେ ବିବାହକୁ ନେଇ ରଣବୀର ଓ ଆଲିଆଙ୍କ ପକ୍ଷରୁ କୌଣସି ଅଧିକାରୀକ ରୂପେ ବୟାନ ସାମ୍ନାକୁ ଆସିନାହିଁ । ସୂଚନାମୁତାବକ, ୨୦୨୦ରେ ଏକ ସାକ୍ଷାତକାର ବେଳେ ରଣବୀର ଖୁଲାସା କରିଥିଲେ ଯେ, ସେ ଶୀଘ୍ର ନିଜ ଗାର୍ଲଫ୍ରେଣ୍ଡ ଆଲିଆ ଭଟ୍ଟଙ୍କୁ ବିବାହ କରିପାରନ୍ତି । ଯଦି କରୋନା ମହାମାରୀ ଆସି ନଥାନ୍ତା ତେବେ ସେ ଦୁହିଁଙ୍କ ବିବାହ ବର୍ତ୍ତମାନ ସରିଥାଆନ୍ତା ବୋଲି ରଣବୀର କରିଥିଲେ ।

# କରିସ୍ମାଙ୍କ ଭାବପ୍ରବଣତା



ପଚିଶ ବର୍ଷ ପରେ ଚଳଚ୍ଚିତ୍ର 'ଜୁଡୱା' କଥା ମନେ ପକାଇ ଅଭିନେତ୍ରୀ କରିସ୍ମା କପୁର ଅତ୍ୟନ୍ତ ଭାବପ୍ରବଣତା ପ୍ରକାଶ କରିଛନ୍ତି । ଏଭଳି ଏକ ରୋମାଣ୍ଟିକ୍-କମେଡି ଡ୍ରାମା ଯେଉଁଥିରେ ସୁପରଷ୍ଟାର ସଲମାନ୍ ଖାନ୍ ଓ ରମ୍ଭାଙ୍କ ଭଳି କଳାକାର ପ୍ରମୁଖ ଭୂମିକାରେ ଥିଲେ, ସେଥିରେ କରିସ୍ମା ଅଭିନୟ କରିବାର ସୁଯୋଗ ପାଇ ନିଜକୁ ସୌଭାଗ୍ୟବତୀ ବୋଲି ବିବେଚନା କରିଛନ୍ତି ।

ଏବେ କରିସ୍ମା ନିଜ ସୋସିଆଲ୍ ମିଡିଆରେ ଏହାର କିଛି ଦୃଶ୍ୟର ଫଟୋ ପୋଷ୍ଟ କରି ଲେଖିଛନ୍ତି- ଜୁଡ୍‌ୱା ଏକ ଯାତ୍ରା ଯେଉଁଥିରେ ସମ୍ପୂର୍ଣ୍ଣ ପ୍ରେମ ଥିଲା, ଏହା ବ୍ୟତୀତ ଏଥିରେ ଭରପୂର ହାସ୍ୟରସ ଓ ରୋମାଞ୍ଚ ମଧ୍ୟ ଥିଲା । କରିସ୍ମା କହିଛନ୍ତି- ଏହା ଭିତରେ ୨୫ ବର୍ଷ ବିତିଗଲା କିନ୍ତୁ ମୁଁ ଜାଣିପାରିଲିଣି । ନବେ ଦଶନ୍ଧିରେ କରସ୍ମା ଓ ସଲମାନ୍‌ଙ୍କ ଯୋଡ଼ି ଦର୍ଶକଙ୍କୁ ବେଶ୍ ମନୋରଂଜନ ଦେଇଥିଲା । ଏ ଦୁହିଁଙ୍କ ଯୋଡ଼ି କିଛି ସିନେମାକୁ ବକ୍ସ ଅଫିସ୍‌ରେ ସୁପରହିଟ୍ କରିଥିଲା । ଏଇ ଯେମି 'ଦୁହ୍ଲନ୍ ହମ୍ ଲେ ଜାଏଙ୍ଗେ', 'ବିଓ୍ୱି ନଂ-୧', 'ଅନ୍ଦାଜ ଅପ୍‌ନା ଅପ୍‌ନା', 'ଚଲ୍ ମେରେ ଭାଇ' ।

# ଝିଲିକ୍‌ଙ୍କ ନୂଆ ଅବତାର




ସତ୍ୟର ସନ୍ଧାନ ପାଇଁ ଅଭିନେତ୍ରୀ ଝିଲିକ୍ ନେଇଛନ୍ତି ନୂଆ ଅବତାର । ପ୍ରକୃତ ସତ୍ୟ ସବୁବେଳେ ମିଛର ଆବରଣ ଭିତରେ ଥାଏ । ସତ୍ୟର ଉନ୍ମୋଚନ ପାଇଁ ସବୁବେଳେ ମିଛର ଆବରଣ ଭିତରକୁ ଖୋଳିବାକୁ, ଅନୁସନ୍ଧାନ କରିବାକୁ ହୁଏ । ସେମିତି ଏକ ସତ୍ୟକୁ ଲୋକଲୋଚନକୁ ଆଣିବାକୁ ରୁଦ୍ରାଣୀଙ୍କୁ ଏକ ଭିନ୍ନ ଅବତାର ନେବାକୁ ହୁଏ । ଏହା ତାଙ୍କ ଅଭିନୟ ଜୀବନର ଶ୍ରେଷ୍ଠ ଚରିତ୍ର ବୋଲି ନିଜେ ଝିଲିକ୍ କହିଛନ୍ତି ।

ଏବେ 'ରୁଦ୍ରାଣୀ'ର ପୋଷ୍ଟ ପ୍ରଡକ୍ସନ୍ କାମ ଚାଲିଛି । ନିର୍ଦ୍ଦେଶକ ମୁରଲୀକ୍ରିଷ୍ଣାଙ୍କ ସହ ଆଗରୁ ଝିଲିକ୍ 'ଜଗା ହାତରେ ପଘା'ରେ ନାୟିକା ସାଜିଛନ୍ତି । ଚଳଚ୍ଚିତ୍ର 'ରୁଦ୍ରାଣୀ'ରେ ସଂଳାପ ଲେଖିଛନ୍ତି ରଜନୀ ରଂଜନ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ୍ ଆନନ୍ଦ, ଚିତ୍ରୋତ୍ତୋଳନ କରିଛନ୍ତି ଈଶ୍ୱର ବାରିକ ଏବଂ ଏଥିରେ କ୍ରିଏଟିଭ୍ ହେଡର ଭୂମିକା ନିର୍ବାହ କରିଛନ୍ତି ପ୍ରଣୟ ଜେଠୀ । ନାରୀକୈନ୍ଦ୍ରିକ କାହାଣୀ 'ରୁଦ୍ରାଣୀ'ରେ ଝିଲିକ୍ ଓ ମଣ୍ଟୁଙ୍କ ବ୍ୟତୀତ ରୋହିତାସ, ବାପିବାବୁ, ବବି ମିଶ୍ର, ପିଣ୍ଟୁ ନନ୍ଦ, ଭିକ୍କି ମିଶ୍ର, ଜୀବନ ପଣ୍ଡା, ଇଲୁ ବାନାର୍ଜୀ, ଟିଲୁ, ପ୍ରତିଭା ପଣ୍ଡା, ଶୁଭଙ୍କରୀ, ଅନୁରାଧା, ଗୁଡ୍ଡୁ, ଅମର, ସରୋଜ ଦାସ, ଧରିତ୍ରୀ ଖଣ୍ଡୁଆଳ ଏବଂ ନବାଗତା ମୁସ୍କାନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ ।

# କିଛିଦିନର ଶିଥିଳତା ପରେ ପୁଣି ଚର୍ଚ୍ଚାରେ ଅର୍ଜୁନଙ୍କ ସହ ମଲାଇକାଙ୍କ ପ୍ରେମ ସମ୍ପର୍କ

ମଲାଇକାଙ୍କୁ ତାଙ୍କ ପୁରୁଷବନ୍ଧୁ ଅର୍ଜୁନ 'ଶୀର୍ଷକ ଚୋରଣୀ'ର ଆଖ୍ୟା ଦେଇଛନ୍ତି । କମଳା ରଙ୍ଗର ବିକିନୀ ଓ ସର୍ଟସ୍ ପିନ୍ଧି ସୁଇମିଂ ପୁଲ୍‌ରେ ମଲାଇକା ଏମିତି ଠାଣି ମାରିଛନ୍ତି ଯେ ଏହା ଦେଖିବା ଲୋକଙ୍କ ଛାତି ସହୁନାହିଁ । ସବୁବେଳେ ନୂଆ ଢଙ୍ଗର ମନ୍ତବ୍ୟ ଦେଇ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ ଚାହୁଥିବା ମଲାଇକା ପୁରୁଷବୃନ୍ଧୁ ଅର୍ଜୁନଙ୍କ ସହ କିଛି ନଖରାମି କରି ପୁଣି ଆଲୋଚନାକୁ ଆସିବାକୁ ପ୍ରୟାସ କରିଛନ୍ତି । ୪୮ ବର୍ଷୀୟା ମଲାଇକା ପୁଣି ଥରେ ସ୍ୱଷ୍ଟ ଦିବାଲୋକରେ ନିଜର ଦୁଷ୍ଟାମିର ପ୍ରଚାର କରିବାକୁ ଯାଇ ସାମାଜିକ ଗଣମାଧ୍ୟମରେ ନିଜକୁ ଚର୍ଚ୍ଚାକୁ ଆଣିଛନ୍ତି । ଏକ କମଳା ରଙ୍ଗର ବିକିନୀ ଓ କଳା ରଙ୍ଗର ସର୍ଟସ୍ ପିନ୍ଧି ସେ ନିଜକୁ ସୁଇମିଂ ପୁଲ୍‌ରେ ଯେଭଳି ଭିଜେଇଛନ୍ତି ତାହାର ଛବି ଦର୍ଶକଙ୍କ ସାମନାକୁ ଆଣି ଅଧିକ ଚର୍ଚ୍ଚିତ ହେବାକୁ ଚାହିଁଛନ୍ତି । ସଂପୃକ୍ତ ଉତ୍ତେଜକ ଫଟୋକୁ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଛାଡ଼ି ସେ ଶୀର୍ଷକ ଲେଖିଛନ୍ତି 'ସନଡେ ସନ୍ନି ସାଇଡ୍ ଅପ୍' ।ଏହା ଦେଖିବା ପରେ ଅର୍ଜୁନ ଲେଖିଛନ୍ତି- 'ତୁମ ଶିରୋନାମା ସୁନ୍ଦର ହେଇଛି, ହେ ହେ ଶୀର୍ଷକ ଚୋରଣୀ' । ଅର୍ଜୁନ ଏବେ ଅଜୟ ଭେଲ୍‌ଙ୍କ 'ଲେଡି କିଲର୍'ରେ ଭୂମି ପେଡ୍‌ନାକରଙ୍କ ବିପକ୍ଷର ନାୟକ ସାଜିଛନ୍ତି । ଏହା ବ୍ୟତୀତ ସେ 'କୁଟେ' ଓ 'ଏକ୍ ଭିଲିଆନ୍ ରିଟର୍ଣ୍ଣସ୍'ରେ ମଧ୍ୟ ନାୟକ ସାଜିଛନ୍ତି । ଅରବାଜ୍‌ଙ୍କ ପୂର୍ବତନ ପତ୍ନୀ ମଲାଇକା ଓ ବୋନି କପୁରଙ୍କ ପୁଅ ଅର୍ଜୁନ୍‌ଙ୍କ ପ୍ରେମ ସମ୍ପର୍କ କିଛିଦିନ ଧରି ଶିଥିଳ ପଡ଼ିଥିବା ବେଳେ ଏବେ ପୁଣି ସକ୍ରିୟ ହେଇଛି ବୋଲି ଜଣାପଡ଼ିଛି ।



ମଲାଇକା ନିଜ ପରିବାରରୁ ବେଶ୍ କିଛିଦିନ ଦୂରେଇ ରହି ଅର୍ଜୁନଙ୍କ ସହ ସମୟ ବିତାଉଥିବା ରୋଚକ ଚର୍ଚ୍ଚାର ବିଷୟ ହୋଇଛି ।

# ଭାଗ୍ୟର ଭିନ୍ନ ଭାଷା : ଆଇଏଏସ୍ ଅଧିକାରୀ ହେବା ଥିଲା ସ୍ୱପ୍ନ, ଏବେ ସଫଳ ନାୟିକା-ଗାୟିକା

ଆଠ ବର୍ଷ ତଳେ ଏକ ସଂକ୍ଷିପ୍ତ ଭୂମିକାରୁ ହିନ୍ଦୀ ସିନେ ଜଗତ୍‌ରେ ପାଦ ରଖି ଆଠ ଆଠ ଥର ଜାତୀୟସ୍ତରୀୟ ପୁରସ୍କାର ପାଇଁ ସୁପାରିସ ହେବା ଏବଂ ପାଞ୍ଚଥର ସମ୍ମାନ ହାସଲ କରିଥିବା ଅଭିନେତ୍ରୀ ରାଶି ଖାନ୍ନାଙ୍କ ଜୟଯାତ୍ରା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିଥିବ । ବିଶେଷ କରି ତେଲୁଗୁ ଓ ତାମିଲ ଫିଲ୍ମରେ ନିଜର ଆଧିପତ୍ୟ ଜାହିର କରିଥିବା ରାଶି ମଧ୍ୟ ଜଣେ ଉଚ୍ଚକୋଟୀର ଗାୟିକା । ଜୀବନରେ କେବେ ଅଭିନେତ୍ରୀ ହେବାର ସାମାନ୍ୟତମ ଲାଳସା ରଖିନଥିବା ଏହି କଳାକାରଙ୍କ ପାଇଁ ତାଙ୍କ ଭାଗ୍ୟ ଏପରି ଭିନ୍ନ ଭାଷା ଲେଖି ରଖିଥିଲା ବୋଲି ସେ ସ୍ୱୀକାର କରିଛନ୍ତି । ନୂଆଦିଲ୍ଲୀରେ ୧୯୯୦ ନଭେମ୍ବର ୩୦ ତାରିଖରେ ଜନ୍ମିତ ରାଶି ଇଂରାଜୀ ସମ୍ମାନରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି । ବିଭିନ୍ନ ଶିକ୍ଷାଗତ ପରୀକ୍ଷାରେ ଶୀର୍ଷ ସ୍ଥାନ ହାସଲ କରିଥିବା ରାଶି ସ୍ୱାଭାବିକ ଭାବେ ନିଜକୁ ଜଣେ ଆଇଏଏସ୍ ଅଧିକାରୀ ଭାବେ ଆବିଷ୍କାର କରିବାକୁ ସ୍ୱପ୍ନ ଦେଖିଥିଲେ । ସେହିପରି ଭଲ ଗୀତ ଗାଉଥିବାରୁ ମଧ୍ୟ ସେ ନିଜକୁ ଜଣେ କଣ୍ଠଶିଳ୍ପୀ ଭାବେ ପ୍ରତିଷ୍ଠିତ ହେବାକୁ ଅଂଶିକ ଲୋଭ ରଖିଥିଲେ । ମାତ୍ର ବିଧିର ବିଧାନ ଥିଲା ବିଚିତ୍ର । ଶେଷରେ ତାଙ୍କୁ ସିନେ ଦୁନିଆଁର ଯାଦୁକରୀ ପରୀ ସାଜିବାକୁ ପଡ଼ିଲା । ଅଭିନୟ କ୍ଷେତ୍ରକୁ ଆସିବା ପୂର୍ବରୁ ସେ ବିଭିନ୍ନ ବିଜ୍ଞାପନ ପାଇଁ ବୃତ୍ତଲେଖିକା ବା କପିରାଇଟରର ଭୂମିକା ନିଭାଇଥିଲେ । ପରେ ସେହି ବିଜ୍ଞାପନ ପାଇଁ ହିଁ ନିଜକୁ ମଡେଲ ଭାବେ ସଜାଇଥିଲେ । ତେବେ ସିନେ ଜଗତ୍ ?କୁ ତାଙ୍କର ପ୍ରଥମ ପଦାର୍ପଣ ହୋଇଥିଲା ୨୦୧୩ ମସିହାରେ ହିନ୍ଦୀ ଫିଲ୍ମ 'ମାଡ୍ରାସ କ୍ୟାଫେ'ର ଏକ ଗୌଣ ଭୂମିକା ମାଧ୍ୟମରେ । ଭଲ ବ୍ୟାବସାୟିକ ସଫଳତା ସାଉଁଟି ଥିବା ଏହି ସିନେମାରୁ ତାଙ୍କୁ ଉଲ୍ଲେଖନୀୟ ଦର୍ଶକୀୟ ସ୍ୱୀକୃତି ମିଳୁ କି ନମିଳୁ, ତାଙ୍କର ଅଭିନୟ ଅନେକ ସମୀକ୍ଷକ ଓ ସିନେନିର୍ମାତାଙ୍କୁ ମୁଗ୍ଧ କରିଥିଲା । ଏହାପରେ ସେ ୨୦୧୪ରେ ତେଲୁଗୁ ଫିଲ୍ମ 'ଜୋରୁ'ରେ ଜଣେ ଗାୟିକା ଭାବରେ ନିଜର ପେସାଗତ କଳାକାର ଜୀବନ ଆରମ୍ଭ କରିଥିବା ବେଳେ ତାଙ୍କୁ ସେହିବର୍ଷ ତେଲୁଗୁ ଫିଲ୍ମ 'ଓହାଲୁ ଗୁସାଗୁସାଲଦେ'ରେ ମୁଖ୍ୟ ନାୟିକାର ଭୂମିକା ମିଳିଥିଲା ଏବଂ ତାହାକୁ ସେ ଯଥାସାଧ୍ୟ ଶ୍ରେୟର ସହ ନିଭାଇଥିଲେ । ଏହିପରି ଭାବେ ବିଭିନ୍ନ ସିନେମାଗୀତ ପାଇଁ କଣ୍ଠଶିଳ୍ପୀ ସାଜିବା ସହ ପଛକୁ ପଛ ଆଠଟି ତେଲୁଗୁ ସିନେମାରେ ନିୟମିତ ଦର୍ଶକୀୟ ଆଦୃତି ହାସଲ କରି ସେ ୨୦୧୭ରେ ମାଲାୟାଲୀ ଫିଲ୍ମ 'ଭିଲେନ୍' ଓ ୨୦୧୮ରେ ତାମିଲ ଫିଲ୍ମ 'ଇମାଇକ୍କା ନୋଦିଗାଲ୍'ରେ ପ୍ରଥମ ପଦାର୍ପଣ କରିଥିଲେ ।



# ରାଜ୍ୟ ପାନୀୟ ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ

ଭୁବନେଶ୍ୱର,୧୦/୨ (ନି.ପ୍ର): ଓଡ଼ିଶା ରାଜ୍ୟ ପାନୀୟ ନିମଗମ ତରଫରୁ ଆଜି ୫ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି । ରାଜ୍ୟ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଏହି ରାଶିର ଚେକ୍ ନିଗମର ଅଧକ୍ଷ ସୁଶୀଲ କୁମାର ଲୋହାନୀଙ୍କ ଠାରୁ ଗ୍ରହଣ କରିଛନ୍ତି । ଚେକ୍ ପ୍ରଦାନ କରି ଅବସରରେ ଶ୍ରୀ ଲୋହାନୀ ଜଣାଇଥିଲେ ଯେ ଚଳିତ ଆର୍ଥିକ ୨୨ ବର୍ଷ ଜୁନ୍ ମାସରେ ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଆଜିର ରାଶିକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ସମୁଦାୟ ୧୦ କୋଟି ଟଙ୍କା ନିଗମ ତରଫରୁ ପ୍ରଦାନ କରାଯାଇଛି । ଏହି ଅବସରରେ ନିଗମ ତରଫରୁ ୨୦୨୦-୨୧ ଆର୍ଥିକ ବର୍ଷର ଡିଭିଡେଂଟ୍ ବାବଦରେ ୬ କୋଟି ୨୬ ଲକ୍ଷ ୩୨୦ ହଜାର ୮୮ ଟଙ୍କାର ଚେକ୍ ମଧ ଶ୍ରୀ ଲୋହାନୀ ମୁଖ୍ୟ ଶାସନ ସଚିବଙ୍କ ମାଧମରେ ସରକାରଙ୍କୁ ପ୍ରଦାନ କରିଥିଲେ । ଚେକ୍ ଗ୍ରହଣକରି ଶ୍ରୀ ମହାପାତ୍ର ଲାଭଜନକ ପରିଚାଳନା ନିମନ୍ତେ ନିଗମର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ ।

# ରାଜ୍ୟରେ ପୁଣି ୨୧ ଜଣ ସଂକ୍ରମିତଙ୍କ ପ୍ରାଣହାନି



ଭୁବନେଶ୍ୱର: ପୁଣି ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ପୁଣି ଦୁଇ ଅଙ୍କ ଛୁଇଁଛି । ରାଜ୍ୟରେ ୨୧ କରୋନା ସଂକ୍ରମିତଙ୍କ ପ୍ରାଣହାନି ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୮୮୧୮କୁ ବୃଦ୍ଧି ପାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୨ଜଣ ମୃତକ ଅଛନ୍ତି । ଅପରପକ୍ଷରେ ଖୋର୍ଦ୍ଧା, ଭଦ୍ରକ ଓ ଗଞ୍ଜାମ ଜିଲ୍ଲାର ଦୁଇ ଜଣ ଲେଖାଏଁ ସଂକ୍ରମିତ ପ୍ରାଣ ହରାଇଛନ୍ତି । ଏଣେ ବାଲେଶ୍ୱର କନ୍ଧମାଳ ଓ ସମ୍ବଲପୁର ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଅଛନ୍ତି । ଏଣେ କନ୍ଧମାଳର ଏକ ୧୦ ମାସର ଶିଶୁପୁତ୍ର ମୃତ୍ୟୁବରଣ କରିଥିବା ଜଣାଯାଇଛି । ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧,୪୮୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୮୬୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୬୧୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୩୩୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୭୨ ଜଣ, ବାଲେଶ୍ୱରରୁ ୩୪ ଜଣ, ବରଗଡ଼ରୁ ୨୫ ଜଣ, ଭଦ୍ରକରୁ ୨୦ ଜଣ, ବଲାଙ୍ଗୀରରୁ ୩୭ ଜଣ, ବୌଦ୍ଧ ଜିଲ୍ଲାରୁ ୩୬, କଟକରୁ ୧୩୩ ଜଣ, ଦେବଗଡ଼ରୁ ୨୭ ଜଣ, ଢେଙ୍କାନାଳରୁ ୧୩ ଜଣ, ଗଜପତିରୁ ୪୩, ଗଞ୍ଜାମରୁ ୨୭ ଜଣ, ଜଗତସିଂହପୁରରୁ ୪୩ ଜଣ, ଯାଜପୁରରୁ ୭୩ ଜଣ, ଝାରସୁଗୁଡ଼ାରୁ ୩୯ ଜଣ, କଳାହାଣ୍ଡିରୁ ୪୧ ଜଣ, କନ୍ଧମାଳରୁ ୧୨ ଜଣ, କେନ୍ଦ୍ରାପଡ଼ାରୁ ୪୯ ଜଣ, କେଉଁଝରରୁ ୩୪ ଜଣ, ଖୋର୍ଦ୍ଧାରୁ ୧୬୩ ଜଣ, କୋରାପୁଟରୁ ୫୮ ଜଣ, ମାଲକାନଗିରିରୁ ୩ ଜଣ, ମୟୂରଭଞ୍ଜରୁ ୪୦ ଜଣ, ନବରଙ୍ଗପୁରରୁ ୩୫, ନୟାଗଡ଼ରୁ ୫୯ ଜଣ, ନୂଆପଡ଼ାରୁ ୫୭ ଜଣ, ପୁରୀରୁ ୩୭ ଜଣ, ରାୟଗଡ଼ାରୁ ୪୭ ଜଣ, ସମ୍ବଲପୁରରୁ ୨୧ ଜଣ, ସୋନପୁରରୁ ୨୭, ସୁନ୍ଦରଗଡ଼ରୁ ୧୩୯ ଜଣ ଓ ଷ୍ଟେଟ ପୁଲରୁ ୩୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୭୩, ୦୦୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୪୮, ୧୫୨ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୫, ୯୮୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ସଂସଦ ଭବନର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଛନ୍ତି ପ୍ରଧାନମନ୍ତ୍ରୀ : କଂଗ୍ରେସ

ଭୁବନେଶ୍ୱର,୧୦/୨ (ନି.ପ୍ର): ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର କୁହାଯାଉଥିବା ଲୋକସଭା ଓ ରାଜ୍ୟସଭାରେ ମୋଦି କଂଗ୍ରେସ ବିରୋଧରେ ବିଷୋଦଗାର କରି ନିଜର ପଦମର୍ଯ୍ୟାଦାର ଉଲ୍ଲଙ୍ଘନ କରିଛନ୍ତି ବୋଲି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିର୍ବାଚନ ମିଡିଆ ଇନଚାର୍ଜ ତଥା ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି । କେନ୍ଦ୍ର ସରକାରର ମୁଖ୍ୟ ଭାବେ ଦେଶ ଓ ଦେଶବାସୀଙ୍କର ଉନ୍ନତି ପାଇଁ ସରକାରଙ୍କର ବ୍ଲୁପ୍ରିଂଟ କହିବା ପରିବର୍ତ୍ତେ କେବଳ ବିରୋଧିକୁ ଆପେକ୍ଷ କରିବା ଗଣତନ୍ତ୍ର ପ୍ରତି ଅପମାନ । ମୋଦି ପଚାରିଛନ୍ତି କଂଗ୍ରେସ ନଥିଲେ କ'ଣ ହେଇଥାନ୍ତା, ଆମେ ଗୋଟିଏ ବାକ୍ୟରେ କହୁଛୁ କଂଗ୍ରେସ ନଥିଲେ ଦେଶ ସ୍ୱାଧୀନ ହୋଇନଥାନ୍ତା, ଗଣତନ୍ତ୍ର ପ୍ରତିଷ୍ଠା ହୋଇନଥାନ୍ତା, ପାର୍ଲାମେଂଟ ନଥାନ୍ତା କି ମୋଦି ପ୍ରଧାନମନ୍ତ୍ରୀ ମଧ ହୋଇନଥାନ୍ତେ । ପୁନଶ୍ଚ ବିଜେଡ଼ି ଓ ବିଜେପି ସମ୍ପର୍କ ଅତି ନିବିଡ଼ । ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି । କେବଳ ପ୍ରଶଂସା କରିଲେ ଚଳିବ ନାହିଁ ଓଡ଼ିଆଙ୍କୁ ତାଙ୍କର ଅଧିକାର ଦିଆଯାଉ । ସେହିପରି କୋରାପୁଟ ଜିଲ୍ଲାର ଜୟପୁର ଠାରେ ବିଜେଡ଼ି ଦଳର ନିର୍ବାଚନୀ ପ୍ରଚାରରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମନ୍ଦିର ଯାଇ ପୂଜା କରିଛନ୍ତି, ପୂଜାପରେ ଏ ଆଜ୍ଞାମାଳ ଆଣିଛନ୍ତି ଓ ଏହି ଆଜ୍ଞାମାଳ ଏଇଠିକି ପଠାଇଛନ୍ତି ବୋଲି କହିଛନ୍ତି । ଉପସ୍ଥିତ ଜନସାଧାରଣ ଏ ଆଜ୍ଞାମାଳ ଛୁଇଁ ଶପଥ କରି କୁହ ବିଜେଡ଼ି ଦଳକୁ ଭୋଟ ଦବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆଙ୍କର ଆରାଧ୍ୟ ଦେବତା ଜଗନ୍ନାଥଙ୍କର ଭକ୍ତ ହେଇପାରନ୍ତି, କିନ୍ତୁ ସେ କେବେବି ଧର୍ମାନ୍ଧ ନୁହନ୍ତି । ତାଙ୍କ ନାମ ନେଇ ଜଗନ୍ନାଥଙ୍କର ଦ୍ୱାହୀ ଦେଇ ଧର୍ମୀୟ ଭାବନାର କୁଠାରଘାତ କରି ସରଳ ଆଦିବାସୀଙ୍କ ପାଖରେ ମିଛତଥ୍ୟ ଉପସ୍ଥାପନା କରିଥିବା ଶ୍ରୀ ନନ୍ଦଙ୍କ ବିରୋଧରେ ଫୌଜଦାରୀ ମୋକଦ୍ଦମା କରିବା ସହ ତାଙ୍କୁ ଗିରଫ କରିବାକୁ କଂଗ୍ରେସ ଦାବି କରିଛି । ଏ ସମସ୍ତ ପ୍ରଶ୍ନର ଉତର ବିଜେପି ଠାରୁ ଦାବି କରିଛି କଂଗ୍ରେସ । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଶାନ୍ତନୁ ସାହୁ ଓ ଦୀପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଅଧିକ ୫ ଲକ୍ଷ ମେଟ୍ରିକ ଟନ୍ ଉଷୁନା ଚାଉଳ ନେଲାଣି କେନ୍ଦ୍ର: ତଥାପି ରାଜନୀତି ଛାଡୁନି ବିଜେଡି

ଭୁବନେଶ୍ୱର,୧୦/୨ (ନି.ପ୍ର): ମମିତା ମେହେର ହତ୍ୟା ମାମଲାରେ ବିଜେପିର ନବୀନ ନିବାସ ଘେରାଉ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ଉଷୁନା ଚାଉଳ ଉଠାଣକୁ ରାଜନୀତିକ ଆୟୁଧ କରିଥିବା ଶାସକ ବିଜେଡିର ଅସଲ ଚେହେରା ପଦାରେ ପଡ଼ିଛି । ରାଜ୍ୟରୁ ଉଷୁନା ଚାଉଳ ଉଠାଣ ପ୍ରସଙ୍ଗରେ ଗତ ଦୁଇଦିନ ତଳେ ଏଫସିଆଇ ଅଫିସ ଆଗରେ ଗଣଧାରଣା ଦେଇ ବିଜେଡି ପରୋକ୍ଷରେ ରାଜ୍ୟ ସରକାରଙ୍କ ବେଆଇନ କାର୍ଯ୍ୟକୁ ଆଇନଗତ ମାନ୍ୟତା ଦେବାକୁ ଉଦ୍ୟମ କରିଛି । ଏପରିକି ରାଜ୍ୟରୁ କେତେ ପରିମାଣର କେଉଁ ଚାଉଳ କେନ୍ଦ୍ରୀୟ ପୁଲ୍ ପାଇଁ ଏଫସିଆଇ ଉଠାଣ କରିବ ତାହା ସମ୍ପୂର୍ଣ୍ଣ ଭାବେ ଏଫସିଆଇ ଉପରେ ନିର୍ଭର କରେ ବୋଲି କେନ୍ଦ୍ର ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଥିବା ଓଡ଼ିଶା ସରକାର ଆଇନକାନୁନ୍ ସବୁ ଜାଣିଥିଲେ ମଧ ପଂଚାୟତ ନିର୍ବାଚନବେଳେ ଶାସକ ବିଜେଡି ଏହି ପ୍ରସଙ୍ଗରେ ରାଜନୀତି ଆରମ୍ଭ କରିଛି । ଯଦିଓ ଓଡ଼ିଶାରୁ ଗତ ୫ବର୍ଷ ମଧ୍ୟରେ ୨୦୨୦-୨୧ ଖରିଫ ବର୍ଷରେ ସର୍ବାଧିକ ପରିମାଣର ଉଷୁନା ଚାଉଳ ଏଫସିଆଇ ଉଠାଣ କରିଛି ଓ ଗତ ଖରିଫ ବର୍ଷ ତୁଳନାରେ ଅଧିକ ୫ଲକ୍ଷ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ ହୋଇଛି ତଥାପି ବିଜେଡି ତା'ର ରାଜନୀତି ପାଇଁ ଉଷୁନା ଚାଉଳକୁ ପ୍ରସଙ୍ଗ କରିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, ୨୦୨୦-୨୧ ଖରିଫ ବର୍ଷରେ ୨୦୨୨ ଫେବୃୟାରୀ ୬ତାରିଖ ପର୍ଯ୍ୟନ୍ତ ମୋଟ ୪୩.୨୪ଲକ୍ଷ ମେଟ୍ରିକ ଟନ୍ ଉଷୁନା ଚାଉଳ ସଂଗ୍ରହ ହୋଇଛି । ସେଥିରେ ଏଫସିଆଇ ୧୭.୭୪ଲକ୍ଷ ମେଟ୍ରିକ ଟନ୍ ଓ ରାଜ୍ୟ ସରକାର ୨୫.୫୦ଲକ୍ଷ ମେଟ୍ରିକ ଟନ୍ ଉଷୁନା ଚାଉଳ ସଂଗ୍ରହ କରିଛନ୍ତି । ସେହିପରି ୨୦୧୯-୨୦ରେ ମୋଟ ୩୯.୮୭ଲକ୍ଷ ମେଟ୍ରିକ ଟନ୍ ଅର୍ଥାତ୍ ଏଫସିଆଇ ୧୬.୦୫ଲକ୍ଷ ମେଟ୍ରିକ ଟନ୍ ଓ ରାଜ୍ୟ ସରକାର ୨୩.୮୨ ଲକ୍ଷ ମେଟ୍ରିକ ଟନ୍ ଉଷୁନା ଚାଉଳ, ୨୦୧୮-୧୯ ଖରିଫ ଋତୁରେ ମୋଟ ୩୬.୩୭ଲକ୍ଷ ମେଟ୍ରିକ ଟନ୍ (ଏଫସିଆଇ-୧୬.୦୪ଲକ୍ଷ ମେଟ୍ରିକ ଟନ୍), ୨୦୧୭-୧୮ରେ ମୋଟ ୨୬.୮୯ଲକ୍ଷ ମେଟ୍ରିକ ଟନ( ୧୧.୧୫ଲକ୍ଷ ମେଟ୍ରିକ ଟନ୍ ଏଫସିଆଇ) ଉଠାଣ କରିଛି । ତେବେ ଶାସକ ବିଜେଡିର ଅଭିଯୋଗ ଅନୁସାରେ ୨୦୨୦-୨୧ ଖରିଫ ବର୍ଷରେ ଓଡ଼ିଶାରେ ମୋଟ ୫୨ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉତ୍ପାଦିତ ହୋଇଛି । ଏଥିରୁ ରାଜ୍ୟ ୩୦ଲକ୍ଷ ମେଟ୍ରିକ ଟନ୍ ନିଜସ୍ୱ ବ୍ୟବହାର ପାଇଁ ରଖିଥିବାବେଳେ ବାକି ୨୨ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫସିଆଇ ମାଧମରେ କେନ୍ଦ୍ରୀୟ ପୁଲକୁ ଦେବାକୁ ଦାବି କରି ଆସୁଛି । ଏଫସିଆଇ ମାତ୍ର ୨ଲକ୍ଷ ଟନ୍ ଅରୁଆ ଚାଉଳ ନେଇଥିବା ବେଳେ ୫ଲକ୍ଷ ମେଟ୍ରିକ ଟନ୍ ଭିଟାମିନଯୁକ୍ତ ଉଷୁନା ଚାଉଳ ଉଠାଣ କରିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରିଛି । ବାକି ୧୫ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଣ ଦାବିରେ ବିଜେଡି ଗତ କିଛିଦିନ ଧରି ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜନୀତି କରୁଛି ।

# ଚନ୍ଦ୍ରଶେଖରପୁର ଡିଏଭି ବିଦ୍ୟାଳୟ ପକ୍ଷରୁ ଅଫ୍‌ଲାଇନ୍ ପରୀକ୍ଷା ବାଧ୍ୟତାମୂଳକ କରିବା ଘଟଣା : ରାଜ୍ୟ ସରକାରଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର ,୧୦/୨ (ନି.ପ୍ର): ଛାତ୍ରଛାତ୍ରୀମାନଙ୍କୁ ଅଫ୍‌ଲାଇନ୍ ମୋଡ୍‌ରେ ପରୀକ୍ଷା ଦେବାକୁ ବାଧ କରାଯାଉଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ସତ୍ୟରଞ୍ଜନ ସାହୁ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଡିଏଭି ବିଦ୍ୟାଳୟର ଅଧକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ସୂଚାନ ଯୋଗ୍ୟ ଯେ ଗତ ଦୁଇବର୍ଷ ଧରି କରୋନା ମହାମାରୀ ଯୋଗୁଁ ପିଲାମାନଙ୍କ ପାଠପଢ଼ା ବନ୍ଦ ଥିଲ । ମହାମାରୀର ପ୍ରଭାବ କମିବା ପରେ ଗତ ଫେବୃଆରୀ ୭ ତାରିଖ ଦିନଠାରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିଛି । ଛାତ୍ରଛାତ୍ରୀମାନଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ୧୪ ତାରିଖରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ମଧ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । କିନ୍ତୁ ଏହି ଦୁଇ ବର୍ଷ ମଧ୍ୟରେ ପିଲାଙ୍କ ପାଠପଢ଼ାରେ ବହୁକ୍ଷତି ହୋଇଥିବାର ଆଶଙ୍କା କରାଯାଉଛି । ଦୀର୍ଘଦିନ ଧରି ଅଫ୍‌ଲାଇନ୍ ପାଠପଢ଼ା ବନ୍ଦ ଥିବାରୁ କିଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମାଜିକ ଓ ଭାବନାତ୍ମକ ସ୍ତରରେ ଅନେକ ସମସ୍ୟା ସୃଷ୍ଟି ହୋଇଥିବାର ସମ୍ଭାବନା ମଧ ରହିଛି । ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର ଫେବୃଆରୀ ୩ ତାରିଖ ଦିନ ସ୍କୁଲଗୁଡ଼ିକ ପାଇଁ ଏକ ନିର୍ଦ୍ଦେଶାବଳୀ ଜାରି କରିଥିଲେ । ଏଥିରେ ପିଲାମାନେ ତାଙ୍କ ଇଚ୍ଛା ଅନୁଯାୟୀ ଅଫ୍‌ଲାଇନ୍, ଅନ୍‌ଲାଇନ୍ କିମ୍ବା ହାଇବ୍ରିଡ୍ ମୋଡ୍‌ରେ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ କରାଯାଇଥିଲା । ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ଫେବୃଆରୀ ୩ ତାରିଖ ଦିନ ସ୍କୁଲଗୁଡ଼ିକୁ ଏହି ମର୍ମରେ ଚିଠିଲେଖି ପିଲାମାନଙ୍କୁ ସେମାନଙ୍କ ଇଚ୍ଛା ଅନୁଯାୟୀ ଯେକୌଣସି ମୋଡ୍‌ରେ ପରୀକ୍ଷା ଦେବା ପାଇଁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଚନ୍ଦ୍ରଶେଖରପୁର ଡିଏଭି ବିଦ୍ୟାଳୟ ଏହି ନିର୍ଦ୍ଦେଶର ଅବମାନନା କରି ଫେବୃଆରୀ ୧୨ ତାରିଖରୁ ଆରମ୍ଭ ହେଉଥିବା ପିରିଅଡ୍ ଆସେସ୍‌ମେଣ୍ଟ ପରୀକ୍ଷାକୁ ଅଫ୍‌ଲାଇନ୍ ମୋଡ୍‌ରେ କରିବା ପାଇଁ ବାଧ କରିଛି । ତେଣୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ସାହୁ ଚନ୍ଦ୍ରଶେଖରପୁର ଡିଏଭି ବିଦ୍ୟାଳୟର ଅଧକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଏବଂ ଏହି ଅନୁଷ୍ଠାନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରେ ବୋଲି ସତର୍କ କରିଛନ୍ତି ।

# ଡିଏଭି କଳିଙ୍ଗନଗରରେ ବାର୍ଷିକ ପ୍ରକଳ୍ପ ପ୍ରଦର୍ଶନୀ 'ଏଡୁଟେକ'

ଭୁବନେଶ୍ୱର ,୧୦/୨ (ନି.ପ୍ର): ଶିଶୁମାନଙ୍କ ଲୁକ୍‌କାୟିତ ପ୍ରତିଭାର ପରିସ୍ଫୁଟନ ନିମେନ୍ତ ଡିଏଭି କଳିଙ୍ଗନଗରେର ପ୍ରତିବର୍ଷଭଳି ଚଳିତ ବର୍ଷ ଦୁଇଦିନିଆ ବାର୍ଷିକ ପ୍ରଦର୍ଶନୀ "ଏଡୁଟେକ" ଅନୁଷ୍ଠିତ ହୋଇଯାଇଛି । କାରାନା ଓ ଓମିକ୍ରନ ଭଳି ଜଟିଳ ପରିସ୍ଥିତରେ ଥାଇ ମଧ ଛାତ୍ରଛାତ୍ରୀମଟାନେ ଏହି ପ୍ରକଳ୍ପେର ଅଂଶଗ୍ରହଣ କରିଥିବାରୁ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହା ପିଲାମାନଙ୍କର ସୃଜନଶୀଳତାର ବିକାଶ ଦିଗେର ସହାୟକ ହୋଇଥାଏ ବୋଲି ସେ ତାଙ୍କ ଅଭିଭାଷଣେର ଉେଲ୍ଲଖ କରିଥେଲ । ପ୍ରଦଶର୍ନୀେର ବିଜ୍ଞାନ, ଗଣିତ, ଓଡିଆ, ଇଂରାଜୀ, ସାମାଜିକ ବିଜ୍ଞାନ ଓ ହିନ୍ଦୀ ବିଭାଗରୁ ୧୦୭ଟି ପ୍ରକଳ୍ପରେ ୨୦୭ ଜଣ ବିଦ୍ୟାର୍ଥୀ ଅଂଶଗ୍ରଗହଣ କରିଥେଲ । ତୃତୀୟରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ନିଜନିଜର ପ୍ରକଳ୍ପକୁ ଉପସ୍ଥାପନ କରିଥେଲ ଆଭାସୀ ପଟଳ ମାଧମରେ ।

# ଆଚରଣ ବିଧି ଉଲ୍ଲଂଘନ ନେଇ ନିର୍ବାଚନ ଆୟୋଗଙ୍କ ନିକଟରେ ଫେରାଦ ହେଲା କଂଗ୍ରେସ

ଭୁବନେଶ୍ୱର,୧୦/୨ (ନି.ପ୍ର): ରାଜ୍ୟରେ ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିଚାଳନାରେ ଝାରସୁଗୁଡ଼ାର ପ୍ରଶାସନ ବିଫଳ ହୋଇଛନ୍ତି । ନିର୍ବାଚନ ଆୟୋଗଙ୍କ ନିୟମ ମୁତାବକ କଂଗ୍ରେସ ଦଳ ଘରକୁ ଘର ଭୋଟ ପ୍ରଚାର କରୁଥିବା ବେଳେ ସ୍ଥାନୀୟ ଶାସକ ଦଳ ଶାସକ ଦଳର ମୃଷ୍ଟିମେୟ ପ୍ରଭାବଶାଳୀ ନେତାଙ୍କ ପ୍ରରୋଚାନରେ ବିଜେଡ଼ି ନେତୃବୃନ୍ଦ କଂଗ୍ରେସ ଲୋକଙ୍କୁ ଆଶାଳୀନ ଭାଷା ପ୍ରୟୋଗ କରି ଧମକ-ଚମକ ଦେଉଛନ୍ତି । ଯାହାଫଳରେ ଝାରସୁଗୁଡ଼ାର ଗ୍ରାମାଂଚଳର ନିରୀହ ଜନସାଧାରଣ ଭୟଭିତ ଅବସ୍ଥାରେ ଅଛନ୍ତି । ବିଶେଷ କରି ଝାରସୁଗୁଡ଼ାର ରାଜପୁର (କ) ଜୋନ ଏବଂ ବ୍ରଜରାଜ ନଗର ଜିଲ୍ଲା ପରିଷଦ ଅଂଚଳରେ ଶାସକ ଦଳର ନେତୃବୃନ୍ଦ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କ୍ରମାଗତ ଭାବେ କରିଚାଲିଛନ୍ତି । ଯାହାକୁ ଜିଲ୍ଲା ପ୍ରଶାସନ ସବୁଜାଣି ନ ଜାଣିଲା ପରି ନୀରବଦ୍ରଷ୍ଟା ସାଜିଛନ୍ତି । ଏହା ଦୁଃଖ ଓ ପରିତାପର ବିଷୟ ଅଟେ । ଏହି ଜିଲ୍ଲା ପରିଷଦ ଜୋନରେ ନିର୍ବାଚନ ଆଚରଣ ଉଲ୍ଲଙ୍ଘନ ନେଇ ପିସିସି ଉପସଭାପତି ତଥା, ନିର୍ବାଚନ କମିଟିର ଆବାହକ ଶ୍ରୀ ଯଜ୍ଞେଶ୍ୱର ବାବୁଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ନିର୍ବାଚନ ଆୟୋଗ ଅଭିଯୋଗ ପତ୍ର ଗ୍ରହଣ କରି ବିଧିବ୍ୟବସ୍ଥା ଅନୁସାରେ ନିର୍ବାଚନ ଆଚରଣ ବିଧି ଉଲଙ୍ଘନକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅବାଧ ଓ ନିରପେକ୍ଷ ଭାବରେ ନିର୍ବାଚନ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ । ଉକ୍ତ ପ୍ରତିନିଧି ଦଳରେ ଉପସଭାପତି ଯଜ୍ଞେଶ୍ୱର ବାବୁଙ୍କ ସମେତ, ବରିଷ୍ଠ ମୁଖପାତ୍ର ଶ୍ରୀ ମନୋରଞ୍ଜନ ଦାଶ, ପିସିସି ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଏବଂ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

# ସ୍ଥାନାନ୍ତର ହେବ ୟୁନିଟ୍- ୧ ପରିବା ମାର୍କେଟ୍

ଭୁବନେଶ୍ୱର ,୧୦/୨ (ନି.ପ୍ର): ସ୍ଥାନାନ୍ତର ହେବ ରାଜଧାନୀ ଭୁବନେଶ୍ୱର ସ୍ଥିତ ୟୁନିଟ-୧ ପରିବା ହୋଲ୍‌ସେଲ୍ ମାର୍କେଟ । ସହର ଉପକଣ୍ଠ ଭଗବାନପୁରକୁ ଏହା ସ୍ଥାନାନ୍ତରିତ ହେବ । ଏଥିପାଇଁ ସେଠାରେ ୧୦ ଏକର ଜମି ଚିହ୍ନଟ କରାଯାଇଛି । ପରିବା ହୋଲ୍‌ସେଲ୍ ମାର୍କେଟ୍ ପାଇଁ ସେଠାରେ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବାକୁ ସୁବିଧା ଥିବାରୁ ତଥା ସହର ଭିତରୁ ଗହଳି କମାଇ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ବିଏମ୍‌ସି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଏନେଇ ଆଜି ବିଏମ୍‌ସିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ ବସିଥିଲା । ମାର୍କେଟ୍ ସ୍ଥାନାନ୍ତର ନିଷ୍ପତ୍ତିକୁ ସ୍ୱାଗତ କରିଛି ରାଜଧାନୀ କଞ୍ଚା ପରିବା ବ୍ୟବସାୟୀ ମହାସଂଘ । ୧୯୫୭ ମସିହାରୁ ୟୁନିଟ-୧ରେ ୪ ଏକର ଜାଗା ଉପରେ ଅଛି ପରିବା ହୋଲ୍‌ସେଲ୍ ମାର୍କେଟ । ଏବେ ଏଠାରେ ୪୯ ଜଣ ପରିବା ହୋଲ୍‌ସେଲ୍ ବ୍ୟବସାୟୀ ଅଛନ୍ତି । ପ୍ରତିଦିନ ଏଠାକୁ ୨୦୦ ଟ୍ରକ ଯିବା ଆସିବା କରୁଛି । ତେବେ ଏଠାରେ ସ୍ଥାନ ଅଭାବରୁ ପରିବା ହୋଲସେଲ ମାର୍କେଟକୁ ସ୍ଥାନାନ୍ତର କରିବା ଲାଗି ୨୦୦୭ରୁ ଦାବି କରି ଆସୁଥିଲା ସଂଘ । ରାଜଧାନୀ କଞ୍ଚା ପରିବା ବ୍ୟବସାୟୀ ମହାସଂଘର ସଭାପତି କବିରାଜ ସ୍ୱାଇଁ କହିଛନ୍ତି, ନୂଆ ମାର୍କେଟରେ ୪୯ ଜଣ ବ୍ୟବସାୟୀଙ୍କ ପାଇଁ ଗୋଦାମ ଘର ବ୍ୟବସ୍ଥା କରାଯିବା ଦରକାର । ଏହାସହ ପାଣି, ବିଜୁଳି ଓ ସଡ଼କ ଭଳି ଅନ୍ୟ ଆନୁଷଙ୍ଗିକ ସୁବିଧା କଲେ ପରିବା ହୋଲସେଲ ବ୍ୟବସାୟୀ ସେଠାକୁ ସ୍ଥାନାନ୍ତର ହେବେ ।

# ସଂଶୋଧିତ ହେଲା ଓୟୁଆରଆଇଆଇପି : ଗବେଷଣା ପାଇଁ ମିଳିବ ୭ ଲକ୍ଷ

ଭୁବନେଶ୍ୱର ,୧୦/୨ (ନି.ପ୍ର): ଗବେଷଣା ପ୍ରତି ଛାତ୍ରଛାତ୍ରୀ ଓ ଅଧାପକଙ୍କ ଆଗ୍ରହ ବଢୁଛି । ତାହାକୁ ନଜରରେ ରଖି ଯୁବ ଅଧାପକ ଓ ପିଏଚଡି କରୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ ପାଇଁ ରାଜ୍ୟ ସରକାର ଆଗେଇ ଆସିଛନ୍ତି । ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଓ ଅଭିନବୀକରଣ ପ୍ରୋତ୍ସାହନ ଯୋଜନା(ଓୟୁଆରଆଇଆଇପି)ରେ ଆର୍ଥିକ ଅନୁଦାନ ପ୍ରଦାନ କରୁଛନ୍ତି । ଚଳିତ ବର୍ଷଠାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ଅନୁଦାନ ରାଶିକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ଯୁବ ଅଧାପକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଭାଗ ପକ୍ଷରୁ ଦୁଇ ବର୍ଷ ଲାଗି ୫ ଲକ୍ଷ ଅର୍ଥ ରାଶି ପ୍ରଦାନ କରାଯାଉଥିଲା । ଏଣିକି ଏହି ଫଣ୍ଡ୍ ୭ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିସହ ଯଦି ଜଣେ ଅଧାପକ କୌଣସି ପ୍ରତିଷ୍ଠିତ ପତ୍ରିକା (ଜର୍ଣ୍ଣାଲ)ରେ ଗବେଷଣାଲବ୍ଧ ତଥ୍ୟ ପ୍ରକାଶ କରିବାକୁ ଚାହିଁଲେ ବିଭାଗ ପକ୍ଷରୁ ସହାୟତା କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ଉଚ୍ଚଶିକ୍ଷା ବିଭାଗ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନ ସରକାରୀ ଓ ଅନୁଦାନପ୍ରାପ୍ତ ବିଶ୍ୱବିଦ୍ୟାଳୟ/ କଲେଜରେ ପିଏଚ୍‌ଡି କରିଥିବା ୪୫ ବର୍ଷରୁ କମ୍ ବୟସର କୌଣସି ଯୁବ ଅଧାପକ ଗବେଷଣା ପାଇଁ ସିଡ୍ ଅର୍ଥ ପାଇପାରିବେ । ଯେଉଁ ଅଧାପକମାନେ ଅନ୍ୟ ଗବେଷଣା ସଂସ୍ଥାରୁ ଯଦି ପାଣ୍ଠି ପାଉଥିବେ ତେବେ ସେମାନେ ଏହି ସିଡ୍‌ଫଣ୍ଡ୍ ପାଇବାକୁ ଯୋଗ୍ୟ ହେବେ ନାହିଁ । କେଉଁମାନଙ୍କୁ ଫଣ୍ଡ୍ ଦିଆଯିବ ସେ ନିଷ୍ପତ୍ତି ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ(ଓଏସ୍‌ଏଚ୍‌ଇସି) ନେବ । ରିସର୍ଚ୍ଚ ସ୍କଲାରସିପ୍ ଲାଗି ପ୍ରତି ବର୍ଷ ମାର୍ଚ୍ଚ ମାସ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ କରାଯିବ ଏବଂ ମେ' ମାସ ସୁଦ୍ଧା ପୁରସ୍କାର ଦିଆଯିବ । ସିଡ୍ ଫଣ୍ଡି ଲାଗି ଜାନୁଆରି ଓ ଜୁଲାଇ ମାସରେ ବିଜ୍ଞାପନ ପ୍ରକାଶ ପାଇବ । ମାର୍ଚ୍ଚ ଓ ଅକ୍ଟୋବର ମାସରେ ଚୟନ ଓ ପୁରସ୍କାର ପ୍ରଦାନ କରାଯିବ । ପ୍ରତିବର୍ଷ ତିନୋଟି ଓଡ଼ିଶା ରିସର୍ଚ୍ଚ କନ୍‌କ୍ଲେଭ୍ ଅନୁଷ୍ଠିତ ହେବ । କନ୍‌କ୍ଲେଭ୍ ଲାଗି ବାର୍ଷିକ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଯାହାକି ଗସ୍ତ, ରହଣି, ହସ୍ପିଟାଲିଟି ଆଦିରେ ଖର୍ଚ୍ଚ ହେବ । ଫେଲୋସିପ୍ ୪ ବର୍ଷ ଲାଗି ପ୍ରଦାନ କରାଯିବ । ଓଏସ୍‌ଏଚ୍‌ଇସି ଅନୁମୋଦନ କ୍ରମେ ଆଉ ଗୋଟିଏ ବର୍ଷ ବୃଦ୍ଧି କରାଯାଇପାରେ । ପ୍ରତି ବିଷୟରେ ୫ ଜଣଙ୍କୁ ଫେଲୋସିପ୍ ମିଳିବ । ସେଥିରୁ ଦୁଇ ଜଣ ଛାତ୍ରୀ ରହିବେ । ୩୫ଟି ବିଷୟରେ ଛାତ୍ରଛାତ୍ରୀଙ୍କୁ ଫେଲୋସିପ୍ ମିଳିବ । ପ୍ରାର୍ଥୀ ନେଟ୍‌ରେ କୃତକାର୍ଯ୍ୟ ହୋଇଥିବା ଆବଶ୍ୟକ ।

# ଫାଇଲେରିଆ ନିରାକରଣରେ ଗୋଷ୍ଠୀ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୦/୨ (ନି.ପ୍ର): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରାଜ୍ୟର ୧୫ଟି ଜିଲ୍ଲାରେ ଲିମ୍ଫାଟିକ ଫାଇଲେରିଆସିସ୍ ନିରାକରଣ ପାଇଁ ପର୍ଯ୍ୟାୟ କ୍ରମିକ ଭାବରେ ଏକ ସାମୂହିକ ଔଷଧ ସେବନ (ଏମଡିଏ) ପଯ୍ୟାୟ ଆୟୋଜନ କରିବେ । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରାଟେଜି ସହିତ ମିଳିତ ଭାବରେ ଏକ ଭର୍ଚୁଆଲ ଗଣମାଧ୍ୟମ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା । ଲିମ୍ଫାଟିକ ଫାଇଲେରିଆସିସ୍ ସୃଷ୍ଟି କରୁଥିବା ଦୁର୍ବଳତା ସମ୍ପର୍କରେ ଆଲୋକପାତ କରୁଥିବା ସୂଚନା ଜନସାଧାରଣଙ୍କ ନିକଟରେ ପହଂଚାଇବାକୁ ସୁନିର୍ଶ୍ଚିତ କରିବା ଏହି କର୍ମଶାଳାର ଲକ୍ଷ୍ୟ ଥିଲା, ଯଦ୍ୱାରା ଜନସାଧାରଣ ଏହି ରୋଗର ଗୁରୁତର ପ୍ରଭାବ ସମ୍ପର୍କରେ ସଠିକ ସୂଚନା ପାଇପାରିବେ ।

କର୍ମଶାଳା ଅବସରରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଭେକଫରବାହିତ ରୋଗଗୁଡିକର ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା. ଶୁଭାଶିଷ ମହାନ୍ତି କହିଥିଲେ, '୨୦୩୦ ସୁଦ୍ଧା ଦେଶରୁ ଫାଇଲେରିଆ ନିରାକରଣ ନିମନ୍ତେ ଭାରତର ପ୍ରତିବଦ୍ଧତାକୁ ଲକ୍ଷ୍ୟ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ପ୍ରୟାସଗୁଡିକର ନିରନ୍ତରତା ବଜାୟ ରଖିବା ବିଷୟକୁ ହୃଦବୋଧ କରି ଓଡ଼ିଶା ସରକାର ୧୫ଟି ଏଲଏଫ ଜିଲ୍ଲାରେ ପର୍ଯ୍ୟାୟ କ୍ରମିକ ଭାବରେ ଏମ୍‌ଡିଏ ପର୍ଯ୍ୟାୟଗୁଡିକ ହାତକୁ ନେଉଛନ୍ତି । ଭାରତ ସରକାରଙ୍କ ଦ୍ୱାରା ଜାରି କୋଭିଡ-୧୯ ନିୟମାବଳୀ ମୁତାବକ ଏହି ଏମ୍‌ଡିଏ ପର୍ଯ୍ୟାୟଗୁଡିକ ଆୟୋଜନ କରାଯିବ । ସାମୂହିକ ଔଷଧ ସେବନ (ଏମ୍‌ଡିଏ) କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ୨୦୨୨ ଫେବୃଆରୀ ୧୦ରୁ ଫେବୃଆରୀ ୧୯ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୦୨୨ ଫେବୃଆରୀ ୭ରୁ ମାର୍ଚ୍ଚ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବ । ଫେବୃଆରୀ ୧୦ ତାରିଖରୁ ଏମ୍‌ଡିଏ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାକୁ ଯାଉଥିବା ୮ଟି ଜିଲ୍ଲା ହେଉଛି ଅନଗୁଳ, ବାଲେଶ୍ୱର, କଟକ, ଗଞ୍ଜାମ, ଢେଙ୍କାନାଳ, ଝାରସୁଗୁଡା, ନୂଆପଡା ଏବଂ ନୟାଗଡ । ଦ୍ୱିତୀୟ ପର୍ଯ୍ୟାୟରେ ଏମ୍‌ଡିଏ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାକୁ ଥିବା ୭ଟି ଜିଲା ମଧ୍ୟରେ ବରଗଡ, କେନ୍ଦୁଝର, କନ୍ଧମାଳ, ମୟୂରଭଞ୍ଜ, ସୋନପୁର, ସୁନ୍ଦରଗଡ ଏବଂ ସମ୍ବଲପୁର ରହିଛି ।' ଏହି ଅବସରରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଲେ ଯେ, 'ଫାଇଲେରିଆ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ଯାହା ମଶା କାମୁଡିବା ଦ୍ୱାରା ବ୍ୟାପିଥାଏ । ବିଶ୍ୱବ୍ୟାପୀ ଦୀର୍ଘସୂତ୍ରୀ ଅକ୍ଷମତାର ଅନ୍ୟତମ ମୁଖ୍ୟ କାରଣ ହେଉଛି ଫାଇଲେରିଆସିସ୍ । ସାଧାରଣତଃ ପିଲାଦିନେ ଆକ୍ରାନ୍ତ କରୁଥିବା ଏହି ସଂକ୍ରମଣ ଲିମ୍ଫାଟିକ ବ୍ୟବସ୍ଥାକୁ ନଷ୍ଟ କରିଥାଏ ଏବଂ ତାହାର ଯଦି ଚିକିତ୍ସା କରାନଯାଏ ତେବେ ଶରୀରର ବିଭିନ୍ନ ଅଂଶରେ ଅସ୍ୱାଭାବିକ ଫୁଲା ସୃଷ୍ଟି କରିଥାଏ, ଯାହା ପୂର୍ବାବସ୍ଥାକୁ ଫେରାଇ ଅଣାଯାଇପାରିବ ନାହିଁ । ଫାଇଲେରିଆସିସ୍ ରେ ଆକ୍ରାନ୍ତ ଲୋକମାନେ ଅନେକ ସମୟରେ ହାଇଡ୍ରୋସିଲ (ଅଣ୍ଡକୋଷ ଫୁଲିବା), ଲିମ୍ଫୋଡେମା (ଅଙ୍ଗ ପ୍ରତ୍ୟଙ୍ଗ ଫୁଲିବା) ଏବଂ ଚାଇଲୁରିଆ (ଈଷତ୍ ଦୁଗ୍ଧ ରଙ୍ଗର ପରିସ୍ରା) ଭଳି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଏଭଳି ପରିସ୍ଥିତି ଲିମ୍ଫାଟିକ ଫାଇଲେରିଆସିସ୍ ରେ ଆକ୍ରାନ୍ତ ଲୋକଙ୍କର ଜୀବିକା, ସୁବିଧା ସୁଯୋଗ ଏବଂ କାର୍ଯ୍ୟ କରିବାର ସାମର୍ଥ୍ୟକୁ ପ୍ରଭାବିତ କରିଥାଏ ଏବଂ ଅନେକ ସମୟରେ ସେମାନେ ସାମାଜିକ ହୀନ-ମନ୍ୟତାର ବିଷୟବସ୍ତୁ ପାଲଟି ଯାଆନ୍ତି । ଫାଇଲେରିଆସିସ୍ ଏକ ଅକ୍ଷମକାରୀ ରୋଗ ଯାହାକୁ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଫାଇଲେରିଆ ନିରୋଧୀ ଔଷଧ (ଡିଇସି ଓ ଆଲବେଣ୍ଡାଜୋଲ) ସେବନ ଦ୍ୱାରା ରୋକାଯାଇ ପାରିବ । ଡା. ମିଶ୍ର ମଧ ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ପ୍ରକାଶ କରିଥିଲେ ଯାହା ସାଧାରଣତଃ କ୍ୱଚିତ ପରିଲକ୍ଷିତ ହୋଇଥାଏ ଏବଂ ଏଭଳି ପରିସ୍ଥିତିର ସମାଧାନ କରିବାକୁ କ୍ଷେତ୍ରସ୍ତରରେ ଆରଆରଟିମାନେ ରହିଛନ୍ତି । ସେ ପୁନଶ୍ଚ କରିଥିଲେ ଯେ 'ଆଲବେଣ୍ଡାଜୋଲ୍ 'କୁ ଚୋବେଇ ଖିଆଯିବ ଏବଂ ଡିଇସିକୁ ସେହିଭଳି ଗୋଟା ଗିଳିଦେବାକୁ ହେବ । ଖାଦ୍ୟ ଖାଇବା ପରେ ଏହି ଔଷଧ ସେବନ କରିବାକୁ ହେବ । ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରାଟେଜିର ନିର୍ଦ୍ଦେଶକ ଶ୍ରୀ ଅନୁଜ ଘୋଷ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ ସମସ୍ତଙ୍କର ସମ୍ମିଳିତ ପ୍ରଚେଷ୍ଟା ଦ୍ୱାରା ଆମେମାନେ ଲିମ୍ଫାଟିକ ଫାଇଲେରିଆସିସ୍ ଭଳି ରୋଗକୁ ରାଜ୍ୟରୁ ନିରାକରଣ କରିପାରିବା ବୋଲି ମତ ଦେଇଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ଏବଂ ପ୍ରୋଜେକ୍ଟ କନସର୍ନ ଇଂଟରନ୍ୟାସନାଲ (ପିସିଆଇ)ର ରାଜ୍ୟ ପ୍ରତିନିଧିଗଣ ମଧ ଏହି ଗଣମାଧ୍ୟମ କର୍ମଶାଳାରେ ଉପସ୍ଥିତ ଥିଲେ ।

## ଭାରତ-ଇସ୍ରାଏଲ ମୈତ୍ରୀର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

୨୮ତାରିଖ ଦିନ ଦୁଇ ଦେଶର ବିଦେଶମନ୍ତ୍ରୀଙ୍କ ଏକ ମିଳିତ ଲେଖା ଇସ୍ରାଏଲର ଏକ ଖବରକାଗଜ ଛାପିଥିଲା ଯେଉଁଥିରେ ଦୁଇମନ୍ତ୍ରୀ ସୁରକ୍ଷା କ୍ଷେତ୍ରରେ ଅଧିକ ସହଯୋଗ ବୃଦ୍ଧିପାଇଁ ଏକମତ ହୋଇଥିଲେ । ଦୁଇଦେଶର ମୈତ୍ରୀର ତିନିଦଶନ୍ଧି ପୂର୍ତ୍ତିପାଇଁ ଏକ ସ୍ୱତନ୍ତ୍ର ଲୋଗୋ ପ୍ରସ୍ତୁତ ହୋଇଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେନେଟ ତାଙ୍କ ବାର୍ତ୍ତାରେ ସାଂସ୍କୃତିକ, ସାମରିକ, ଆର୍ଥିକ ସଂପର୍କକୁ ସୁଦୃଢ କରିବା ଉପରେ ଜୋର ଦେଇଛନ୍ତି । ଏହି ଅବସରରେ ଇସ୍ରାଏଲ ମରୁଭୂମିରେ ଦୁଇଦେଶର ଜାତୀୟ ପତାକା ଶୋଭା ପାଇବା ସହ ଇସ୍ରାଏଲର ମାସାଡା ଦୁର୍ଗକୁ ଆଲୋକରେ ସଜାଯାଇଥିବାର ଏକ ଭିଡିଓକୁ ଭାରତରେ ନିଯୁକ୍ତ ଇସ୍ରାଏଲ ରାଷ୍ଟ୍ରଦୂତ ନାଓର ଗିଲୋନ ଛାଡିଛନ୍ତି । ଇସ୍ରାଏଲରେ ଥିବା ଭାରତର ରାଷ୍ଟ୍ରଦୂତ ସଞ୍ଜୀବ ସିଙ୍ଗଲା ଦ୍ୱିପାକ୍ଷିକ ସମ୍ବନ୍ଧକୁ ସୁଦୃଢ କରିବା ସପକ୍ଷରେ ମତ ଦେଇଛନ୍ତି ।

ଭାରତ- ଇସ୍ରାଏଲ ମୈତ୍ରୀର ଉଷ୍ମତା ମଧ୍ୟରେ ଆମେରିକାର ଗାତ୍ରଦାହୀ ଗଣମାଧ୍ୟମ ଦି ନିୟୁୟର୍କ ଟାଇମ୍ସ ଏଥିରେ ପ୍ରତିବନ୍ଧକ ସୃଷ୍ଟିପାଇଁ ଠିକ୍ ଏହି ସମୟରେ ଭାରତ ୨ ବିଲିଅନ ଡଲାର ପ୍ରଦାନ କରି ଇସ୍ରାଏଲଠାରୁ ପେଗାସସ୍ ଗୋଇନ୍ଦା ସଫ୍ଟୱେର ୨୦୧୭ରେ କିଣିଥିବା ଖବର ପ୍ରକାଶ କଲାପରେ ଭାରତର ବିରୋଧୀପକ୍ଷ ନେତାମାନେ ଦୁଇଦେଶର ସଂପର୍କ ସପକ୍ଷରେ ପଦେ ନକହି ଅନେକ ବିଷୋଦ୍‌ଗାର କରିବାରେ ଲାଗିପଡିଛନ୍ତି, ବର୍ଣ୍ଣଲ ଧରି ବୁଲୁଛନ୍ତି । ଦେଶର ରାଜନେତାଙ୍କ ଠାରୁ ବ୍ୟବସାୟୀ, ଅଧିକାରୀଙ୍କଠାରୁ ଧର୍ମଗୁରୁଙ୍କ ପର୍ଯ୍ୟନ୍ତ ଅନେକ ଆଜି ଦୈନିକ ରାଷ୍ଟ୍ରବିରୋଧୀ ମନ୍ତବ୍ୟ ଓ ଷଡଯନ୍ତ୍ରରେ ବ୍ୟସ୍ତ ରହି ବିଦେଶୀ ବ୍ୟାଙ୍କରେ ଟଙ୍କା ରଖୁଥିଲାବେଳେ ଆଭ୍ୟନ୍ତରୀଣ ସୁରକ୍ଷା ଓ ସାଧାରଣ ଅର୍ଥର ସୁରକ୍ଷା ପାଇଁ ପ୍ରତ୍ୟେକଟି ବ୍ୟକ୍ତି ଉପରେ ଚବିଶ ଘଣ୍ଟା ପାଇଁ ସତର୍କ ଓ ସନ୍ଦେହୀ ଦୃଷ୍ଟି ରଖାଯିବା ଆବଶ୍ୟକ । କୌଣସି ବ୍ୟକ୍ତି ଦେଶର ସୁରକ୍ଷାଠାରୁ ବଡ ନୁହେଁ । ନେତାମାନେ ଦେଶର ବିଧି ଓ ବ୍ୟବସ୍ଥାକୁ ନେଇ ବିଦେଶରେ ନିନ୍ଦାରଟନା କଲାବେଳେ ସେମାନଙ୍କୁ ନିୟନ୍ତ୍ରଣ କରିବା ବ୍ୟବସ୍ଥା ସରକାର କରିବା ଦରକାର । ତେଣୁ ପେଗାସସ୍ ସଫ୍ଟୱେର ଦେଶର ସୁରକ୍ଷା ପାଇଁ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ନିଶ୍ଚୟ । ଏହା ଦେଶ ବିରୋଧୀଙ୍କ ଗାତ୍ରଦାହ ଅନବରତ ସୃଷ୍ଟି କରିବ ସତ,କିନ୍ତୁ ସାଧାରଣଙ୍କ ସୁରକ୍ଷା, ଷଡଯନ୍ତ୍ରକାରୀଙ୍କୁ ଧରିବାରେ ବିଶେଷ ସହାୟକ ହେବ ।

ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩

## ପ୍ରଳୟାମୁଖୀ ଧରିତ୍ରୀ ମାଆର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଦେଶ ଦେଶରେ ସ୍ଥାପିତ ଅଦ୍ୟାବଧି ଚାଲିଥିବା ବିଭିନ୍ନ କଳକାରଖାନା ଉପରେ ପ୍ରଦୂଷଣ ନିରୋଧୀ ବ୍ୟବସ୍ଥା ଓ ନିୟମ ଲାଗୁ କରିବାକୁ ଆଇନ କଡାକଡି କରିବାକୁ ହେବ।ଲଗାମହୀନ ସହରୀକରଣ ଓ ବିକାଶ ଆମର ବିନାଶର କାରଣ ନହେଉ। ବନୀକରଣ ସହ ଏହାର ସୁରକ୍ଷା କରି ବ୍ୟାପକ ଜଂଗଲ ସୃଷ୍ଟି ସମେତ ବନ୍ୟଜନ୍ତୁ ସୁରକ୍ଷା କରିବା ବିଧେୟ। ପ୍ରକୃତି କୋଳରେ ରହିଥିବା ଜୈବ ବିବିଧତାର ସନ୍ତୁଳନ ରକ୍ଷା ପାଇଁ ଆମେ ବଦ୍ଧପରିକର ହେବା ଜରୁରୀ। ଆମ ଉତ୍ତର ଦାୟାଦଙ୍କ ଅନାହତ ସୁଖ ସମୃଦ୍ଧି ସାଧନ ନିମନ୍ତେ ଆମେ ବିଶ୍ୱ କଲ୍ୟାଣ ପାଇଁ ଆଗେଇ ଆସିବା ଜରୁରୀ। ଯଦି ଖୁବଶୀଘ୍ର ସଚେତନ ହୋଇ ଆମେ ଆମର ଆବଶ୍ୟକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନକରିବା, ତେବେ ଆମକୁ ଆଶ୍ରୟ ଦେଇଥିବା ଏହି ସୁନ୍ଦର ପୃଥିବୀ ପୃଷ୍ଠରେ ପ୍ରକୃତିର ମହାତାଣ୍ଡବ ସୃଷ୍ଟି ହେବ।ଯାହାର ପ୍ରଭାବରେ ଆମ ଜୀବଜଗତ ସମେତ ଆମେ ସମଗ୍ର ମାନବ ସମାଜ ମଧ ଏହି ଦୁନିଆରୁ ଅକାଳେ ନିଶ୍ଚିହ୍ନ ହୋଇଯିବା ଧୃବ ସତ୍ୟ ଅଟେ। ମନେରଖିବାକୁ ହେବ ପରିବେଶ ସୁରକ୍ଷାରେ ଆମ ପୃଥିବୀ ରକ୍ଷା। ଯେଣୁ ଏଥିରେ ଆମର ସମଗ୍ର ଜୀବଜଗତର ମଧ ସୁରକ୍ଷା ନିହିତ ରହିଛି।

ସ୍ତମ୍ଭକାର, ସା/ପୋ:- ନାଚୁଣୀ, ଜିଲ୍ଲା:- ଖୋରଧା, ପିନ୍-୭୫୨୦୩୪
(ମୋ:) ୬୩୭୦୪୯୫୯୪୪

## ସୁଜକି ବାଇକ୍ ସୋ ରୁମ୍ ଉଦ୍‌ଘାଟିତ : ଉପାନ୍ତବାସୀଙ୍କୁ ମିଳିବ ସେବା

ଜଳେଶ୍ୱର, ୧୦/୨(ନିପ୍ର) : ସମଗ୍ର ଉତ୍ତର ବାଲେଶ୍ୱରରେ ସୁଜୁକି ବାଇକ୍ ଓ ସ୍କୁଟିର ସୋ ରୁମ୍ ନ ଥିବାରୁ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଏବଂ ପଶ୍ଚିମବଂଗର ମେଦିନୀପୁର ଜିଲାର ଦାନ୍ତୁନ, ଏଗ୍ରା, ଗୋପିବଲ୍ଲଭପୁର ଓ ଝାଡଗ୍ରାମ ଥାନାବାସୀ ସେବାରୁ ବଂଚିତ ହୋଇ ହେଉଥିଲେ । କିନ୍ତୁ ଆଜି ଜଳେଶ୍ୱର ବାଇପାସ୍ ଠାରେ ଏପରି ଏକ ସୋ ରୁମ୍‌କୁ ପ୍ରକାଶଚନ୍ଦ୍ର ନାୟକ, ରୁଦ୍ରନାରାୟଣ ଦାସ ମିଳିତଭାବେ ଲୋକାର୍ପଣ କରିଛନ୍ତି । ଏହି ସୋ ରୁମ୍‌ର ମାଲିକ ପ୍ରିତମ୍ ପ୍ରକାଶ ନାୟକ ସଭାପତିତ୍ୱ କରି ଏପରି ସେବା ଦୁଇ ରାଜ୍ୟର ଉପାନ୍ତ ଅଂଚଳବାସୀଙ୍କୁ ମିଳିପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିରୁପମା ନାୟକ, ପରିଚାଳକ ଆଦିତ୍ୟକୁମାର ଦାସ, ଆଇନ୍‌ଜିବୀ କୁଂଜବିହାରୀ ଦାସ, କ୍ଷିତିଶ ଚନ୍ଦ୍ର ଘୋଷ, ଦୀପକ ଗିରି, ସଂଗ୍ରାମ ପଟ୍ଟନାୟକ, ପ୍ରଶାନ୍ତ ଦିବେଦୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପଂଚାୟତ ନିର୍ବାଚନ ଲାଗି ଗାଡ଼ି ଓ ମାଇକ ପାଇଁ ଅନୁମତି ପତ୍ର ଦେଇପାରିବେ ତହସିଲଦାର

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ବର୍ତ୍ତମାନ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳମାନେ ନିର୍ବାଚନରେ ଡାକବାଜି ଯନ୍ତ୍ର ଓ ଗାଡ଼ିର ବ୍ୟବହାର ନିମନ୍ତେ ସଂପୃକ୍ତ ଅଧିକାରୀଙ୍କଠାରୁ ଅନୁମତି ପତ୍ର ପ୍ରାପ୍ତ ହେବା ନିମନ୍ତେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ନିର୍ବାଚନ କମିଶନଙ୍କଠାରେ ଅନେକ ଅଭିଯୋଗ ଆସି ପହଂଚୁଛି । ଏହାର ସୁପରିଚାଳନା ନିମନ୍ତେ ସ୍ଥାନୀୟ ତହସିଲଦାରମାନଙ୍କୁ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ଗାଡ଼ି ଓ ଡାକବାଜି ଯନ୍ତ୍ରର ଅନୁମତି ପତ୍ର ପ୍ରଦାନ କରିବା ନିମନ୍ତେ ପ୍ରାଧିକୃତ କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ସବୁ ରାଜନୈତିକ ଦଳମାନେ ସହଜରେ ଅନୁମତି ପତ୍ର ପାଇପାରିବେ । ସଂପୃକ୍ତ ଉପଜିଲ୍ଲାପାଳଙ୍କ ସହ ସ୍ଥାନୀୟ ତହସିଲଦାରମାନେ ନିର୍ବାଚନ ନିମନ୍ତେ ଗାଡ଼ି ଓ ଡାକବାଜି ଯନ୍ତ୍ରର ବ୍ୟବହାର ନିମନ୍ତେ ଅନୁମତି ପତ୍ର ପ୍ରଦାନ କରିପାରିବେ । ଯେଉଁ ବ୍ଲକ୍ ପୁଲିସ କମିଶନରେଟ୍ ଅଧୀନରେ ଆସୁଛି ସେଠାରେ ସଂପୃକ୍ତ ପୁଲିସ କମିଶନର ଆବଶ୍ୟକ ଅନୁମତି ପତ୍ର ପ୍ରଦାନ କରିପାରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ସରପଂଚ ଓ ପଂଚାୟତ ସମିତି ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ଗାଡ଼ି ବ୍ୟବହାର ନିମନ୍ତେ ସ୍ଥାନୀୟ ବିଡିଓ ଏବଂ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ କ୍ଷେତ୍ରରେ ଗାଡ଼ି ବ୍ୟବହାର ନିମନ୍ତେ ସଂପୃକ୍ତ ଉପଜିଲ୍ଲାପାଳମାନେ ଅନୁମତି ପତ୍ର ପ୍ରଦାନ କରିବେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଲଖିମପୁର ଖେରି ହିଂସାକାଣ୍ଡ....

ଉଠାଇଛନ୍ତି ବିରୋଧୀ । ଗତବର୍ଷ ଅକ୍ଟୋବର ୩ରେ କୃଷି ଆଇନକୁ ବିରୋଧ କରି ମନ୍ତ୍ରୀ ଜୟ ମିଶ୍ରାଙ୍କୁ ରାଲିକୁ ବିରୋଧ କରିଥିଲେ ଚାଷୀ । ଏହି ସମୟରେ ମନ୍ତ୍ରୀଙ୍କ ପୁଅ ଆଶିଷ ମିଶ୍ରାଙ୍କ ଏସୟୁଭି କାର ଚାଷୀଙ୍କ ଉପରକୁ ଚଢିଯାଇଥିଲା । ଏଥିରେ ୪ ଚାଷୀଙ୍କ ସମେତ ୮ ଜଣ ପ୍ରାଣ ହରାଇଥିଲେ । ପରେ ଗିରଫ ହୋଇଥିଲେ ଆଶିଷ । ଏସଆଇଟି ଏହି ମାମଲାର ତଦନ୍ତ କରି ୫ ହଜାର ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି ଏବଂ ଆଶିଷଙ୍କ ସମେତ ୧୬ ଜଣ ହିଂସାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ତେବେ ଆଶିଷଙ୍କ ବିରୋଧରେ ୩୦୨ ଭଳି ସଙ୍ଗୀନ ଦଫା ଲାଗିଥିବା ବେଳେ କେମିତି ଶୀଘ୍ର ଜାମିନ୍ ମିଳିଲା ସେ ନେଇ ପ୍ରଶ୍ନ ଉଠାଇଛନ୍ତି ଚାଷୀ ନେତା ରାକେଶ ଟିକାୟତ । ଆଉ ଏହାକୁ ନେଇ ସେ ୟୁପିରେ ବିଜେପି ବିରୋଧରେ ପ୍ରଚାର କରିବେ ବୋଲି କହିଛନ୍ତି । ଲଖିମପୁର ଖେରି ହିଂସାକାଣ୍ଡ ମାମଲାରେ ବିଜେପି ବ୍ୟାକଫୁଟରେ ଥିବା ବେଳେ ଏବେ ନିର୍ବାଚନ ବେଳେ ଆଶିଷଙ୍କୁ ଜାମିନ ମିଳିଛି । ଏପରି ସ୍ଥିତିରେ ଆଶିଷ ଜେଲରୁ ବାହାରିବା କେଉଁ ରାଜନୈତିକ ଦଳକୁ ମିଳିବ ଲାଭ ଏବଂ କାହାକୁ ହେବ ଘାଟା ତାହା ଆଗାମୀ ଦିନରେ ଜଣାପଡିବ ।

### ହିଜାବ ବିବାଦରେ ମୁହଁ ଖୋଲିଲେ....

ପ୍ରଚାର କରିଥିଲେ। ସହାରନପୁରରେ ଆୟୋଜିତ ରାଲିରେ ଯୋଗ ଦେଇ ସେ କହିଥିଲେ, ଉତ୍ତର ପ୍ରଦେଶରେ ମୁସଲିମ ମହିଳାଙ୍କ ଅଧିକାରକୁ ଯୋଗୀ ସରକାର ସୁନିଶ୍ଚିତ କରିଛନ୍ତି। ତେଣୁ ଏଠାରେ ପୁଣି ଥରେ ବିଜେପି ସରକାର ଆସିବା ଉଚିତ୍। ସେହିପରି ଏହି ରାଲିରେ ମୋଦି ରାଜନୀତିରେ ଚାଲିଥିବା ପରିବାରବାଦ କଥା ଉଠାଇଥିଲେ। ସେ କହିଥିଲେ ଯେ ଉତ୍ତର ପ୍ରଦେଶରେ ପୂର୍ବରୁ ଥିବା ଶାସକମାନେ ସେମାନଙ୍କ ପରିବାର ଛଡ଼ା ଆଉ କାହାକୁ ଦେଖି ନାହାନ୍ତି। ସେମାନେ ଆପଣଙ୍କ ପାଇଁ ଚିନ୍ତିତ ନୁହନ୍ତି। ଯଦି ସେମାନେ ମହାମାରୀ ସମୟରେ କ୍ଷମତାରେ ଥା'ନ୍ତେ, ତା'ହେଲେ କରୋନା ଟିକାର କଳାବଜାରୀ ହୋଇଥା'ନ୍ତା। ସେହି ଟିକା ଆପଣଙ୍କ ପାଖରେ ପହଞ୍ଚି ପାରି ନଥା'ନ୍ତା। ମୋଦି ଆହୁରି କହିଥିଲେ, ଯଦି ବିରୋଧୀମାନେ ବଡ଼ ବଡ଼ ପ୍ରତିଶ୍ରୁତି ଦେଉଛନ୍ତି, ତା'ହେଲେ ସେମାନେ ଆପଣମାନଙ୍କୁ ଠକୁଛନ୍ତି। ରାଜ୍ୟରେ ବିଜେପି ପୂର୍ବରୁ ଶାସନରେ ଥିବା ଦଳ ବିଜୁଳି ନେଇ କେତେ କ'ଣ ସ୍ୱପ୍ନ ଦେଖାଇଥିଲା। କିନ୍ତୁ ୟୁପି ଅନ୍ଧାରରେ ରହିଲା।

### ଦେଶରେ କମୁଛି କରୋନା....

ଦେଶରେ କରୋନାର ୬୭,୦୮୪ଟି ନୂଆ ମାମଲା ସାମ୍ନାକୁ ଆସିଛି। ସେହିପରି ଦିନକରେ କରୋନା ଆକ୍ରାନ୍ତ ହୋଇ ୧୨୪୧ ଜଣ ପ୍ରାଣ ହରାଇଛନ୍ତି, ଯାହା ବେଶ୍ ଚିନ୍ତାଜନକ ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଦେଶରେ ବର୍ତ୍ତମାନର କରୋନାର ପଜିଟିଭିଟି ହାର କମ୍ ରହିଛି। ବୁଧବାର ତୁଳନାରେ ଗୁରୁବାର ୬ ପ୍ରତିଶତ କମିଛି କରୋନା ପଜିଟିଭିଟି ହାର। ଦେଶରେ ଦୈନିକ ପଜିଟିଭିଟି ହାର ୪.୪୪% ରହିଛି। ବର୍ତ୍ତମାନ ଯାଏ ଦେଶରେ କରୋନା ଯୋଗୁ ପ୍ରାୟ ୫ ଲକ୍ଷରୁ ଅଧିକ ଲୋକେ ଆଖିବୁଜି ସାରିଲେଣି। ସେହିପରି ଗତ ୨୪ ଘଣ୍ଟା ମଧରେ ଦେଶରେ ଦେଶରେ ୯୬.୯୫ ପ୍ରତିଶତ ଲୋକେ କରୋନାରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେସୁଦ୍ଧା ଦେଶରେ ପ୍ରାୟ ୪ କୋଟି ୨୫ ଲକ୍ଷ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ୭୯୦୭୮୯ ସକ୍ରିୟ ମାମଲା ରହିଛି ଏବଂ ୪ କୋଟି ୧୦ ଲକ୍ଷ ସୁସ୍ଥ ହୋଇ ଫେରିଛନ୍ତି । ଏତତ୍ ବ୍ୟତୀତ ୫,୦୬,୫୨୦ ସଂକ୍ରମିତ ପ୍ରାଣ ହରାଇଛନ୍ତି ।

## ନଛିମପୁରଠାରେ ପ୍ରଚାର ଗାଡିକୁ ଭଂଗାରୁଜା : ଥାନାରେ ମାମଲା

ଜଳେଶ୍ୱର, ୧୦/୨(ନିପ୍ର) : ଜଳେଶ୍ୱର ଥାନା ଅଂଚଳରେ ନିର୍ବାଚନ ପ୍ରଚାର ସରଗରମ ହୋଇ ଆସୁଥିବା ବେଳେ କେତେକସ୍ଥାନରେ ଉତ୍ତେଜନା ଓ ହାତାହାତି ହେଉଥିବାର ଖବର ମିଳିଛି । ଆଜି ନଛିମପୁର ପଂଚାୟତରେ କଂଗ୍ରେସ ସମର୍ଥୀତ ଏକ ପ୍ରଚାରଗାଡି ରାସ୍ତାରେ ଗଲାବେଳେ ଅପର ଦିଗରୁ ବିଜେଡି ସମର୍ଥିତ ଏକ ପ୍ରଚାର ଗାଡି ଆସୁଥିଲା । ରାସ୍ତା ସଂକିର୍ଣ୍ଣ ଥିବାରୁ ୨ଟି ଗାଡି ମୁହାଁମୁହିଁ ହୋଇଥିଲେ । ଡାକବାଜି ଯନ୍ତ୍ରର ଉତ୍ତେଜନାପୂର୍ଣ୍ଣ ପ୍ରଚାର ସେମାନଙ୍କୁ ଖୋରାକ ଯୋଗାଇଥିଲା । ସ୍ଥାନୀୟ ଲୋକେ ଦୁଇ ପ୍ରତିପକ୍ଷଙ୍କ ମଧ୍ୟରେ କଳିକଜିଆ ଓ ହାତାହାତି ହୋଇଥିବାର ଅଭିଯୋଗ ହୋଇଛି । ଫଳରେ ସେଠାରେ ବିଆର୍୧୬ସି-୦୧୭୩ ପ୍ରଚାର ଗାଡିଟି ଭଂଗାରୋଜାରେ କ୍ଷତିଗ୍ରସ୍ତ ହୋଇଛି । ଏ ସଂପର୍କରେ ଥାନାରେ ମାମଲା ରୁଜୁ ହୋଇଛି ଏବଂ ଉତ୍ତେଜନା ଥିବାରୁ ପୁଲିସ୍ ଘଟଣାସ୍ଥଳରେ ପଇଁତରା ମାରୁଛି ।

## ବିଜେଡି ଦଳରୁ ରଂଜିତା ଓ ବିଜେପି ଦଳରୁ ଅନୀତା

ନୀଳଗିରି, ୧୦/୦୨ (ନି.ପ୍ର): ତ୍ରିସ୍ତରିୟ ପଂଚାୟତ ନିର୍ବାଚନ ପାଇଁ ବିଗୁଲ ବାଜିସାରିଛି । ନିଜ ନିଜର ବିଜୟ ପାଇଁ ୨ପ୍ରମୁଖ ଦଳ ବିଜେପି ଓ ବିଜେଡିର ପ୍ରାର୍ଥୀ ଓ ପ୍ରାର୍ଥନୀ ଅଧିକ ମତଦାତାଙ୍କ ନିକଟରେ ପହଂଚାଇବା ପାଇଁ ଓ ସେମାନଙ୍କ ସମର୍ଥନ ହାସଲ ପାଇଁ ଦିନରାତି ଏକ କରି ଦେଇଛନ୍ତି । ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀ ୧୨ନଂ. ଜୋନର ଜିଲ୍ଲା ପରିଷଦ ପ୍ରାର୍ଥିନୀ ବିଜେପି ଦଳରୁ ଅନିତା ସିଂ ଓ ବିଜେଡି ଦଳରୁ ରଂଜିତା ସିଂ ଉଭୟ ବିଜୟର ବାନା ଉଡ଼ାଇବାକୁ ଜୋରଦାର କସରତ ଆରମ୍ଭ କରିଛନ୍ତି । ଉଭୟ ପ୍ରାର୍ଥନୀ ନିଜର ବିଚାରଧାରାକୁ ପଂଚାୟତ , ସାହି ଏବଂ ୱାର୍ଡରେ ବୁଲିବା ସହ ଲୋକମାନଙ୍କର ମୌଳିକା ସମସ୍ୟାକୁ ବୁଝିବା ସହ ଆସନ୍ତା ଦିନର ପ୍ରତିଶୃତିଦେଇ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ ଜାରି ରଖିଛନ୍ତି । ବିଜେପି ପ୍ରାର୍ଥୀନୀ ଅନିତା ୫ବର୍ଷ ପୂର୍ବରୁ ୨୦୧୭ ନିର୍ବାଚନରେ ୧୨ନଂ. ଜୋନରେ ଜିଲ୍ଲା ପରିଷଦ ପ୍ରାର୍ଥନୀ ଭାବେ ଜୟଲାଭ କରିଥିବା ରଂଜିତା ଏଥର ବିଜେଡି ଦଳରୁ ପ୍ରାର୍ଥୀ ହୋଇଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ଗତ ନିର୍ବାଚନରେ ରଂଜିତା ବିଜେପି ଦଳରୁ ବିଜୟୀ ହୋଇଥିବା ବେଳେ ନିଜ ସ୍ୱାର୍ଥ ପାଇଁ ଦଳବଦଳ କରି ବିଜେଡିରେ ଯୋଗ ଦେଇଥିଲେ। ଏହି ୫ବର୍ଷରେ ରଂଜିତା ଉକ୍ତ ଜୋନରେ ସେଭଳି ଆଖିଦୃଶିଆ କାମ କରି ନ ଥିବା ବେଳେ ଜୋନର ସାଧାରଣ ଜନତାଙ୍କ ଦୁଃଖ ବୁଝିବାରେ ସକ୍ଷମ ହୋଇ ପାରି ନ ଥିଲେ । ଅଂଚଳର ବହୁ ମୌଳିକ ସମସ୍ୟା ଥିଲେ ମଧ ଜିଲ୍ଲା ପରିଷଦ ହେବା ପରେ ବହୁ ସମୟ ବାହାରେ ରହୁଥିଲେ । ଏପରିକି ଆଦିବାସୀ ଅଧ୍ୟୁଷିତ ଅଂଚଳ ପରିଗଣିତ ହୋଇଥିବା ୧୨ନଂ. ଜୋନରେ ଥିବା ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲାପରିଷଦ ଜଣେ ଆର.କେ.ଏସ.ର ସଭ୍ୟ ଭାବରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଆନ୍ତି । ଯାହା ଫଳରେ ସ୍ୱାସ୍ଥ୍ୟ ସେବାରେ ବହୁ ଉନ୍ନତି ହୋଇଥାଏ । ମାତ୍ର ନିଜର ଅପରାଗତା ଓ ଅଜ୍ଞାତବାସ ଯୋଗୁଁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଅର୍ଥ ଖର୍ଚ୍ଚ ହୋଇ ପାରି ନାହିଁ । ଏଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଛନ୍ତି ବର୍ତମାନର ବିଜେପି ପାର୍ଥୀ ଅନିତା ସିଂ । ପୁନର୍ବାର ଲୋକଙ୍କୁ ମୋ ଭୋଟ ମୋ ଅଧିକାର, ମୋ କର୍ତବ୍ୟ । ସେଥିପାଇଁ ଚାଷୀ ଠକିଲେ ବର୍ଷେ, ଭୋଟର ଠକିଲେ ୫ବର୍ଷ ବୋଲି ଅନିତା କହିଥିଲେ ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୪୦ ଗିରଫ, ୬୯୫ ବାହନ ଜବତ

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୪୦ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୯୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୯୭,୧୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ନିଆଯିବ ମତାମତ

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ରାଜ୍ୟରେ ଚଳିତ ଫେବୃଆରୀ ୭ ତାରିଖଠାରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ନିମନ୍ତେ ବିଦ୍ୟାଳୟ ଖୋଲିବା ସହ ଅଫ୍‌ଲାଇନ୍/ଅନ୍ ?ଲାଇନ୍/ ହାଇବ୍ରିଡ୍ ମୋଡ୍ ରେ ଶିକ୍ଷାଦାନ କରାଯାଉଛି । ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ବାବଦରେ ଛାତ୍ର, ଶିକ୍ଷକ, ଅଭିଭାବକ, ଶିକ୍ଷାବିତ୍ ଏବଂ ବିଶେଷଜ୍ଞମାନଙ୍କ ସହ ବିସ୍ତୃତ ଆଲୋଚନାପୂର୍ବକ ଏହି ଅଂଶୀଦାରମାନଙ୍କ ମତାମତ ଆଧାରରେ ପରୀକ୍ଷା ପରିଚାଳନା ଏବଂ ମୂଲ୍ୟାଙ୍କନ ନିମନ୍ତେ ଉପଯୁକ୍ତ ପ୍ରସ୍ତାବ ଗ୍ରହଣ କରାଯିବ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅଧକ୍ଷ ଏବଂ ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତି ଆଲୋଚନା ନେଇ ସବିଶେଷ ପଦକ୍ଷେପ ଗ୍ରହଣ କରିବେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି ଯେ କୋଭିଡ୍-୧୯ ଶିକ୍ଷା କ୍ଷେତ୍ର ପାଇଁ ଏକ କଠିନ ସମୟ ସୃଷ୍ଟି କରିଛି ଏବଂ ଏହି ଆହ୍ୱାନଗୁଡ଼ିକୁ ଯଥା ସମ୍ଭବ ସମାଧାନ କରାଯିବ। ଶିକ୍ଷାଦାନର ପୁନରାରମ୍ଭ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ଏବଂ ଶିକ୍ଷଣ ପ୍ରକ୍ରିୟାରେ ଥିବା ବ୍ୟବଧାନକୁ ଦୂର କରିବା ଉପରେ ଆମେ ପ୍ରଧାନତଃ ଗୁରୁତ୍ୱାରୋପ କରିଛୁ ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି ।

## ଗୋଳିହା ଗ୍ରାମରେ ସିପିଏମ ପ୍ରାର୍ଥୀଙ୍କ ପ୍ରଚାର



ଖଇରା, ୧୦/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ୪ନଂ ଜୋନରେ ସିପିଏମ ପ୍ରାର୍ଥୀ ପ୍ରଶାନ୍ତ ପରିଡା ଅନ୍ୟ ପ୍ରାର୍ଥୀଙ୍କୁ ଟକ୍କର ଦେଇ ନିଜର ପ୍ରଚାରକୁ ଜୋରଦାର କରିଛନ୍ତି। ଗୁରୁବାର ଦିନ ଗୋଳିହା ଗ୍ରାମ ପରିକ୍ରମା କରି ଦଳର ନିତି ଆଦର୍ଶ ବିଷୟରେ ଲୋକଙ୍କୁ ବୁଝାଇଛନ୍ତି । ବାରଭାଗିଆ ଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ବିଶିଷ୍ଟ ଆଇନଜିବୀ ଭରତ ଚନ୍ଦ୍ର ପଣ୍ଡା ଓ ଆଞ୍ଚଳିକ ଉନ୍ନୟନ କମିଟି ସଦସ୍ୟ ସନ୍ତୋଷ କୁମାର ସାହୁ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଘରୋଇ କରଣ କୃଷକମାରଣ ଓ ସାଂପ୍ରଦାୟିକ ନିତିକୁ କଟୁ ସମାଲୋଚନା କରିବା ସହ ରାଜ୍ୟ ସରକାରଙ୍କ ୨୧ବର୍ଷ ସମୟରେ ହୋଇଥିବା ଦୁର୍ନିତି ସମ୍ପର୍କରେ ଭୋଟରଙ୍କୁ ଅବଗତ କରାଇଥିଲେ । ଏଣୁ ସିପିଏମ ପ୍ରାର୍ଥୀଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ। ଏହା ପୁର୍ବରୁ ଅମରିଆ, ଡୁଙ୍ଗୁରା, ପଳସା, ଖଇରା, ଗୋବିନ୍ଦପୁର, ମହତୀପୁର, ସୁଣ୍ଢିରା, ନହଙ୍ଗ, ସାରୁଗାଁ ଇତ୍ୟାଦି ପଞ୍ଚାୟତରେ ବିଭିନ୍ନ ୱାର୍ଡ ବୁଲି ସିପିଏମଙ୍କ ସମର୍ଥକଙ୍କ ମାନେ ଭୋଟ ଭିକ୍ଷା କରିଛନ୍ତି ।

## ପଦ୍ମ ଧରିଲେ ଦି ଗ୍ରେଟ୍ ଖଲି




ନୂଆଦିଲ୍ଲୀ, ୧୦/୦୨ : ପଦ୍ମ ଧରିଲେ ରେସଲର୍ ଦି ଗ୍ରେଟ୍ ଖଲି । ରେସଲର୍ ଖଲି ଆଜି ଦିଲ୍ଲୀ ସ୍ଥିତ ବିଜେପି କାର୍ଯ୍ୟାଳୟକୁ ଯାଇ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ଭିତରେ ଗ୍ରେଟ୍ ଖଲିଙ୍କ ବିଜେପିରେ ଏଣ୍ଟ୍ରି ନିହାତି ରୂପେ ବିଜେପି ପାଇଁ ଲାଭଦାୟକ ହୋଇପାରେ ବୋଲି ଆଶା କରାଯାଇଛି। ବିଜେପିରେ ଯୋଗଦେବା ପରେ ଖଲି କହିଛନ୍ତି ଯେ, ବିଜେପିରେ ଯୋଗ ଦେଇ ସେ ନିଜକୁ ଭଲ ଅନୁଭବ କରୁଛନ୍ତି। କୌଣସି ଏଭଳି ଦେଶ ବାକି ନାହିଁ ଯେଉଁଠାରେ ମୁଁ କୁସ୍ତି କରି ନାହିଁ। ଯଦି ମୁଁ ଟଙ୍କା ରୋଜଗାର କରିବାକୁ ଚାହେଁ, ତେବେ ମୁଁ ଆମେରିକାରେ ରହିଥା'ନ୍ତି। କିନ୍ତୁ ମୁଁ ଭାରତକୁ ଆସିଛି କାରଣ ମୋର ଦେଶ ପ୍ରତି ଅହେତୁକ ଭଲପାଇବା ଅଛି। ମୁଁ ଦେଖିଛି ଯେ ମୋଦିଙ୍କ ରୂପରେ ଦେଶ ଜଣେ ଉପଯୁକ୍ତ ପ୍ରଧାନମନ୍ତ୍ରୀ ପାଇଛି। ଏଥିପାଇଁ ମୁଁ ଭାବିଲି ଦେଶରେ ରହି, ଏକାଠି ହୋଇ ଦେଶକୁ ଆଗକୁ ନେବାରେ ସହଯୋଗ କରିବି।' ପ୍ରଧାନମନ୍ତ୍ରୀ ମୋଦି ଏବଂ ବିଜେପିର ବିଚାରଧାରା ଦ୍ୱାରା ସେ ପ୍ରଭାବିତ ହୋଇଛନ୍ତି ଖଲି କହିଛନ୍ତି। ସୂଚନା ମୁତାବକ, ଗତ ବର୍ଷ ଖଲି ସମାଜବାଦୀ ପାର୍ଟି ଅଧକ୍ଷ ଅଖିଳେଶ ଯାଦବଙ୍କୁ ମଧ ଭେଟିଥିଲେ। ସେତେବେଳେ ଅଖିଳେଶ ଏବଂ ତାଙ୍କ ମଧରେ କ'ଣ ଆଲୋଚନା ହୋଇଥିଲା ତାହା କିଛି ସାମ୍ନାକୁ ଆସିନଥିଲା। କିନ୍ତୁ ସେ ସମାଜବାଦୀ ପାର୍ଟିରେ ଯୋଗ ଦେଇପାରନ୍ତି ବୋଲି ଆଶା କରାଯାଉଥିଲା।

## ୨୩ ନମ୍ବର ଜୋନରେ ବିଜେଡି ଦଳର ମାରାଥନ ପ୍ରଚାର



ବାଲିଆପାଳ, ୧୦/୦୨ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବାଲିଆପାଳରେ ପ୍ରଚାର ଜୋରଦାର ଧରିଛି। ଆଜି ଏହି ବ୍ଲକରେ ଥିବା ୨୩ ନମ୍ବର ଜୋନରେ ଜିଲ୍ଲାସଭାପତି ତଥା ପୂର୍ବତନନ ସାଂସଦ ଇଂ ରବୀନ୍ଦ୍ର ଜେନା, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନା ପ୍ରମୁଖ ବରିଷ୍ଠ ନେତା ଏହି ଜୋନ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ସାଧାରଣ ସଭାକରି ବିଜେଡେି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନନିବେଦଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସ୍ୱଚ୍ଛ ଶାସନ ଏକାଧିକ ଯୋଜନା ତଥା ଲୋକପପ୍ରିୟତାକୁ ପୁଞ୍ଜିକରି ଏହି ନେତାମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ପ୍ରତାପୁରଠାରେ ଅନୁଷ୍ଠିତ ସାଧାରଣ ସଭାରେ ବିଜେଡି ଜିଲ୍ଲାସଭାପତି ଶ୍ରି ଜେନା ବକ୍ତବ୍ୟ ପ୍ରଦାନକରି କହିଥିଲେ ଯେ ବାଲିଆପାଳ ମାଟି ହେଉଛି ତାଙ୍କର ଜନ୍ମଭୂମି । ଏହାର ବିକାଶ ଏବଂ ସୁରକ୍ଷା ହେଉଛି ମୋର ଦାୟିତ୍ୱ ।ସେ ସାଂସଦ ଥିବା ବେଳେ ପେଜଗାଳା ସେତୁ,ପନ୍ତେଇ ପୋଲ,ମେଗା ପାନୀୟଜଳ ପ୍ରକଳ୍ପ ଭଳି ଏ ଏଅଞ୍ଚଳର ଅନେକ ବିକାଶ ମୂଳକ କାର୍ଯ୍ୟକ୍ରମ ହାାତକୁ ନିଆଯାଇପାରିଛି । ପୁଣି ଥରେ ସୁବର୍ଣ୍ଣରରେଖା ବନ୍ଦର ହେଲେ ବାଲିଆପାଳ ନୁହଁ ସମଗ୍ର ବାଲେଶ୍ୱର ଜିଲ୍ଲାର ବିକାଶ ହେବା ନେଇ ଦୃଢୁକ୍ତି ପ୍ରକାଶ କରିଥିଲେ। ତେବେ ବନ୍ଦରର ପାଇଁ କେହି ଜଣେ ହେଲେ ବିସ୍ଥାପିତ ହେଲେ ଅଞ୍ଚଳର ପୁଅ ହିସାବରେ ସେ ଆଗରେ ଛିଡାହେବେ ବୋଲି ପ୍ରତିଶସ୍ତି ଦେଇଥିଲେ। ବିରୋଧିଙ୍କ ମିଥ୍ୟା ଅପପ୍ରଚାରକୁ କଡା ଜବାବ ଦେବାକୁ ସେ ଆହ୍ୱାନ ଦେଇଥିଲେ । ପଞ୍ଚାୟତତ ନିର୍ବାଚନରେ ଆଉଥରେ ବିଜେଡି ପ୍ରାର୍ଥିମାନଙ୍କୁ ସୁଯୋଗ ଦେଲେ ଅଧୁରା ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ବୋଲି । ବାଲିଆପାଳ ସମୃଦ୍ଧିକୁ ଆଉପାଦେ ଆଗେଇନେବା ପାଇଁ ସେ ଭୋଟର ମାନଙ୍କୁ ନିବେଦନ କରିଥିଲେ । ବିଧାୟକ ନିତ୍ୟାନନ୍ଦ ସାହୁ ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନା ବାବଦରେ ଲୋକଙ୍କୁ ବୁଝାଇଥିଲେ। ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରିଣି ସଭାନେତ୍ରୀ ସୁବାସିନୀ ଜେନା ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କର ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମ, ସାଢେ ଚାରିକୋଟି ଓଡିଆଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜୁ ସ୍ମାଟ କାର୍ଡ ତଥା ଏ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ମୌଳିକ ସୁବିଧା ଯଥା ଶିକ୍ଷା ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବିଷୟରେ ଲଲୋକଙ୍କୁ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳର ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର, ବିଜୁ କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଅଜୟ ସାମଲ,ବିଜେଡି ବ୍ଲକ ସଭାପତି ଗୋବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅସରରେ ଏହି ନେତାମାନେ ୨୩ ଜୋନର ବିଜେଡିର ଜିଲ୍ଲା ପରିଷଦ ପ୍ରାର୍ଥୀ ବେଣୁଧର ଜେନାଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ବହୁ ସଂଖ୍ୟାରେ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ଏଥିସହିତ ପ୍ରତାପୁର ପଞ୍ଚାୟତର ବିଜେଡି ସମର୍ଥୀତ ସରପଞ୍ଚ ପ୍ରାର୍ଥୀନୀ କସ୍ତୁରୀବାଳା ପାତ୍ର, ସମିତି ସଦସ୍ୟା କାବେରୀ ରାଣୀ ରାଉତଙ୍କୁ ମଧ ଭୋଟ ଦେବା ପାଇଁ ନିବେଦନ କରିଥିଲେ ।ପରେ ମଧୁପୁରା,ବାଲିଆପାଳ ଓବିଷ୍ଣୁପୁର ପଞ୍ଚାୟତରେ ପଥପ୍ରାନ୍ତ ସଭାକରି ଜିଲ୍ଲା ପରିଷଦ ପ୍ରାର୍ଥୀ ବେଣୁଧର ଜେନା, ସରପଞ୍ଚ ପ୍ରାର୍ଥୀନୀ ଗୀତାରାାଣି ମାହାାନା, ସମିତି ସଦସ୍ୟ ଗଙ୍ଗାଧର ଜେନା ବାଲିଆପାଳପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ବନଲତତା ଦାସ, ସମିତିସଭ୍ୟା ଝୁନାରାଣି ପାତ୍ର, ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ମହେଶ୍ୱର ଜେନା, ସମିତିସଭ୍ୟ ପ୍ରାର୍ଥୀ ଅଜୟ ମାହାନାଙ୍କୁ ଭୋଟ ଦେବା ପାଇଁ ନିବେଦେନ କରିଥିଲେ । ସେହିପରି ଦଳୀୟ କର୍ମୀମାନେ ମଟର ସାଇକେଲ ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ଯାଇଥିଲେ ।

## ମହତୀପୁର ପଞ୍ଚାୟତରେ ପର୍ଯ୍ୟଟନ ମନ୍ତ୍ରୀଙ୍କ ପ୍ରଚାର

ଖଇରା, ୧୦/୦୨ (ନି.ପ୍ର): ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସାଇକେଲରେ ଗାଁ ଗାଁ ବୁଲି ନବୀନଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ଲୋକଙ୍କୁ ଅବଗତ କରାଇ ପ୍ରାର୍ଥୀ ମାନଙ୍କ ସପକ୍ଷରେ ଭୋଟ ନିବେଦନ କରୁଛନ୍ତି । ଗୁରୁବାର ପୁର୍ବାହ୍ନରେ ବିଜେଡି କର୍ମୀଙ୍କ ଗହଣରେ ଜିଲା ପରିଷଦ ପ୍ରାର୍ଥନୀ ରଶ୍ମିତା ମହାପାତ୍ରଙ୍କ ସହ ସାଇକେଲ ରେ ତେଲଦିଆ, ବଟେଶ୍ୱର, ନାହୁଲ, ମହତୀପୁର, ଚକ ମହାସମପୁର ଗସ୍ତ କରି ବିକାଶର ବାର୍ତ୍ତା ବଣ୍ଟନ କରିଥିଲେ । ଚକ ମହାସମପୁର ଠାରେ ବିଜେଡି ପଞ୍ଚାୟତ ସଭାପତି ଶୁକଦେବଙ୍କ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଥପ୍ରାନ୍ତ ସଭାରେ ମନ୍ତ୍ରୀ ପାଣିଗ୍ରାହୀ ଯୋଗ ଦେଇ ପୁର୍ବସରକାର ଓ ୨୦୦୦ ମସିହା ପାଖରୁ ରହି ଆସିଥିବା ନବୀନ ସରକାଙ୍କ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ । ଦିନେ ଓଭରଡ୍ରାଫ୍ଟରେ ଚାଲୁଥିବା ରାଜ୍ୟ ଏବେ ବଳକା ରାଜ୍ୟରେ ପରିଣତ ହେବା, ଫାଇଲିନ, ତିତିଲି, ଫନି, ୟାଶ ଭଳି ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରି ଜାତିସଂଘ ଦ୍ୱାରା ପ୍ରଶଂସିତ ହୋଇଛନ୍ତି । ଖୋଦ କେନ୍ଦ୍ର ସରକାର ତାଙ୍କୁ ପ୍ରଶଂସାରେ ପୋତି ପକାଇବା ଯୋଗୁଁ ସେ ବିଶ୍ୱସ୍ତରିୟ ନେତା ଓ ମହାନାୟକ ମହୋଇ ପାରିଛନ୍ତି ବୋଲି କହିଥିଲେ । ଶେଷରେ ମହତୀପୁର ପଞ୍ଚାୟତରେ ବିକାଶରଧାରାକୁ ଜାରି ରଖିବାକୁ ଜିଲା ପରିଷଦ ପ୍ରାର୍ଥନୀ ରଶ୍ମିତା ମହାପାତ୍ର, ସରପଞ୍ଚ ପ୍ରାର୍ଥୀନୀ ଆରତି ମହାନ୍ତି ଓ ସମିତିସଭ୍ୟା ପ୍ରାର୍ଥନୀ ଭାନୁପ୍ରିୟା ସାହୁଙ୍କୁ ଜିତାଇବାକୁ ନିବେଦନ କରିଥିଲେ । ବିଜେଡି ନେତା ରାମଚନ୍ଦ୍ର ବିଶ୍ୱାଳ, ରମାକାନ୍ତ ମହାରଣା, ମହେନ୍ଦ୍ର ମହଲା, ଗୋବିନ୍ଦ ସେନାପତି, ସଞ୍ଜୟ ବେହେରା, ଗୋକୁଳ ଚନ୍ଦ୍ର ପ୍ରଧାନ, ମହେନ୍ଦ୍ର ରଥ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଦିବାକର ନାୟକ, ଓମପ୍ରକାଶ ମହାପାତ୍ର, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି



# ସୁଗୋ ପଂଚାୟତରେ ବିଜେପିର ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୧୦/୨(ନିପ୍ର) : ୟସ୍ ବାତ୍ୟାପରେ ବାଲେଶ୍ୱର ଜିଲାର କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ରଭାବେ ୯୧ ହଜାର ଆବାସ ଗୃହ ଯୋଗାଇ ଦେଇଥିଲେ । ସେଥି ମଧ୍ୟରୁ ୯ ନଂ ଜୋନ୍ ଅଂଚଳରେ ୨୮୨୦ ପରିବାର ଏହି ଯୋଜନାରେ ଘର ପାଇବାକୁ ଯୋଗ୍ୟ ବିବେଚିତ ଅଛନ୍ତି । ସୁଗୋ ପଂଚାୟତରେ ୩୮୦, ଆରୁହା ପଂଚାୟତରେ ୧୮୦, କୋଟସାହି ପଂଚାୟତରେ ୪୦୦, ମହମ୍ମଦନଗରପାଟଣାରେ ୩୫୦, ଗୋପିମୋହନପୁରରେ ୪୧୦, ନେତୁଆରେ ୨୬୦, ନଛିମପୁରରେ ୪୧୦, ରାଜପୁରରେ ୩୦୦ ଓ ରାୟାଁରାମଚନ୍ଦ୍ରପୁରରେ ୧୩୦ ପରିବାର ଏହି ଯୋଜନାରେ ଘର ପାଇବାକୁ ଥିବା ବେଳେ ପଂଚାୟତ ନିର୍ବାଚନକୁ ଆଖିରେ ରଖି ସାଧାରଣ ଲୋକଙ୍କୁ ଘର ପାଇବାରୁ ବଂଚିତ କରାଯାଉଛି । ଏପରି ଏକ ତଥ୍ୟ ବିଜେପି ପକ୍ଷରୁ ସୁଗୋ ହାଟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ସେହିପରି ସୁଗୋ ପଂଚାୟତର ସରପଂଚ ଦୁର୍ନିତୀ ଅଭିଯୋଗରେ ୧୪୯୬୯୯୫ଟଙ୍କା ସରକାରଙ୍କୁ ଫେରାଇଥିବାରୁ ଏହା ଦୁର୍ନିତୀ ହୋଇଥିବାର ସ୍ପଷ୍ଟ ବାରି ହେଉଛି । ପଂଚାୟତ ଆଇନ୍ ଧାରା ୧୧୫(ଏ) ଅନୁଯାୟୀ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଗତ ୧୬-୯-୨୧ରେ ନିଲମ୍ବନ କରାଯାଇଥିଲା । ପୁଣି ଜିଲାପରିଷଦ ସଦସ୍ୟ ଚକସାହି ଗ୍ରାମର ୧୫୬ ପ୍ଲଟଟି ସରକାରୀ ହୋଇଥିଲେ ମଧ୍ୟ ଅନ୍ୟ ୩ଜଣଙ୍କ ସହ ମିଶି ଏହାକୁ ଜବର ଦଖଲ କରିଛନ୍ତି । କିନ୍ତୁ ୧୬-୫-୨୧ରେ ତତ୍‌କାଳୀନ ତହସିଲଦାର ଉପଜିଲାପାଳଙ୍କୁ ୩ଜଣଙ୍କ ଜବରଦଖଲ ସଂପର୍କରେ ଲେଖିଥିଲେ ମଧ୍ୟ ଜିଲାପରିଷଦଙ୍କ ନାମ ଉଲ୍ଲେଖ ନ କରିବା ଆଲୋଚ୍ୟର ବିଷୟ ହୋଇଛି । ଏପରି ଅନ୍ୟାୟ କାର୍ଯ୍ୟର ଉପଯୁକ୍ତ ଜବାବ୍ ଭୋଟରମାନେ ଦେବାକୁ ସର୍ବଶ୍ରୀ ଫାଲଗୁନୀ ପାଣିଗ୍ରାହୀ, ରବିନ୍ଦ୍ର ନାଥ ଜେନା, ପ୍ରଦୀପ ପ୍ରଧାନ, ସଂଜୀବ ସେନାପତି, ସଂଜୟ କୁମାର ମହାନ୍ତି ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ନିବେଦନ କରିଛନ୍ତି ।

# ଓଟିରୋଡ଼କୁ ସଂଯୋଗ ରାସ୍ତା ଓ ଡ୍ରେନ ନିର୍ମାଣ ଦାବିରେ ଧାରଣା




ବାଲେଶ୍ୱର,୧୦/୦୨ (ନି.ପ୍ର): ଚାନ୍ଦିପୁର ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ପକ୍ଷରୁ ନିର୍ମାଣାଧୀନ କୁରୁଡ଼ା ପର୍ଯ୍ୟନ୍ତ ନୂତନ ରାସ୍ତାରେ ତ୍ରୁଟିପୂର୍ଣ୍ଣ ନିଷ୍କାସନ ବ୍ୟବସ୍ଥାକୁ ନେଇ ମେଘଡମ୍ବରୁ ବିକାଶ ପରିଷଦ ପକ୍ଷରୁ ପ୍ରତିକାତ୍ମକ ଧାରଣା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମେଘଡମ୍ବରୁ ଓ ତାମୂଳିଆ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏଥିରେ ଯୋଗଦେଇ ପ୍ରତିରକ୍ଷା ବିଭାଗର ମନମୁଖୀ କାର୍ଯ୍ୟଧାରା ଓ ଜନସାଧାରଣଙ୍କ ସମସ୍ୟା ପ୍ରତି ଖାମଖିଆଲି ମନୋଭାବକୁ ତୀବ୍ର ବିରୋଧ କରିଥିଲେ । ଏହି ରାସ୍ତା ପାଇଁ ୨୫ ପରିବାରଙ୍କୁ ବେଘର ହେବାକୁ ପଡ଼ିଥିବା ବେଳେ ଆପ୍ରୋଚ ରୋଡ଼ ନିର୍ମାଣକୁ ପ୍ରତିରକ୍ଷା ବିଭାଗର ଅଣଦେଖା ନୀତି ଅଞ୍ଚଳବାସୀଙ୍କ ପାଇଁ ବିପଦ ହୋଇଥିବା ସେମାନେ କହିଛନ୍ତି । ସବୁଠାରୁ ବଡ଼କଥା ହେଲା ଏହି ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବା ଓ ଓଟିରୋଡ଼କୁ ସଂଯୋଗ ନିମନ୍ତେ ଏକ ବାଇପାସ ରୋଡ଼ ନିର୍ମାଣ ପାଇଁ ପୂର୍ବରୁ ପ୍ରତିରକ୍ଷା ବିଭାଗ କରିଥିବା ଅଟକଳକୁ ଏବେ ବନ୍ଦ କରାଯିବା କେଉଁ ନ୍ୟାୟରେ ବୋଲି ଧାରଣାରତ ଗ୍ରାମବାସୀମାନେ ପ୍ରଶ୍ନ କରିଛନ୍ତି । ଏହି ରାସ୍ତା ନିର୍ମାଣ ସାଙ୍ଗକୁ ଆବଶ୍ୟକ ଡ୍ରେନ କାର୍ଯ୍ୟ କରାଗଲେ ମେଘଡମ୍ବରୁ ଓ ତାମୂଳିଆ ଅଞ୍ଚଳ ଲୋକେ ସିଧାସଳଖ ଓଟିରୋଡ଼କୁ ଯାତାୟାତ କରିପାରି ଥା'ନ୍ତେ । ଏଥି ସହିତ ବର୍ଷାଜଳ ବି ସହଜରେ ନିଷ୍କାସନ ହୋଇପାରନ୍ତା । ମାତ୍ର ଏହାକୁ ବନ୍ଦ କରାଯିବା ଦ୍ୱାରା ଆଗାମୀ ଦିନରେ ପାଣି ନିଷ୍କାସନ ଏ ଅଞ୍ଚଳ ପାଇଁ ମୁଖ୍ୟ ସମସ୍ୟା ହେବାକୁ ଯାଉଥିବା ବେଳେ ଲୋକେ ଓଟିରୋଡ଼କୁ କେମିତି ଆସିବେ ତାହାକୁ ନେଇ ଗ୍ରାମବାସୀମାନେ ଚିନ୍ତା ପ୍ରକାଶ କରିଛନ୍ତି । ତୁରନ୍ତ ଏ ନେଇ ଉଚିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ମେଘଡମ୍ବରୁ ବିକାଶ ପରିଷଦର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି ।

# ଗୋଟିଏ ଦିନରେ ୧୪୮୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୪୮୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୭୩୦୦୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୩୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୪୮୧୫୨ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୫୯୮୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୪୮୦ ଜଣଙ୍କ ମଧ୍ୟରୁ ୮୬୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୧୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୬୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୭୨, ବାଲେଶ୍ୱର ଜିଲ୍ଲାରୁ ୩୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୩୬ , କଟକରୁ ୧୩୩ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୪୩, ଗଂଜାମ ଜିଲ୍ଲାରେ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪୩, ଯାଜପୁରରୁ ୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୩୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୪୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧୨, କେନ୍ଦ୍ରାପଡ଼ା ଜିଲ୍ଲାରୁ ୪୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୩୪, ଖୋର୍ଦ୍ଧାରୁ ୧୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୫୮ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୫୯ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୫୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୩୭ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୪୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ରାଜଧାନୀରେ ୨୪ ଘଂଟାରେ ୧୪୫ ପଜିଟିଭ୍

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଗୁରୁବାର ଆଉ ୧୪୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୧ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୨୪ ଜଣ ଲୋକାଲ କେସ୍ ରହିଛନ୍ତି । ଏଥିସହ ୨୪ ଘଂଟାରେ ଆଉ ୮୨୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୧୯୮ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୫୦୧୬ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୪୦୯୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୃତକଙ୍କ ସଂଖ୍ୟା ୧୧୫୩ ରେ ପହଂଚିଛି । ବର୍ତ୍ତମାନ ଆଉ ୯୭୯୨ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି ।

# ନାବାଳିକା ଝିଅର ଅପହରଣ : ଥାନାରେ ଅଭିଯୋଗ କଲେ ମା'

ନୀଳଗିରି, ୧୦/୦୨ (ନି.ପ୍ର): ଦଶମ ଶ୍ରେଣୀରେ ପଢୁଥିବା ଜନୈକା ନାବାଳିକାକୁ ଜଣେ ଯୁବକ ଅପହରଣ କରିନେଇଥିବା ନେଇ ନାବାଳିକାର ମା ନୀଳଗିରି ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାଇ ଚାନ୍ଦବାଲି ବାଲିର୍ଗା ଗ୍ରାମର ମାନସ ରଂଜନ ସିଂହଙ୍କ ମୃତ୍ୟୁ ପରେ ବିଧବା ସ୍ତ୍ରୀ ରଂଜିତା ସିଂହ ଆଜକୁ ୧୩ବର୍ଷ ଧରି ଭୁବନେଶ୍ୱର ପାତ୍ରପଡ଼ାରେ ଘରଭଡ଼ା ନେଇ ରହି ଆସୁଥିଲେ । ରଂଜିତା ସିଂହ ଭୁବନେଶ୍ୱରରେ ଏକ କାର୍ଟୁନ କମ୍ପାନୀରେ କାର୍ଯ୍ୟ କରିଆସୁଥିବା ବେଳେ ତାର ନାବାଳିକା ଝିଅଟି ଭୁବନେଶ୍ୱର ପାତ୍ରପଡ଼ା ନ୍ୟୁଟନ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲା । କୌଣସି କାରଣରୁ ରଂଜିତା ତାର ବଡ଼ ପୁଅ ଓ ନାବାଳିକା କନ୍ୟାକୁ ଧରି ନିଜ ବାପଘର ନୀଳଗିରି ଥାନା ଅଧୀନସ୍ଥ ସଜନାଗଡ଼ ଗାଁକୁ ପଳାଇ ଆସିଥିଲା । ଗତ ୯ତାରିଖ ଦିନ ପ୍ରାୟ ୨ଟାରୁ ୩ଟା ସମୟରେ ପାଉଁରୁଟି ଆଣିବା ପାଇଁ ନାବାଳିକ ଜଣକ ସଜନାଗଡ଼ ବଜାରକୁ ଯାଇଥିଲା । ନାବାଳିକାଟି ଆସିବାର ବିଳମ୍ବ ହେବାରୁ ତାର ମା ବନ୍ଧୁ ବର୍ଗ ଓ ସାଇ ପଡ଼ିଶା ରେ ବହୁ ଖୋଜାଖୋଜି ପରେ ତାର ସନ୍ଧାନ ପାଇ ନ ଥିଲେ । ଭୁବନେଶ୍ୱରରେ ରହିଥିବା ବେଳେ ବାଣୀବିହାର ଅଂଚଳର ମହେନ୍ଦ୍ର ବାରିକ ର ପୁଅ ମାନସ ବାରିକ ଉକ୍ତ ନାବାଳିକା କନ୍ୟାକୁ ଭଲ ପାଉଥିଲା । କନ୍ୟା ନାବଳିକା ଥିବାରୁ ତାର ମା ଏହାକୁ ବିରୋଧ କରୁଥିଲେ । ମାନସ ବାରିକ ଯୋଜନାବଦ୍ଧ ଭାବେ ମୋବାଇଲରେ ଯୋଗାଯୋଗ କରି ଉକ୍ତ ନାବାଳିକା କନ୍ୟାକୁଉଠାଇ ନେଇଥିବା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି କନ୍ୟାର ମାଆ । ନୀଳଗିରି ପୋଲିସ ଏହାର ତଦନ୍ତ କରୁଥିବା ଜଣାପଡ଼ିଛି ।

# ୨୯ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଜିଲ୍ଲା ସଭାପତି ବାବୁ ସିଂ

ଭୁବନେଶ୍ୱର, ୧୦/୦୨ (ନି.ପ୍ର): ରାଜଧାନୀ ଉପକଣ୍ଠ ଏକାମ୍ର ଓ ଜଟଣୀ ନିର୍ବାଚନ ମଣ୍ଡଳୀର ୯ଟି ପଂଚାୟତକୁ ନେଇ ଗଠିତ ୨୯ ନମ୍ବର ଜିଲ୍ଲା ପରିଷଦ ଜୋନ।ଗୁରୁବାର ପୂର୍ବାହ୍ନରେ ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧଉଳି ଗ୍ରାମ ପଞ୍ଚାୟତରରେ ଭାରତୀୟ ଜନତା ପାର୍ଟିର ୨୯ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀ ସୁଜିତ କୁମାର ବଳବନ୍ତରାୟଙ୍କ ପାଇଁ ପ୍ରଚାର କରିଥିଲେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ତଥା ଏକାମ୍ର ନିର୍ବାଚନ ମଣ୍ଡଳୀ ର ବିଜେପି ବିଧାୟକ ପ୍ରାର୍ଥୀ ବାବୁ ସିଂ ଓ ଜଟଣୀ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା ଘରକୁ ଘର ବୁଲି ସୁଜିତ କୁମାର ବଳବନ୍ତରାୟ ଙ୍କୁ ବିପୁଳ ଭୋଟ୍ ରେ ବିଜୟୀ କରିବା ପାଇଁ ବାବୁ ସିଂ ପଞ୍ଚାୟବାସୀଙ୍କୁ ନିବେଦନ କରିଥିଲେ । ଏହି ପ୍ରଚାରରେ ଜଟଣୀ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା, ବିଜେପି ନେତା ଅରୁଣ ପୁରୋହିତ, ରବି ମହାରଣା, ସୁରେନ୍ଦ୍ର ପ୍ରଧାନ, ତୃପ୍ତିମଇ ମକଦ୍ଦମ, ମାନସ ପଣ୍ଡା, ଅଜୟ ସ୍ୱାଇଁ, ଜ୍ୟୋତ୍ସ୍ନାମୟୀ ବଡଜେନା ପ୍ରମୁଖ ସାମିଲ ଥିଲେ ।

# ବାରିପଦା ଷ୍ଟାଡିୟମ ପଡିଆରେ ଭଲିବଲର ଜନ୍ମ ଦିବସ ପାଳିତ



ବାରିପଦା, ୧୦/୦୨ (ନି.ପ୍ର): ବାରିପଦା ଷ୍ଟାଡିୟମ ପଡିଆରେ ମୟୂରଭଞ୍ଜ ଏଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଭଲିବଲର ଜନ୍ମଦିନ ପାଳିତ ହୋଇଯାଇଛି ଓ ପ୍ରକାଶ ଥାଉକି ଆଜିର ଦିନରେ ୧୮୯୫ମସିହାରେ ଆମେରିକା ସ୍ଥିତ ମାସିଚୁଏଟର ଶାରୀରିକ ପ୍ରଶିକ୍ଷକ ଉଇଲିଅମ ଜି ମୋର୍ଗାନ ଭଲିବଲ ଖେଳର ଉଦ୍ଭାବନ କରିଥିଲେ । ପ୍ରତ୍ୟେକ ବର୍ଷ ଏହି ଦିନକୁ ଭଲିବଲ ଦିବସ ରୂପେ ପାଳନ କରାଯାଏ । ଏହି ଅବସରରେ ବାରିପଦା ଷ୍ଟାଡିୟମରେ ଭଲିବଲ ଦିବସ ପାଳନ ହୋଇଯାଇଛି ।ଏହି ଅବସର ରେ ପଡିଆରେ ଏକ ଭଲିବଲ କୋଟର ଉଦଘାଟନ କରାଯାଇଛି । ବହୁ ବର୍ଷ ପରେ ପୁଣି ଥରେ ଭଲିବଲର ବିକାଶ ଦିଗରେ ପଦକ୍ଷେପ ନିଆଯିବ ବୋଲି ମୟୂରଭଂଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ପୋଲିସ ଭଲିବଲ କୋଚ ମନୋରଞ୍ଜନ ଜୀଉ, ସ୍ପୋର୍ଟ୍ସ ହଷ୍ଟେଲର ଏଥଲେଟିକ କୋଚ ରୂପନିତା ପଣ୍ଡା, ପୂର୍ବତନ କ୍ରୀଡା ଅଧିକାରୀ ପ୍ରଦୀପ ବେହେରା, ପୂର୍ବତନ ଏଥଲେଟିକ କୋଚ କୁମାର ରଞ୍ଜନ ପଣ୍ଡା, ଭଲିବଲ ସମ୍ପାଦକ ପାର୍ଥ ସାରଥୀ ସ୍ୱାଇଁ, ସହ-ସମ୍ପାଦକ ଅମ୍ବିକା ରାଉତ, ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ସୌରଭ ପଟ୍ଟନାୟକ, କ୍ରୀଡା ସଂଗଠକ ନିରୋଜ କୁମାର ସାହୁ, ବିଜୟ କୁମାର ଦାସ, ଉମେଶ ସାହୁ, ଭାନୁ ପ୍ରତାପ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।

# ଯୁକ୍ତ ତିନି ଅଫଲାଇନ ପରୀକ୍ଷା ବନ୍ଦ ଦାବି

ବାଲେଶ୍ୱର,୧୦/୦୨ (ନି.ପ୍ର): ଯୁକ୍ତଦୁଇ ପରେ ଏବେ ଯୁକ୍ତତିନି ତୃତୀୟ ବର୍ଷ ୫ମ ସେମିଷ୍ଟାର ଅଫଲାଇନ ପରୀକ୍ଷାକୁ ବିରୋଧ କରିଛନ୍ତି ଛାତ୍ର ଛାତ୍ରୀମାନେ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ବିଭିନ୍ନ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ପ୍ରତିନିଧିମାନେ ଗୁରୁବାର ଜିଲାପାଳଙ୍କୁ ଭେଟି ଅଫଲାଇନ ପରୀକ୍ଷା ବନ୍ଦ ପାଇଁ ଦାବି କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ ମହାମାରୀ କରୋନା ଯୋଗୁଁ ଦୀର୍ଘ ୨ବର୍ଷ ଧରି କଲେଜ ବନ୍ଦ ରହିଥିବା ବେଳେ କାଁଭାଁ ଅନଲାଇନରେ କ୍ଲାସ ହୋଇଛି । ସିଲାବସଠାରୁ ବହୁ କମ ଅର୍ଥାତ ୧୦/୧୫ ପ୍ରତିଶତ କୋର୍ସ ପଢ଼ାଯାଇଥିବା ବେଳେ ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ଅଫଲାଇନରେ ପରୀକ୍ଷା ପାଇଁ କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏଭଳି ସ୍ଥିତିରେ ମାତ୍ର ୧ମାସ ପଢ଼ି ୬ ମାସ ପାଠର ପରୀକ୍ଷା କେମିତି ଦେବେ ବୋଲି ଛାତ୍ର ପ୍ରତିନଧିମାନେ ପ୍ରଶ୍ନ କରିଛନ୍ତି । ଉକ୍ତ ପରୀକ୍ଷାକୁ ବନ୍ଦ କରାଯାଉ ନତୁବା ଅନଲାଇନ ପରୀକ୍ଷା ଆୟୋଜନ ପାଇଁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି । ଏ ବାବଦରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଉଚିତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଛାତ୍ରଛାତ୍ରୀମାନେ ଚେତାନୀ ଦେଇଛନ୍ତି । ଏନେଇ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସଚିବଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ସେମାନେ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଛାତ୍ରନେତା ଅଭିଷେକ ପାତ୍ର, ଦିବ୍ୟଜ୍ୟୋତି ପରିଛା, ବିକାଶ ପଢ଼ିଆରୀ, ବିଶାଳ କୁମାର ଦେ, କୃଷ୍ଣକାନ୍ତ ଜେନା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

# ମହମ୍ମଦନଗରପାଟଣା ପଂଚାୟତର ୧୭୫ ଭୋଟରଙ୍କ ନାମ ୨ଟି ୱାର୍ଡରେ

ଜଳେଶ୍ୱର, ୧୦/୨(ନିପ୍ର) : ଜଳେଶ୍ୱର ବ୍ଲକର ମହମ୍ମଦନଗର ପାଟଣା ପଂଚାୟତର ୧୭୫ଜଣ ଭୋଟରଙ୍କ ନାମ ୨ଟି ୱାର୍ଡ ଭୋଟର ଲିଷ୍ଟରେ ଦେଖିବାକୁ ମିଳୁଥିବାରୁ ସେମାନେ ୨ଟିସ୍ଥାନରେ ଭୋଟ ଦେଇପାରିବା ପରିସ୍ଥିତି ଉପୁଜିଛି । ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ନିର୍ବାଚନ ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଜଳେଶ୍ୱର ବ୍ଲକର କାଳିକ ପଂଚାୟତରେ ପ୍ରାୟ ୪୦୦ ଭୋଟରଙ୍କ ନାମ ଭୋଟର ଲିଷ୍ଟରେ ନ ଥିବାରୁ ସେମାନେ ଭୋଟ ଦାରୁ ବଂଚିତ ହେବାକୁ ଯାଉଥିବା ବେଳେ ଏବେ ମହମ୍ମଦନଗରପାଟଣା ପଂଚାୟତର ସେହି ଗ୍ରାମରେ ୧୭୫ ଜଣ ଭୋଟରଙ୍କ ନାମ ୱାର୍ଡ ନଂ ୧ ଓ ୨ରେ ଦରଜ ରହିଥିବା ପ୍ରକାଶିତ ଭୋଟର ଲିଷ୍ଟରୁ ଜଣାପଡିଛି । ଗଣତନ୍ତ୍ର ରାଷ୍ଟ୍ରରେ ଜଣେ ସାଁବାଳକ ଭାରତୀୟ ଗଣତାନ୍ତ୍ରୀକ ପଦ୍ଧତିରେ ଗୋଟିଏ ଭୋଟ ଦେଇପାରିବା ନିୟମ ଥିବା ବେଳେ ସେଠାରେ ୧୭୫ ବ୍ୟକ୍ତି ୨ଥର ଭୋଟ ଦେବାର ଅବକାଶ ପାଇପାରିଛନ୍ତି । ଫଳରେ ଭୋଟ ଦାନକୁ ନେଇ ବାଦାନୁବାଦ ପରିସ୍ଥିତି ସୃଷ୍ଟି ହୋଇଛି । କେତେକ ଅସାମାଜିକ ବ୍ୟକ୍ତି ୨ଟି ସ୍ଥାନରେ ଭୋଟ ଦେବାଲାଗି ପ୍ରସ୍ତୁତି ନେଇଥିବା ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦୃଷ୍ଟିକୁ ନିଆଯାଇଛି । ସମାନ ଲୋକଙ୍କ ନାମ ୨ଟି ୱାର୍ଡରେ କିପରି ଦରଜ ହୋଇ ପାରିଲା ତାହା ହିଁ ଆଲୋଚ୍ୟର ବିଷୟ । ଏ ସମ୍ପର୍କରେ ଆଜି ମହମ୍ମଦନଗରପାଟଣା ଗ୍ରାମର ରାଧାଶ୍ୟାମ ସାହୁ ୱାର୍ଡ ନଂ ୧ ଭୋଟର କ୍ରମିକ ସଂଖ୍ୟା ୨୭୪ ଓ ଘର ସଂଖ୍ୟା ୧୧୫ ସହିତ ୱାର୍ଡ ନଂ ୨ ଭୋଟର ଲିଷ୍ଟର ଅବିକଳ ନକଲ ନିର୍ବାଚନ ଆୟୋଗଙ୍କ ନିକଟକୁ ପଠାଇଛନ୍ତି । ଏ ସମ୍ପର୍କରେ ଓଡିଶା ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଜିଲାପାଳ, ଉପଜିଲାପାଳ, ଜଳେଶ୍ୱର ବିଡିଓଙ୍କୁ ଅବଗତ କରାଯାଇଛି ।

# ବାତଜ୍ୱର-ଫାଇଲେରିଆ ରୋଗର ଔଷଧ ସେବନ ଶୁଭାରମ୍ଭ




ବାଲେଶ୍ୱର,୧୦/୦୨ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶାନୁସାରେ ଗୁରୁବାରଠାରୁ ସମଗ୍ର ଓଡ଼ିଶାରେ ଲିମ୍ଫାଟିକ ଫାଇଲେରିଆ ଔଷଧ ସେବନ ଶୁଭାରମ୍ଭ ହୋଇଥିବା ବେଳେ ବାଲେଶ୍ୱରରେ ବି ଅନୁରୂପ କାର୍ଯ୍ୟକ୍ରମ ପରିଲକ୍ଷିତ ହୋଇଛି ।ଏହି ପରିପ୍ରେକ୍ଷୀରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ଔଷଧ ସେବନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦେବ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ଲୋକଙ୍କୁ ଲିମ୍ଫାଟିକ ଫାଇଲେରିଆ ଔଷଧ ଖୁଆଇ ଅଭିଯାନର ଶୁଭାରମ୍ଭ କରିଥିଲେ । ବାତଜ୍ୱର ଓ ଫାଇଲେରିଆ ରୋଗର ଭୟାବହତା ସମ୍ପର୍କରେ ସୂଚନା ଦେବା ସହ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁ ରହିବ ବୋଲି ସେ କହିଥିଲେ । ଏହି ଅଭିଯାନକୁ ସଫଳ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରତିନିଧି ଡାକ୍ତର ଦେବକାନ୍ତ ନାୟକ, ଫାଇଲେରିଆ ନିରୋଧ ଅଭିଯାନର ରାଜ୍ୟ ପରାମର୍ଶଦାତା ଦେବକାନ୍ତ ସନ୍ଧିବିଗ୍ରହ, ଜିଲା ବାହକ ବାହିତ ରୋଗ ପରାମର୍ଶଦାତା ଡାକ୍ତର ଆଲୋକ କୁମାର ପତି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବାତଜ୍ୱର ଓ ଫାଇଲେରିଆ ରୋଗ ନିରାକରଣରେ ଏହି ଅଭିଯାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଆସନ୍ତା ୨୦୩୦ ମସିହା ସୁଦ୍ଧା ଦେଶରୁ ଫାଇଲେରିଆ ନିରାକରଣ ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ସଫଳ କରିବା ପାଇଁ ସେମାନେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲାରେ ସମସ୍ତ ଯୋଗ୍ୟ ହିତାଧିକାରୀ ୨ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥଙ୍କ ବ୍ୟତୀତ ଅନ୍ୟ ସମସ୍ତ ବର୍ଗର ଲୋକଙ୍କୁ ଆଶା, ଅଙ୍ଗନୱାଡି କର୍ମୀ ଏବଂ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଫାଇଲେରିଆ ନିରୋଧୀ ଔଷଧ ସେବନ କରାଇବେ । ଏହି କାର୍ଯ୍ୟକ୍ରମ ଅଧୀନରେ ଗୋଷ୍ଠୀ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଫାଇଲେରିଆ ନିରାକରଣ ଦିଗରେ ପ୍ରତିବଦ୍ଧତା ସହିତ ଲୋକ ପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱାସ୍ଥ୍ୟ କର୍ମୀ ଏବଂ ଜନସମୂଦାୟ ଯେଭଳି ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବେ, ସେନେଇ ସବୁ ମହଲର ପ୍ରୟାସ ଆରମ୍ଭ ହୋଇଛି ବୋଲି ଅତିଥିମାନେ ସୂଚନା ଦେଇଛନ୍ତି । ଶେଷରେ ଡିପିଏମ ଅନୀଲ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ରୀକାନ୍ତ ସେଠୀ ଓ ଅତିରିକ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରମଣୀକାନ୍ତ ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ପ୍ରତିଶ୍ରୁତି ପରେ ୩ୟ ଦିନରେ ଧାରଣାରୁ ଉଠିଲେ ସୁକୁମାର

## ଟ୍ରାଫିକ ସମସ୍ୟା ସ୍ଥାୟୀ ସମାଧାନ ପାଇଁ ଦେଇଥିଲେ ଧାରଣା



ବାରିପଦା, ୧୦/୦୨ (ନି.ପ୍ର): ସହରରେ ଦେଖାଯାଉଥିବା ଟ୍ରାଫିକ ସମସ୍ୟା ର ସ୍ଥାୟୀ ସମାଧାନ ପାଇଁ ଗତ ସୋମବାର ଠାରୁ ଶାନ୍ତିପୂର୍ଣ୍ଣ ଭାବେ ଅହିଂସା ନୀତିରେ ବାରିପଦାର ସତ୍ୟସାଇ ଛକରେ ଧାରଣାରେ ବସିଥିଲେ ୱାଇଡିସି ହ୍ୟୁମାନ ରାଇଟସ କମିଶନ ର ରାଜ୍ୟ ସଭାପତି ସୁକୁମାର ରଞ୍ଜନ ପ୍ରଧାନ । ଶ୍ରୀ ପ୍ରଧାନ ୨୦୨୧ ଜାନୁଆରୀ ୧୮ତାରିଖରେ ପୂର୍ବରୁ ମଧ ଏହିଭଳି ଧାରଣାରେ ବସିଥିଲେ । ଏକମାସ ମଧ୍ୟରେ ସମସ୍ୟାର ସମାଧାନ ହେବା ନେଇ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣାରୁ ଉଠିଥିଲେ । ତେବେ ଏକମାସ ଯାଇ ଏକବର୍ଷ ପୁରି ଯାଇଥିଲେ ମଧ ସମସ୍ୟାର କୌଣସି ସମାଧାନ ହୋଇନଥିବାରୁ ସୋମବାର ଠାରୁ ପୁଣି ଧାରଣାରେ ବସିଥିଲେ । ବାରିପଦାର ବସଷ୍ଟାଣ୍ଡ ଠାରୁ ଦାରୋଗାଡ଼ାହି ଗୋଲେଇ ପର୍ଯ୍ୟନ୍ତ ରାସ୍ତାଟି ମୁଖ୍ୟ ରାସ୍ତା ଥିବା ବେଳେ ଅବାଧ ଭାବେ ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଉତ୍କଟ ହେଉଛି । ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଆବଦ୍ଧ ଭାବରେ ଘରୋଇ ବସ ମାଲିକ ମାନେ ବସ ଗୁଡିକ ପାର୍କିଂ କରୁଥିବାରୁ ରାସ୍ତାଟି ସଂକୀର୍ଣ୍ଣ ହୋଇପଡ଼ିଛି । ଯାହା ଫଳରେ ରାସ୍ତା ଜାମ ସହ ଅନ୍ୟ ଟ୍ରାଫିକ ସମସ୍ୟା ଦେଖାଯାଉଛି ଏବଂ ବହୁ ସମୟରେ ଦୁର୍ଘଟଣା ମାନ ଘଟୁଛି । ତେଣୁ ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ଦାବି କରି ସେ ତିନିଦିନ ହେଲା ଧାରଣାରେ ବସିରହିଥିଲେ । ତେବେ ଆଜି ଧାରଣାର ୩ୟ ଦିନରେ ବାରିପଦା ଟାଉନଥାନା ଅଧିକାରୀ ବିରେନ୍ଦ୍ର ସେନାପତି ଓ ବାରିପଦା ପୌରପରିଷଦର ପୂର୍ବତନ ଉପ ନଗରପାଳ ସମାଜସେବୀ ଜିତେନ୍ଦ୍ର ମହାନ୍ତି (ନଛି) ଧାରଣା ସ୍ଥଳରେ ପହଂଚି ସତ୍ୟାସାଇ ଛକରେ ଟ୍ରାଫିକ ପୋଷ୍ଟ କାର୍ଯ୍ୟକାରୀ କରିବା ଏବଂ ପଂଚାୟତ ନିର୍ବାଚନ ପରେ ଏକ କମିଟି ଗଠନ କରି ବେଆଇନ ପାର୍କିଂ ଉଠାଇବା ପାଇଁ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶୃତି ମିଳିବା ପରେ ସୁକୁମାର ଧାରଣାରୁ ଉଠି ଥିବାର ଜଣା ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo